ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, September 20/2023 Page 20 ₹ 7.00

୪୯ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 296 ମୂଲ୍ୟ ₹୭/-




KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ | Bhubaneswar, Wednesday, September 20/2023 | ପୃଷ୍ଠା-୧


**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକାପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

**ଆଜିର ସମ୍ପାଦକୀୟ**

ପାର୍ଲାମେଣ୍ଟ ଧାମ

ସୂଚନା: ଅନିବାର୍ଯ୍ୟ କାରଣବଶତଃ 'କୃଷି ଜୀବନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ଅଟୋ-ଟ୍ରକ୍ ଧକ୍କା: ପରିବାରର ୩ ମୃତ

ଭବାନୀପାଟଣା/ଜୁନାଗଡ଼,୧୯।୯ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲାରେ ବୁଧବାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାପୂର୍ବରୁ ମଙ୍ଗଳବାର ଜିଲାରେ ଏକ ଦୁଃଖଦ ଘଟଣା ଘଟିଛି। ଜିଲାର ଜୁନାଗଡ ଥାନା ଅଧୀନ ଟିକିଲି ଛକ ବୁଲାଣି ନିକଟରେ ଅଟୋ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଅଟୋରେ ବସିଥିବା ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଥୁଆମୂଳ ରାମପୁର ଥାନା କାଠକୁରା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ (୨୫), ପଦୁଶର ନାଏକ (୫୦) ଓ ଅମୃତସର ନାଏକ (୪୫)। ଦୁର୍ଘଟଣାରେ ଗୁରୁତର ୬ଜଣ ଆହତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାଠକୁରା ଗ୍ରାମର ଗୋଟିଏ ପରିବାରର ୯ଜଣ ପୂର୍ବାହ୍ନରେ ଏକ ଅଟୋ ☞ପୃଷ୍ଠା-୨

# ୨୦୨୯ ସୁଦ୍ଧା ମହିଳାଙ୍କୁ ସଂରକ୍ଷଣ



ମହିଳା ଏମ୍‌ପିମାନେ ପୁରୁଣା ପାର୍ଲାମେଣ୍ଟରୁ ନୂଆ ସଂସଦ ଭବନକୁ ଯାଉଛନ୍ତି।

**ସଂସଦ ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର କେନ୍ଦ୍ର ସରକାର ଲୋକ ସଭାରେ ନୂଆ ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ୧୨୮ତମ ସଂଶୋଧନ ବିଲ୍‌କୁ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଆଗତ କରିଛନ୍ତି। ବିଲ୍ ଆଇନରେ ପରିଣତ ହୋଇ ପ୍ରଥମ ଜନଗଣନା ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଶେଷ ହେବା ପରେ ୨୦୨୯ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ,୧୯।୯

ନୂଆ ପାର୍ଲାମେଣ୍ଟ ହାଉସ୍‌ର ପ୍ରଥମ ଲୋକ ସଭାରେ ଆଗତ ହୋଇଥିବା ଏହି ବିଲ୍‌କୁ ପ୍ରଧାନମନ୍ତ୍ରୀ ଏକ 'ଐତିହାସିକ ପଦକ୍ଷେପ' ଭାବେ ଅଭିହିତ କରିଛନ୍ତି। ୧ ଦଶନ୍ଧି ପୂର୍ବରୁ ପାର୍ଲାମେଣ୍ଟର ନିମ୍ନ ସଦନରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଥିଲା। ସେହି

■ **ଲୋକ ସଭାରେ ଆଗତ ହେଲା ନୂଆ ବିଲ୍**

■ **ଲୋକ ସଭା, ବିଧାନସଭାଗୁଡ଼ିକରେ ମିଳିବ ୩୩% ସଂରକ୍ଷଣ**

୧୦୮ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୧୦ରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ତେବେ ପଞ୍ଚଦଶ ଲୋକ ସଭା (୨୦୦୯-୨୦୧୪) ଭଙ୍ଗ ହେବା ସହ ଉକ୍ତ ବିଲ୍ ରଦ୍ଦ ହୋଇଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ନୂଆ ବିଲ୍ ୨୦୧୦ରେ ଉପା ଅମଳରେ ଆଗତ ବିଧେୟକ ସଦୃଶ। କିନ୍ତୁ ୨୦୨୬ରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ପରେ ଏହା କାର୍ଯ୍ୟକାରୀ ହେବ। ଅର୍ଥାତ୍ ୨୦୨୯ ସୁଦ୍ଧା ଆଇନ ଲାଗୁ ହେବ। ମହିଳାଙ୍କୁ କେବଳ ଲୋକ ସଭା ଓ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣ ମିଳିବ। ଅନ୍ୟ ଅର୍ଥରେ ☞ପୃଷ୍ଠା-୨

## ସମସ୍ତ ଶ୍ରେୟ ନବୀନଙ୍କର: ବିଜେଡି

ଭୁବନେଶ୍ୱର,୧୯।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ଲୋକ ସଭାରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ୨୦୧୯ ନିର୍ବାଚନରେ ବିଜେଡି ଲୋକ ସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିଛି। ୭ ଜଣ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ବିଜୟୀ ହୋଇଛନ୍ତି। ବିଜେଡି ସରକାର ବିଭିନ୍ନ ପୌର ନିର୍ବାଚନରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବିଜେଡିର ବରିଷ୍ଠ ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ପାର୍ଲମେଣ୍ଟରେ ମହିଳା ସଂରକ୍ଷଣ ବିଲ ଆଗତ ହେବାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ନିଶ୍ଚିତ ଯିବ। ମହିଳାମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଏବେ ତାହା ଫଳପ୍ରଦ ହେବାକୁ ଯାଉଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ରାଜନୀତିରେ ମହିଳାମାନଙ୍କୁ ସୁଯୋଗ ଦେଇଥିଲେ। ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ଏହାକୁ ଆହୁରି ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟ ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାକୁ ☞ପୃଷ୍ଠା-୨













**ଆଜିର ମନ୍ତବ୍ୟ**

"ସଂରକ୍ଷଣ ବ୍ୟବସ୍ଥା ଉପରେ ରାଜ୍ୟଗୁଡ଼ିକୁ ନିଷ୍ପତ୍ତି ଅଧିକାର ଦିଆଯାଉ। କୋଟାକୁ ୫୦ ପ୍ରତିଶତ ଭିତରେ ସୀମିତ ରଖା ନ ଯାଉ।"
–ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ଜାଣି ଦେଉଳ ଦୋଷ**
**ଦେଉଳ ଯାଉଛି ଅଢ଼େଇ କୋଶ।**

ବାଟ ଚାଲି କରି ଦେଉଳକୁ ଯାଇପାରୁନଥିବା ବ୍ୟକ୍ତି ଦେଉଳ ଥରକୁ ଥର ଘୁଞ୍ଚି ଯାଉଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚାଲି ତ ଚାଲି ହାତୀର ଚାଲି**
**ଆଉ ତ ଚାଲି ହଂସର**
**ଗାଳି ତ ଗାଳି ସଉତୁଣୀର**
**ଆଉ ବା ଗାଳି କାହାର ?**

ହାତୀ ଓ ହଂସର ଚାଲି ଖୁବ୍ ଆକର୍ଷଣୀୟ ଲାଗିଥାଏ। ସେହି ଦୃଷ୍ଟିରୁ କିଛି ଯୁବତୀଙ୍କ ସୁନ୍ଦର ଚାଲି ପ୍ରତି ଏଭଳି ଉପମା ଦିଆଯାଉଥିବା ଜଣାଯାଇଥାଏ। ସେହିପରି ଅନ୍ୟ କାହାର ଗାଳି ଅପେକ୍ଷା ସଉତୁଣୀର ଗାଳି ବଡ଼ ଯନ୍ତ୍ରଣାଦାୟକ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଗ୍ରାମ୍ୟ ବ୍ୟାଙ୍କରେ ୩୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ନାଁରେ ଋଣ

## ଇଷ୍ଟର୍ନ ମିଡିଆ ନାଁରେ ଋଣ ଦୁର୍ନୀତି ମାମଲା

ଭୁବନେଶ୍ୱର,୧୯ା୯ (ସତ୍ୟଜିତ୍ ରାଉତ)

ଇଷ୍ଟର୍ନ ମିଡିଆ ଲିମିଟେଡ୍ ସଂସ୍ଥା ଦ୍ୱାରା ପରିଚାଳିତ ଦୈନିକ ଖବରକାଗଜ 'ସମ୍ବାଦ'ରେ କର୍ମଚାରୀଙ୍କ ନାମରେ ଜାଲିଆତି କରି ବ୍ୟାଙ୍କରୁ ଋଣ ଉଠାଣ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଇଷ୍ଟର୍ନ ମିଡିଆ ସଂସ୍ଥାର ୩୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଗତ ୫ ବର୍ଷ ମଧ୍ୟରେ ଭୁବନେଶ୍ୱର ଆଇଆର୍‌ସି ଭିଲେଜସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଋଣ ନେଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ମଙ୍ଗଳବାର ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

ଏଥିରେ ଆହୁରି ଦର୍ଶାଯାଇଛି ଯେ, ଏହି ମାମଲାରେ କେତେଜଣ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ତଥା ଅଭିଯୋଗକାରୀଙ୍କୁ ପଚରାଉଚରା କରାଯାଇଛି। ସେମାନେ ଅଭିଯୋଗକୁ ସତ୍ୟ ବୋଲି ସ୍ୱୀକାର କରିବା ସହ ଏହି ଋଣ ଜାଲିଆତି ସଂକ୍ରାନ୍ତରେ ଅଧିକ ତଥ୍ୟ ପ୍ରଦାନ କରିଛନ୍ତି। ଏହି ସଂସ୍ଥା ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଭାବେ ବାଧ୍ୟ ବାଧକତାରେ ଜାଲିଆତି କରି ବହୁ କୋଟି ଟଙ୍କାର ଋଣ ଉଠାଇଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଏପରିକି ଏସ୍‌ବିଆଇ ଏବଂ ଅନ୍ୟ ବ୍ୟାଙ୍କରୁ ଋଣ ଉଠାଣ ଦିଗକୁ ନେଇ ଅଧିକ ଛାନ୍‌ଭିନ୍ ଚାଲିଛି। ତେଣୁ ମୋଟ ଋଣ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି କୁହାଯାଇଛି। ତେବେ ପ୍ରାୟସବୁ ଋଣର ପ୍ରକ୍ରିୟା ସମାନ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ବ୍ୟାଙ୍କର ସହଜ ଋଣ ଅଧୀନରେ ଥିବା ୫ଲକ୍ଷ ଟଙ୍କା ଘର ତଥା ଘର ମରାମତି ପାଇଁ ଋଣ ନିଆଯାଇଛି। ଏହି ଋଣ ପାଇଁ ସଂସ୍ଥା ପକ୍ଷରୁ ଦାଖଲ ହୋଇଥିବା ସାଲାରି ସ୍ଲିପ୍‌ରେ କର୍ମଚାରୀଙ୍କ ପ୍ରକୃତ ଦରମାଠୁ ଅଧିକ ଦର୍ଶାଯାଇଛି। ଏପରିକି ଏହି ଲୋନ୍ ଫର୍ମକୁ ଆଉ କେହି ପ୍ରସ୍ତୁତ ତଥା ଦାଖଲ କରିଥିବାବେଳେ ଋଣଗ୍ରହୀତା କେବଳ ତାଙ୍କ ଦସ୍ତଖତ ମାରିଥାନ୍ତି। ସଂସ୍ଥାର କର୍ମଚାରୀ ତଥା ଋଣଗ୍ରହୀତା ଟଙ୍କାଟିଏ ବି ଗ୍ରହଣ କରି ନଥାନ୍ତି ବା ଏହାଦ୍ୱାରା ଉପକୃତ ବି ହୋଇ ନ ଥିବା ଜଣାପଡ଼ିଛି। ଋଣ ମିଳିବା ପରେ ଏହାର ଟଙ୍କାକୁ ନଗଦ ଆକାରରେ ଉଠାଯାଇଛି। ଏପରି କି ଋଣର ମାସିକ କିସ୍ତି(ଇଏମ୍‌ଆଇ) କର୍ମଚାରୀଙ୍କ ଦରମା ସହ ପ୍ରାୟ ସମାନ ହୋଇଥାଏ। କେତେଜଣ କର୍ମଚାରୀଙ୍କୁ ୨ରୁ ୩ ଥର ଋଣ ନେବାକୁ ବାଧ୍ୟ କରାଯାଇଛି। କର୍ମଚାରୀଙ୍କୁ ସାଲାରି ସ୍ଲିପ୍ ଦିଆଯାଉ ନ ଥିବାବେଳେ ଋଣ ଭରଣା ପାଇଁ ମାସିକ କିସ୍ତି ଇଷ୍ଟର୍ନ ମିଡିଆ ପକ୍ଷରୁ ହିଁ ଭରାଯାଇଥାଏ। ଏହି କିସ୍ତି ୬୦ଟି ଇନ୍‌ଷ୍ଟଲ୍‌ମେଣ୍ଟରେ ଦିଆଯାଇଥାଏ। ଆଶ୍ଚର୍ଯ୍ୟର କଥା ଅନେକ କ୍ଷେତ୍ରରେ କର୍ମଚାରୀମାନେ କାମ ଛାଡ଼ିବା ପରେ ମଧ୍ୟ ସଂସ୍ଥା ପକ୍ଷରୁ ଉକ୍ତ ଇଏମ୍‌ଆଇ ଭରାଯାଇଥାଏ। ଏଭଳି ଋଣ ଉଠାଣ ବର୍ଷବର୍ଷ ଧରି ଇଷ୍ଟର୍ନ ମିଡିଆ ସଂସ୍ଥା ଦ୍ୱାରା କରାଯାଉଥିବା ତଦନ୍ତ ସମୟରେ ଜଣାପଡ଼ିଛି। ସମ୍ପୂର୍ଣ୍ଣ ଯୋଜନାବଦ୍ଧ ଭାବେ ସଂସ୍ଥା ପକ୍ଷରୁ ଏହି ଜାଲିଆତି କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ପ୍ରେସ୍ ନୋଟ୍‌ରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ସମ୍ବାଦ ମାନବ ସମ୍ବଳ ବିଭାଗ ମୁଖ୍ୟ ବୈଜୟନ୍ତୀ କର ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ସୂଚନାଥାଉ କି, ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଇଷ୍ଟର୍ନ ମିଡିଆର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଇଓଡବ୍ଲ୍ୟୁ ଟିମ୍ ଚଢ଼ାଉ କରି ଯାଞ୍ଚ କରିବା ସହ ସେଠାରୁ ଅଭିଯୋଗ ସମ୍ବନ୍ଧୀୟ ଏକାଧିକ ଦସ୍ତାବିଜ୍ ଜବତ କରିଥିଲା। ଏପରିକି ସମ୍ବାଦର ୧୫ରୁ ୨୦ଜଣ ପୂର୍ବତନ କର୍ମଚାରୀ ସମାନ ଅଭିଯୋଗ ଆଣିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଥିଲା।

# କଟକରୁ ବାବାଙ୍କୁ ଧରିଲା କର୍ନାଟକ ପୋଲିସ

**ଦେଢ଼ କୋଟି ନେଇ ଭାଜପା ବିଧାୟକ ଟିକେଟ ଦେବାକୁ କହି ଠକେଇ**

କଟକ ଅଫିସ୍,୧୯ା୯(କାର୍ତ୍ତିକ ସାହୁ)

କର୍ନାଟକର ଜଣେ ଶିଳ୍ପପତିଙ୍କୁ ଭାଜପା ବିଧାୟକ ଟିକେଟ ପ୍ରଦାନ କରିବା ନାଁରେ ଦେଢ଼ କୋଟି ଟଙ୍କା ଠକେଇ ଅଭିଯୋଗରେ କର୍ନାଟକ ପୋଲିସ ସୋମବାର ରାତିରେ କଟକରୁ ଜଣେ ଫେରାର ବାବାଙ୍କୁ ଗିରଫ କରିଛି। ଗିରଫ ବାବା ଅଭିନବ ହାଲ୍‌ଶ୍ରୀ ଭୁବନେଶ୍ୱରରୁ ଟ୍ରେନ୍‌ରେ ବୋଧଗୟା ଯାଉଥିବା ସମୟରେ କର୍ନାଟକର ସିଟି ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚର ଏକ ଟିମ୍ ଗିରଫ କରିଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର ବେଙ୍ଗାଲୁରୁ କୋର୍ଟରେ ହାଜର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଦକ୍ଷିଣ କର୍ନାଟକର ବାଇନ୍ଦୁରୁ ବିଧାନସଭା ଆସନ ପାଇଁ ଗତ ନିର୍ବାଚନରେ ଭାଜପା ଟିକେଟ କରାଇଦେବାକୁ କହି ଜଣେ ଶିଳ୍ପପତିଙ୍କ ଠାରୁ ଅଭିଯୁକ୍ତ ବାବା ହାଲ୍‌ଶ୍ରୀ ଦେଢ଼ କୋଟି ନେଇଥିଲେ। ଏହି ଠକେଇରେ ହାଲ୍‌ଶ୍ରୀଙ୍କୁ ଏକ ର୍ୟାକେଟ ସହଯୋଗ କରିଥିଲା। ର୍ୟାକେଟର ମୁଖ୍ୟ ଚୈତ୍ର କୁନ୍ଦାପୁରା ଥିଲେ। ଟିକେଟ ନ ମିଳିବାରୁ ଠକାମିର ଶିକାର ହୋଇଥିବା ଜାଣି ଶିଳ୍ପପତି ଜଣକ ଗତ ୮ତାରିଖରେ ଉଡୁପି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଗତ ୧୨ତାରିଖରେ ଉଡୁପିରୁ କୁନ୍ଦାପୁରାଙ୍କୁ ଗିରଫ କରିଥିବାବେଳେ ହାଲ୍‌ଶ୍ରୀ ଫେରାର ହୋଇଯାଇଥିଲେ। ସେ ସେଠାରୁ ପ୍ରଥମେ ହାଇଦ୍ରାବାଦ୍ ପରେ ଫାରୁକାବାଦ୍, ପୁରୀ, କୋଣାର୍କ ଏବଂ ଶେଷରେ କାଶୀ ଚାଲିଯିବାକୁ ଯୋଜନା କରିଥିଲେ। ହାଲ୍‌ଶ୍ରୀ ଗିରଫ ହେବା ପରେ ଏହି ର୍ୟାକେଟରେ ସମ୍ପୃକ୍ତ ଭାଜପାର ଆଉ କିଛି ବଡ଼ବଡ଼ିଆ ନେତାଙ୍କ ସମ୍ପର୍କରେ ଜଣାପଡ଼ିବ ବୋଲି କୁନ୍ଦାପୁରା ଗିରଫ ହେବା ପରେ ପୋଲିସ ନିକଟରେ ସୂଚନା ଦେଇଥିଲେ।

# ଧାନ ଜମିରେ ଛୁଆ ହାତୀର ମୃତଦେହ



ଢେଙ୍କାନାଳ,୧୯ା୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ ମୋଟଙ୍ଗା ଥାନା ତାଳଦଣ୍ଡା ନଗାରି ଗ୍ରାମ ଧାନ ଚାଷ ଜମିରୁ ମଙ୍ଗଳବାର ଏକ ହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି। ମୃତ ହାତୀ ଛୁଆର ବୟସ ପ୍ରାୟ ବର୍ଷକରୁ କମ୍ ହେବ ବୋଲି ଜଣାପଡିଛି। ବନ ସଂରକ୍ଷକ ସୁବ୍ରତ ପାତ୍ର ଓ ଶ୍ୟାମା ଭାରତୀ ଏବଂ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ ହାତୀ ଛୁଆକୁ ପୋତି ଦିଆଯାଇଛି। ହାତୀପଲଙ୍କ ମଧ୍ୟରେ ସଂଘର୍ଷ କାରଣରୁ ଏପରି ଘଟଣା ଘଟିଥିବା ସନ୍ଦେହ କରାଯାଉଛି ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।

# ସ୍ମୃତି ଇରାନୀ ଓଡ଼ିଶାର ଖଣ୍ଡୁଆ ସିଲ୍‌କ ଶାଢ଼ି ପିନ୍ଧିଥିବା ଦେଖି ଖୁସିବ୍ୟକ୍ତ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୯ା୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଟୁଇଟ୍‌ରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ସହିତ ଉଠାଇଥିବା ଏକ ଫଟୋକୁ ପୋଷ୍ଟ କରିଛନ୍ତି। ଓଡ଼ିଶାର ଖଣ୍ଡୁଆ ସିଲ୍‌କ ଶାଢ଼ି ପିନ୍ଧିଥିବାରୁ ଧର୍ମେନ୍ଦ୍ର ଖୁସିବ୍ୟକ୍ତ କରିଛନ୍ତି। ଦେଶର ନୂଆ ପାର୍ଲାମେଣ୍ଟକୁ ଯିବାକୁ ଥିବା ଅବସରରେ ଓଡ଼ିଶାର ଏହି ସଂସ୍କୃତି ସହିତ ଜଡ଼ିତ ଶାଢ଼ି ପିନ୍ଧିଥିବା ଯୋଗୁ ଇରାନୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଅନ୍ୟପଟେ ସ୍ମୃତି ଇରାନୀ ଧର୍ମେନ୍ଦ୍ରଙ୍କ ଟୁଇଟ୍‌କୁ ରିଟୁଇଟ୍ କରି କହିଛନ୍ତି ଯେ, ଓଡ଼ିଶା ହେଉଛି ଅସାଧାରଣ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାର ଭଣ୍ଡାର। ଓଡ଼ିଶା ବୁଣାକାର ଓ କାରିଗରଙ୍କ ପାଇଁ ଧର୍ମେନ୍ଦ୍ର ନିରନ୍ତର ସହଯୋଗ କରିଆସୁଛନ୍ତି। ଓଡ଼ିଶାର ସମୃଦ୍ଧ ଐତିହ୍ୟର ପ୍ରୋତ୍ସାହନ ଓ ସଂରକ୍ଷଣ ଲାଗି ଧର୍ମେନ୍ଦ୍ରଙ୍କ ପ୍ରୟାସ ଅତୁଳନୀୟ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଗଣେଶ ପୂଜାରେ ବିଦ୍ୟୁତ ଦୁର୍ଘଟଣା: ୨ ଜୀବନ ଗଲା




# ୨୫ ସୁଦ୍ଧା ଶିକ୍ଷକ ତାଲିକା ଦେବାକୁ ନିର୍ଦ୍ଦେଶ

**ଯୁକ୍ତ୨ ପରୀକ୍ଷା ପାଇଁ ପ୍ରସ୍ତୁତି**

ଭୁବନେଶ୍ୱର, ୧୯ା୯(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବା ଦ୍ୱାଦଶ ପରୀକ୍ଷା ୨୦୨୪ ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଏଥିପାଇଁ ପରିଷଦ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବାବେଳେ ପରୀକ୍ଷା ପରିଚାଳନା ପାଇଁ ଶିକ୍ଷକଙ୍କ ତାଲିକା ମଗାଯାଇଥିଲା। ଗତ ୧୫ ତାରିଖ ସୁଦ୍ଧା ନିଜ ଶିକ୍ଷାନୁଷ୍ଠାନରେ ଥିବା ଶିକ୍ଷକଙ୍କ ତାଲିକା ବା ଷ୍ଟାଫ୍ ଇନ୍ ପୋଜିସନ (ଏସ୍‌ଆଇପି) ଦେବା ପାଇଁ କୁହାଯାଇଥିଲା। କିନ୍ତୁ ବହୁ ଉଚ୍ଚ ମାଧ୍ୟମିକ ସ୍କୁଲ କର୍ତ୍ତୃପକ୍ଷ ଏହି ତାଲିକା ପଠାଇନାହାନ୍ତି। ସେଥିପାଇଁ ସେମାନଙ୍କୁ ଆସନ୍ତା ୨୫ ତାରିଖ ସୁଦ୍ଧା ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ପରିଷଦ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ, କମ୍ପୋଜିଟ ସ୍କୁଲ, ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ଅପ୍‌ଗ୍ରେଡେଡ୍ ସରକାରୀ ମାଧ୍ୟମିକ ସ୍କୁଲ ଅଧକ୍ଷ ତଥା ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ସୂଚନାଯୋଗ୍ୟ, ଯୁକ୍ତ୨ ଦ୍ୱିତୀୟ ବର୍ଷ ଥିଓରି ପରୀକ୍ଷା ଫେବୃୟାରୀ ୧୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ହୋଟେଲ, ଜାତୀୟ ରାଜପଥରେ ବନ୍ଧୁକଧାରୀଙ୍କ ଆତଙ୍କ, ଯୁବକ ଗିରଫ

ବଲାଙ୍ଗୀର, ୧୯ା୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର–ସୋନପୁର ଜାତୀୟ ରାଜପଥର ଗିରିଗୋବର୍ଦ୍ଧନ ନିକଟରେ ଥିବା ଏକ ହୋଟେଲ ଏବଂ ଜାତୀୟ ରାଜପଥରେ ଜଣେ ଯୁବକ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟାରେ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଥିଲେ। ହୋଟେଲର କାଚ, ଆସବାବପତ୍ର ଭଙ୍ଗାରୁଜା କରିବା ସହ ଗୁଳି ଫୁଟାଇଥିଲେ। ଏହାପରେ ଜାତୀୟ ରାଜପଥରେ ଯାଉଥିବା ଲୋକଙ୍କୁ ଭୟଭୀତ କରିଥିଲେ। ବଲାଙ୍ଗୀର ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ବେହେରାପାଲିର ରାଜୁ ମାଝି।

ହୋଟେଲ ଭିତରେ ରାଜୁ ଗୁଳି ଫୁଟାଇ କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ଏନେଇ ହୋଟେଲ କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ମଧ୍ୟ ରାଜୁ ବନ୍ଧୁକ ଧରି ଆତଙ୍କ ସୃଷ୍ଟିକରି ଚାଲିଥିଲେ। ହୋଟେଲରୁ ୮ହଜାର ଟଙ୍କା ମଧ୍ୟ ନେଇଯାଇଥିବା ହୋଟେଲ ଲିଜ୍ ନେଇଥିବା ସନ୍ଦୀପ ନନ୍ଦ ଅଭିଯୋଗ କରିଛନ୍ତି। ଏହାପରେ ହୋଟେଲରୁ ବାହାରି ଜାତୀୟ ରାଜପଥରେ ଉତ୍ପାତ କରିଥିଲେ। ବୁଧବାର ନୂଆଁଖାଇ ତିହାର ଥିବାରୁ ରାସ୍ତାଘାଟରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବନ୍ଧୁକଧାରୀ ଯୁବକଙ୍କୁ ଦେଖି ଲୋକେ ଭୟଭୀତ ହୋଇପଡ଼ିଥିଲେ। ବନ୍ଧୁକଧାରୀ ଯୁବକ ସାମ୍ନାପଟରୁ ଆସୁଥିବା ଏକ ବୋଲେରୋ ଗାଡ଼ିକୁ ଅଟକାଇ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଡରାଇଥିଲେ। ଡ୍ରାଇଭରଙ୍କୁ ଗାଡ଼ି ବୁଲାଇ ବେହେରାପାଲି ଅଭିମୁଖେ ଯିବାକୁ ନିର୍ଦ୍ଦେଶ ଦେଇ ଉକ୍ତ ବୋଲେରୋରେ ବସି ପଡ଼ିଥିଲେ। ଭୟଭୀତ ଡ୍ରାଇଭର ଗାଡ଼ି ବୁଲାଇ ବେହେରାପାଲି ଅଭିମୁଖେ ଯିବାବେଳେ ପୋଲିସ ଟିମ୍ ଉକ୍ତ ଗାଡ଼ିକୁ ଅଟକାଇ ବନ୍ଧୁକଧାରୀ ଯୁବକଙ୍କୁ କାବୁ କରିନେଇଥିଲେ ବୋଲି ବଲାଙ୍ଗୀର ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ରାଜୁ ଉକ୍ତ ହୋଟେଲ ମାଲିକ ବିଷ୍ଣୁ ପତିଙ୍କ ଡ୍ରାଇଭର ଭାବେ ପୂର୍ବରୁ କାମ କରୁଥିବା ପୋଲିସ ସୂଚନା ଦେଇଛି। କେଉଁ କାରଣରୁ ସେ ବନ୍ଧୁକ ଧରି ଏଭଳି କାଣ୍ଡ ଭିଆଇଲେ ସେନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ବାଗ କହିଛନ୍ତି। ଯୁବକଙ୍କ ପାଖରୁ ବନ୍ଧୁକ ଜବତ କରାଯାଇଥିବା ସେ କହିଛନ୍ତି। ତେବେ ଯୁବକ ଗୁଳି ଫୁଟାଇଛନ୍ତି କି ନାହିଁ ସେନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

# ବିବାହିତ ପ୍ରେମୀଯୁଗଳଙ୍କୁ ବିବାହ କରାଇଲେ ଗ୍ରାମବାସୀ

ବାହାନଗା,୧୯ା୯(ଅରୂପ କୁମାର ଦାସ)

ପରକୀୟା ପ୍ରୀତିରେ ମସଗୁଲ ବିବାହିତ ପ୍ରେମୀଯୁଗଳଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ଲୁଚାଛପା ପ୍ରେମ ଧରାପଡ଼ିବା ପରେ ଗ୍ରାମବାସୀ ଉଭୟଙ୍କୁ ଧରି ବିବାହ କରାଇଦେବା ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ସୋମବାର ସୋର ଥାନା ବାରାପୁର ଅଞ୍ଚଳର ନିତ୍ୟାନନ୍ଦ ମହାଳିକ ଜଣେ ମହିଳାଙ୍କ ଘରେ ପଶି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ଗ୍ରାମବାସୀ ସେମାନଙ୍କୁ କାବୁ କରିଥିଲେ। ପରେ ଯୁବକଙ୍କୁ ଉତ୍ତମମଧ୍ୟମ ଦେଇଥିଲେ। ଖବରପାଇ ଉଭୟଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଓ ଉଭୟ ପରିବାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରେମୀଯୁଗଳଙ୍କୁ ବିବାହ କରାଇ ଦିଆଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ସମସ୍ତ ଶ୍ରେୟ...

୨୦୧୮ରେ ବିଧାନସଭାରେ ସଙ୍କଳ୍ପ ପାରିତ ହୋଇଥିଲା ବୋଲି ପ୍ରମିଳା କହିଛନ୍ତି। ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ସକାଶେ ଏକ ତୃତୀୟାଂଶ ସ୍ଥାନ ସରକ୍ଷଣ ପାଇଁ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକାଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଏହା ସହାୟତା କରିବ ବୋଲି କେନ୍ଦ୍ର ସରକାର କହିଛନ୍ତି। ବିଧାନସଭାରେ ସଂକଳ୍ପ ପାରିତ କରାଇ ଜାତୀୟ ସ୍ତରରେ ସବୁ ଦଳର ସହମତି ଆଣିବାରେ ନବୀନ ସାଜିଥିଲେ ପ୍ରଥମ ପୁରୋଧା। ୧୯୯୬, ୧୯୯୮, ୧୯୯୯ ଓ ୨୦୧୦ରେ ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ଆସିଥିଲା। କିନ୍ତୁ ଆନ୍ତରିକତା ଅଭାବରୁ ତାହା ପାରିତ ହୋଇ ପାରି ନ ଥିଲା। ଜାତୀୟ ସ୍ତରରେ ସହମତି ପାଇଁ ନବୀନ ୨୨ଟି ରାଜନୈତିକ ଦଳର ମୁଖ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଲଗାତର କେନ୍ଦ୍ର ଆଗରେ ଦାବି କରିବା ସହ ପାର୍ଲମେଣ୍ଟର ପ୍ରତି ଅଧିବେଶନରେ ବିଜେଡି ଏମ୍‌ପିମାନେ ଜୋରଦାର ଦାବି କରିଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲଗାତାର ସଂଗ୍ରାମର ଫଳ ଏବେ ଦେଶର ମହିଳାଙ୍କ ପାଇଁ ନୂଆ ଇତିହାସ ଲେଖିବାକୁ ଯାଉଛି।

## ୨୦୨୯ ସୁଦ୍ଧା...

ବୁଝିବାକୁ ଗଲେ, ଉକ୍ତ ବିଲ୍ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଲୋକ ସଭାର ୫୪୩ ଆସନ ମଧ୍ୟରୁ ୧୮୧ ଏବଂ ସାରା ଦେଶର ବିଧାନସଭାଗୁଡ଼ିକରେ ଥିବା ୪,୧୨୯ ଆସନରୁ ୧,୩୭୦ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ରାଜ୍ୟ ସଭା କିମ୍ବା ବିଧାନ ପରିଷଦଗୁଡ଼ିକରେ ସେମାନେ ସଂରକ୍ଷଣ ସୁବିଧା ପାଇବେ ନାହିଁ। ମହିଳା ସଂରକ୍ଷଣ ବିଲ୍ ଆଇନରେ ପରିଣତ ହେଲେ ୧୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ତେବେ ପରବର୍ତ୍ତୀ ସମୟରେ ଆବଶ୍ୟକତାକୁ ଦେଖି ଏହି ଅବଧି ବୃଦ୍ଧି କରାଯାଇପାରେ। ମୋଦି ସରକାରଙ୍କ ସଂରକ୍ଷଣ ବିଲ୍‌ରୁ ଆଙ୍ଗ୍ଲୋ–ଇଣ୍ଡିଆନ୍ ସମୁଦାୟ ପାଇଁ ସଂରକ୍ଷଣ ସୁବିଧା ଥିବା ୨ଟି ଅନୁଚ୍ଛେଦର ସଂଶୋଧନ ଜରିଆରେ ଏହାକୁ ବାଦ୍ ଦିଆଯାଇଛି। କିନ୍ତୁ ୨୦୨୦ର ଚିଠାରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବଳବତ୍ତର ରହିବ। ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଏଥିରେ କୌଣସି ଅତିରିକ୍ତ ସଂରକ୍ଷଣ ବ୍ୟବସ୍ଥା କରାଯାଇନାହିଁ।

## ଅଟୋ-ଟ୍ରକ୍ ଧକ୍କା...

(ନଂ.ଓଡି୦୮– ଏସ୍‌୩୬୯) ଯୋଗେ ଧର୍ମଗଡ ବ୍ଲକ ଛିଲିପା ଗ୍ରାମର ସମ୍ପର୍କୀୟ ଘରକୁ ଯାଉଥିଲେ। ଏହି ସମୟରେ ବାଟରେ ଜୁନାଗଡ ଥାନା ଚିଙ୍କିଲି ଛକ ବୁଲାଣି ନିକଟରେ ଜୁନାଗଡ ପଟୁ ଆସୁଥିବା ଏକ ଟ୍ରକ୍ (ନଂ.ସିଜି୦୭ସି–୩୪୯୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଅଟୋରେ ବସିଥିବା ସମସ୍ତେ ଗୁରୁତର ହୋଇଥିଲେ। ପ୍ରଥମେ ସେମାନଙ୍କୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ସହିତ ଚାଳକଙ୍କୁ ସ୍ଥାନୀୟ ଚିଲଗୁଡା ଫାଣ୍ଡିରେ ଅଟକ ରଖାଯାଇଥିବା ପୋଲିସଠାରୁ ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଚିନ୍ତାଧାରା ବିକ୍ଷିପ୍ତ ରହିବା କାରଣରୁ କୌଣସି କାମ ଶୃଙ୍ଖଳିତ ହୋଇପାରିବନାହିଁ। ପିଲାମାନଙ୍କ ସ୍ୱାସ୍ଥ୍ୟହାନି ଏବଂ ଶିକ୍ଷା ସମ୍ପର୍କିତ ସମସ୍ୟା ମାନସିକ ସ୍ଥିତିକୁ ବିଷାଦିତ କରି ରଖିବ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ନିଜ ପରିସରରେ ବିବାଦୀୟ ଘଟଣାରେ ପାଟି ଖୋଲିବା ଠିକ୍ ହେବନାହିଁ।

**ବୃଷ** – ସମୟ ଓ ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ବ୍ୟସ୍ତତା ମଧ୍ୟ ବଢ଼ିଯିବ। ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** – ସମସ୍ତ ସୁବିଧା ଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ କାମ ନ ହେବା କାରଣରୁ ବ୍ୟସ୍ତ ହେବେ। ଋଣ ଭାରରେ ଅତିଷ୍ଠ ହେବା କାରଣରୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ହଠାତ୍ କୌଣସି ହୃଦୟବାନ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲିତ ରହିପାରେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**କର୍କଟ** – ପରୋକ୍ଷଶତ୍ରୁତା ହେତୁ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବେ। ଅନ୍ୟମନସ୍କ ରହି ବିଭିନ୍ନ ପ୍ରକାରର ସମସ୍ୟାକୁ ଡାକି ଆଣି ପାରନ୍ତି। ଘରର ବରାଦ ଜିନିଷ ଭୁଲ୍ ବଶତଃ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇପାରନ୍ତି।

**ସିଂହ** – କୌଣସି ନୂତନ କାମର ଯୋଜନା କରିବେ ଓ ସଫଳତା ମଧ୍ୟ ପାଇବେ। ବନ୍ଧୁଙ୍କ ସହ ଆଲୋଚନା, ଖେଳ, ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ମନୋରଞ୍ଜନ କାର୍ଯ୍ୟକ୍ରମ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା** – ଅନ୍ୟ ଦ୍ୱାରା ପରିଚାଳିତ ହୋଇ ସ୍ଥଗିତ କାମକୁ କରିଚାଲିବେ କିନ୍ତୁ ନିଜ ଇଚ୍ଛାରେ ନୁହେଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ବାନ୍ଧବୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସଙ୍ଗକୁ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ। ବନ୍ଧୁଙ୍କ ସହାୟତାରେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ଯୋଗ ରହିଛି।

**ତୁଳା** – ମନରେ ବିଭିନ୍ନ ପ୍ରକାରର ଚିନ୍ତା ଉଙ୍କି ମାରିବ କିନ୍ତୁ କିଛି ଅସୁବିଧା ହେବନି। କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା** – କୌଣସି କାମରେ ବ୍ୟସ୍ତତା ବଢ଼ିଯାଇପାରେ କିନ୍ତୁ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ** – ଆଜି ହଠାତ୍ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବନ୍ଧୁଙ୍କ ମାଧ୍ୟମରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି। ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** – ପାରିବାରିକ ସମସ୍ୟାର ସରଳ ସମାଧାନ କରି ମନକୁ ହାଲୁକା କରିବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହ କଳହରେ ଲିପ୍ତ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଲାଗି ରହିବ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** – ପରିବାରରେ ଘଟିଯାଇଥିବା କେତେକ ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ଆକସ୍ମିକ ଭାବରେ ଧାରକରଜ କରିବାକୁ ପଡିପାରେ।

**ମୀନ** – କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। କର୍ମକ୍ଷେତ୍ରରେ ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅବହେଳା ନ କରି ସାବଧାନତା ଅବଲମ୍ବନ କରନ୍ତୁ। ରାଜନୈତିକ ପୃଷ୍ଠପୋଷକତାରୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ଋଷିପଞ୍ଚମୀ ବୁଧବାର, ଶ୍ରୀମନ୍ଦିରରେ ଦାହଲୀଳା, ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପର୍ବ, ବୁଧେଇଓଷା ତୃତୀୟ ପାଳି, ଡିସେମ୍ବର ୨୦ ତାରିଖ, ରାଶିନକ୍ଷତ୍ର–ବିଶାଖା/ତୁଳା, ଦିବା ଘ. ୦୮.୪୩ମି. ଗତେ ବିଛାଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୭ମି. ଗତେ ଘ.୧୧.୪୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୦ମି. ଗତେ ଘ.୦୧.୧୦ମି. ମଧ୍ୟେ ରାହୁକାଳ।

## ରାସ୍ତାକଡ଼କୁ ବସ୍ ଖସିଲା

କୁଜଙ୍ଗ ୧୯।୯ (ମନୋଜ ପ୍ରଧାନ): ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଥୁରିଆ ନିକଟସ୍ଥ କଟକ- ପାରାଦୀପ ରାଜ୍ୟ ରାଜପଥରେ ମଙ୍ଗଳବାର ଏକ ବସ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଛି। ତେବେ ଏକ ଗଛରେ ଲାଗି ଅଟକିଯିବାରୁ ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ରାଜନ ନାମକ ବସ୍ (ଓଡି୦୫ ଏଆର ୧୮୩୫) ଓ ଅନ୍ୟ ଏକ ଘରୋଇ ବସ୍ କଟକରୁ ପାରାଦୀପ ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲା। ଏହି ସମୟରେ ରାଜନ ନାମକ ବସ୍ ଓଭରଟେକ କରିବାକୁ ଯାଇ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼କୁ ଖସିଯାଇଥିଲା।

## ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀଙ୍କ ସୁରକ୍ଷା ବଢ଼ିବ

ଭୁବନେଶ୍ୱର,୧୯।୯(ଅନିଲ ଦାସ): ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଏବଂ ମନ୍ତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମରେ ସୁରକ୍ଷା ଦେବା ପାଇଁ ଏକ ଉତ୍ସର୍ଗୀକୃତ(ଡେଡିକେଟେଡ୍) ଟିମ୍ ରହିବ। ଏହି ଟିମ୍‌ରେ ଦୁଇଜଣ ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କର ଅଫିସର ରହିବେ। ଏଥିସହିତ ୪ଜଣ ସଶସ୍ତ୍ର ପୋଲିସ ସବ୍‌ଇନ୍ସପେକ୍ଟର, ହାବିଲଦାର ଓ କନ୍‌ଷ୍ଟେବଲଙ୍କୁ ନିଯୁକ୍ତି କରାଯିବ। ସେହିପରି ନବୀନ ନିବାସର ସୁରକ୍ଷା ପାଇଁ ସଶସ୍ତ୍ର ସବ୍‌ଇନ୍ସପେକ୍ଟରଙ୍କ ସମେତ ୯୧ ଜଣ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବ। ସୁରକ୍ଷା କର୍ମୀଙ୍କୁ ତାଲିମ ଦେବା ପାଇଁ ତାଲିମ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏଥିପାଇଁ ନୂତନ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସେହିପରି ଓଡ଼ିଶା ବିଧାନସଭା ବାଚସ୍ପତି, ଉପବାଚସ୍ପତି ଏବଂ ମନ୍ତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରାଯାଇଛି। ସେମାନଙ୍କ ସୁରକ୍ଷା ପାଇଁ ୭୨ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ।

## ଆଜି ଚାଷୀଙ୍କ ଆକାଉଣ୍ଟକୁ ଯିବ କାଳିଆ ସହାୟତା

ଭୁବନେଶ୍ୱର, ୧୯।୯(ସୁନିତ୍ ମିଶ୍ର): ରାଜ୍ୟ ସରକାର ୪୪ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରକୁ ବୁଧବାର କାଳିଆ ସହାୟତା ପ୍ରଦାନ କରିବେ। ଏହି ଚାଷୀମାନଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୯୦୦ କୋଟି ଟଙ୍କାର ସହାୟତା ରାଶି ହସ୍ତାନ୍ତର କରାଯିବ। ନୂଆଖାଇ ଉପଲକ୍ଷେ ରାଜ୍ୟର ଚାଷୀମାନଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷର ରବି ଫସଲ ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସହାୟତା ରାଶି ପ୍ରଦାନ କରିବେ।




## ଲଘୁଚାପ: ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହେବାରୁ ଏହାର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୩ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ପୁରୀ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୧ ତାରିଖରେ କଳାହାଣ୍ଡି, କନ୍ଧମାଳ, ସୋନପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ବରଗଡ଼ ଏବଂ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଏବଂ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୩ ତାରିଖରେ ମଧ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଲଘୁଚାପ ଯୋଗୁ ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, କେନ୍ଦୁଝରରେ ୭ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ଖରିଆରରେ ୬, କୋରାପୁଟ ୬, ଗଞ୍ଜାମ ୫, ଗଜପତି ୫, ଅନୁଗୋଳ ୫, ରାୟଗଡ଼ା ୫, ମୟୂରଭଞ୍ଜ ୪ ଏବଂ ବାଲେଶ୍ୱରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୧୯ ମଧ୍ୟରେ ସ୍ୱାଭାବିକ ଭାବେ ୧୦୮୪.୨ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୧୭.୬ ମିଲିମିଟର। ରାଜ୍ୟର ୩୦ ଜିଲାରୁ ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ ଜିଲାରେ ୨୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ୪ ଜିଲାରେ ଏବେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। କଳାହାଣ୍ଡିରେ ୨୭, କେନ୍ଦ୍ରାପଡ଼ା ୨୫, ନୂଆପଡ଼ା ୨୯ ଏବଂ ପୁରୀ ଜିଲାରେ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ଲଘୁଚାପ ସୃଷ୍ଟି ହୋଇଥିବାରୁ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ କିଛି ପରିମାଣରେ ନିଅଣ୍ଟିଆ ବର୍ଷା ଭରଣା ହୋଇପାରିବ।






ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୦ ସେପ୍ଟେମ୍ବର, ୨୦୨୩

> ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ



# ପାର୍ଲାମେଣ୍ଟ ଧାମ

ବହୁ ପ୍ରତୀକ୍ଷିତ ସଂସଦର ସ୍ୱତନ୍ତ୍ର ଅଧିବେଶନ ସେପ୍ଟେମ୍ବର ୧୮ରୁ ଆରମ୍ଭ ହୋଇଛି। ପୁରୁଣା ସଂସଦ ଭବନରେ ଅଧିବେଶନର ପ୍ରଥମ ଦିନ ଶେଷ ହେବା ପରେ ସେପ୍ଟେମ୍ବର ୧୯ରେ ନୂଆ ବିଲ୍ଡିଂରେ ଏହା ଜାରି ରହିଛି। ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ପୁରୁଣା ଭବନକୁ ବିଦାୟ ଦିଆଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତୀତର ସ୍ମୃତି ବଖାଣିଥିଲେ। ସେ କହିଥିଲେ ଯେ, ପୁରୁଣା ସଂସଦ ଭବନ ଭବିଷ୍ୟତରେ ଏକ ପ୍ରେରଣାର ଉତ୍ସ ଓ ତୀର୍ଥସ୍ଥଳୀ ହୋଇ ରହିବ। ଏଭଳି କହିବା ସ୍ୱାଭାବିକ, କିନ୍ତୁ ନୂଆ ସଂସଦ ଭବନରେ ପୁରୁଣା ଅଭ୍ୟାସ ଛାଡ଼ିବାରେ ରାଜନୈତିକ ଦଳଗୁଡ଼ିକ କେତେ ସକ୍ଷମ ତାହା ହିଁ ଏକ ମୁଖ୍ୟ ପ୍ରଶ୍ନ। ଗଣେଶ ପୂଜାଦିନ ନୂଆ ସଂସଦ ଭବନରେ ପ୍ରବେଶ କରିବା ପରେ ପ୍ରଥମ ଦିନରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଛି। ଅଧିବେଶନ କେବଳ ଆଇନ ଗଢ଼ିବାରେ ଶେଷ ହେବ ବୋଲି ଆରମ୍ଭରୁ ଯାହା ଅନୁମାନ କରାଯାଉଥିଲା ତାହାର ସୂଚନା ଏହି ବିଲ୍‌ରୁ ମିଳିଛି। ଏହା ଏକ ଫମ୍ପା ରାଜନୈତିକ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବା ବିଲ୍ ବୋଲି ସ୍ପଷ୍ଟ ବୁଝାପଡୁଛି। ୨୦୧୧ ମସିହାର ଜନଗଣନାକୁ ନେଇ ଆଜି ୨୦୨୩ରେ କୌଣସି ସରକାରୀ ବିକାଶ କାର୍ଯ୍ୟ କିମ୍ବା ବିଧାନସଭା ଏବଂ ସଂସଦର ଆସନ ପୁନର୍ଗଠନ ବା ସୀମା ନିର୍ଦ୍ଧାରଣ ମଧ୍ୟ ସମ୍ଭବପର ହେବ ନାହିଁ। ଅର୍ଥାତ୍ ଏହି ମହିଳା ସଂରକ୍ଷଣ ଆଇନ ଗୃହୀତ ହେଲେ ଯାହା ନ ହେଲେ ତାହା।

> ଇତିହାସରୁ ସକାରାତ୍ମକ ଶିକ୍ଷା ନିଆଯିବା ଉଚିତ। ମୁହଁରେ ଗଣତନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟରେ ଅଗଣତାନ୍ତ୍ରିକ ହେବାର ପ୍ରୟୋଜନ ନାହିଁ। ସେଥିପାଇଁ ପୁରୁଣା ପାର୍ଲାମେଣ୍ଟ କୋଠରିକୁ ଅକାମୀ କରି ତୀର୍ଥସ୍ଥାନ ବୋଲି ଆଖ୍ୟାଦେଲେ ତାହା ଜଗନ୍ନାଥ ପୁରୀ କିମ୍ବା ଦ୍ୱାରିକା ଧାମ ହୋଇଯିବ ନାହିଁ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସ୍ୱତନ୍ତ୍ର ଅଧିବେଶନରେ କୌଣସି ପ୍ରଶ୍ନକାଳ ନାହିଁ। ଅତୀତକୁ ଦେଖିଲେ ପୁରୁଣା ସଂସଦ ଭବନରେ ସରକାରଙ୍କ ଏକଚାଟିଆ ମନୋଭାବ ଯୋଗୁ ସେଠାରେ ସାଂସଦମାନଙ୍କ କୌଣସି ପ୍ରଶ୍ନର ଉତ୍ତର ଦିଆଯିବା ଦେଖାଯାଇନାହିଁ। ସେଥିପାଇଁ ହୁଏତ ନିଜର ପରିସ୍ଥିତିକୁ ବୁଝି ସରକାର ଏହି ପ୍ରଶ୍ନକାଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛନ୍ତି। ଯଦି ଜଣେ ସାଂସଦ କୌଣସି ପ୍ରଶ୍ନ ପଚାରିପାରିବେ ନାହିଁ, ତେବେ ସଂସଦ କିମ୍ବା ଗଣତନ୍ତ୍ର ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇଗଲାଣି ବୁଝିବାକୁ ହେବ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତାଙ୍କ ପୂର୍ବ ଏକଚାଟିଆ ମନୋଭାବର ପୁନରାବୃତ୍ତି ବୋଲି କୁହାଯାଇପାରେ। ମହିଳା ସଂରକ୍ଷଣ ବିଲ୍ ପରେ ଅନ୍ୟସବୁ କ'ଣ ଆସିବ ଏବେ କାହାରିକୁ ଜଣା ନାହିଁ। ସବୁକିଛି ଗୋପନୀୟ ଭାବେ ହଠାତ୍ କରାଯାଇଥିବାରୁ ସଂସଦର ମୂଲ୍ୟହୀନତା ସ୍ପଷ୍ଟ ବୁଝାପଡୁଛି। ଏହା ସହ ଜମ୍ମୁ–କଶ୍ମୀର କିମ୍ବା ମଣିପୁର ଘଟଣା ବହୁ ଦୂରରେ ରହବା ଭଳି ମନେହେଉଛି। ମହିଳା ସଂରକ୍ଷଣ ବିଲ୍‌ରୁ ଖିଅ ଟାଣିଲେ ବୁଝାପଡୁଛି ଯେ, ନୂଆ ସଂସଦ ଭବନ ତିଆରି ହୋଇଥିବା ସତ୍ତ୍ୱେ କାହାରି ମାନସିକତାରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଇତିହାସକୁ ମିଥ୍ୟା ବୋଲି କହି ଭାଙ୍ଗିବାର ପ୍ରୟୋଜନ ନାହିଁ। ଯେମିତି ଇଣ୍ଡିଆ ଏବଂ ଭାରତବର୍ଷ ଉଭୟେ ଏହି ଦେଶର ନାମ ରହିଆସୁଥିବା ସତ୍ତ୍ୱେ ଏବେ ଏକ ବିକୃତ ପରିବର୍ତ୍ତନ କରିବାର ଚେଷ୍ଟା ହେଉଛି। ଇତିହାସରୁ ସକାରାତ୍ମକ ଶିକ୍ଷା ନିଆଯିବା ଉଚିତ। ମୁହଁରେ ଗଣତନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟରେ ଅଗଣତାନ୍ତ୍ରିକ ହେବାର ପ୍ରୟୋଜନ ନାହିଁ। ସେଥିପାଇଁ ପୁରୁଣା ପାର୍ଲାମେଣ୍ଟ କୋଠରିକୁ ଅକାମୀ କରି ତୀର୍ଥସ୍ଥାନ ବୋଲି ଆଖ୍ୟାଦେଲେ ତାହା ଜଗନ୍ନାଥ ପୁରୀ କିମ୍ବା ଦ୍ୱାରିକା ଧାମ ହୋଇଯିବ ନାହିଁ। ଭାରତୀୟ ପାର୍ଲାମେଣ୍ଟ କୋଠରିର ଇତିହାସ ଏହି ଦେଶର ୧୫୦ କୋଟି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ରାଜନେତା ଏବଂ ରାଜନୈତିକ ଦଳ ଓ ଚିନ୍ତାଧାରା ଆସିବେ ଯିବେ। ସମସ୍ତେ ଗୋଟିଏ ଦିନ ଇତିହାସ ହୋଇଯିବେ। ଏହି ଚିରନ୍ତନ ସତ୍ୟକୁ ସ୍ୱୀକାର କରି ନମ୍ର ହେଲେ ଇତିହାସରେ ସୁନାମ ରହିବ।

## ଚିରନ୍ତନୀ

ଯଉବନ! ଯଉବନ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ବୁକେ ଜଳିଉଠୁ
ମୋର ମହାଦୀପ। –(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 4 | | |
| | | 7 | | | | 1 | 5 | |
| | 1 | | | | | 6 | | 8 |
| 3 | | | 9 | | | | | |
| | | 6 | 4 | | | 8 | 7 | |
| | | | | | 8 | | 3 | |
| | | | 8 | 2 | | | 1 | |
| | | 3 | | | 4 | | | 6 |
| | | | | 5 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 7 | 6 | 3 | 4 | 9 | 5 | 2 |
| 9 | 6 | 2 | 8 | 5 | 1 | 4 | 3 | 7 |
| 4 | 3 | 5 | 7 | 2 | 9 | 6 | 1 | 8 |
| 7 | 4 | 1 | 5 | 6 | 2 | 3 | 8 | 9 |
| 6 | 5 | 9 | 1 | 8 | 3 | 2 | 7 | 4 |
| 2 | 8 | 3 | 9 | 4 | 7 | 5 | 6 | 1 |
| 3 | 7 | 6 | 2 | 9 | 8 | 1 | 4 | 5 |
| 1 | 9 | 4 | 3 | 7 | 5 | 8 | 2 | 6 |
| 5 | 2 | 8 | 4 | 1 | 6 | 7 | 9 | 3 |

ଗତକାଲିର ଉତ୍ତର

# ରାଷ୍ଟ୍ରୀୟ ସଂହତିର ଗୁରୁତ୍ୱ



ହରେକୃଷ୍ଣ ପଣ୍ଡା

ରାଷ୍ଟ୍ରୀୟ ସଂହତିକୁ ବାଦ୍‌ଦେଇ କୌଣସି ରାଜନୈତିକ ଦଳ କ୍ଷମତାସୀନ ହେଲେ, ସେହି ରାଷ୍ଟ୍ରର ଅଧୋଗତି ସୁନିଶ୍ଚିତ। ଦେଶ ଗଠନ, ଦେଶର ବିକାଶ, ପ୍ରଗତି ଦଳୀୟ ରାଜନୀତିର ଆଭିମୁଖ୍ୟ ହେବା ଉଚିତ। କିନ୍ତୁ ଆମ ଦେଶରେ ଦେଖାଯାଉଛି କ୍ଷମତାସୀନ ହେବା ଲାଗି ରାଜନେତାମାନେ ଦେଶର ସାର୍ବଭୌମତ୍ୱ, ସଂହତି, ସାମ୍ବିଧାନିକ ମର୍ଯ୍ୟାଦାକୁ ବଳି ଦେଉଛନ୍ତି। ଆଜିର ରାଜନୀତିରେ ଚେତନାର ଅଭାବ ପରିଲକ୍ଷିତ ହେଉଛି। ଆମର ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସୌରଜଗତର ଶୀର୍ଷରେ ପହଞ୍ଚିବା ପାଇଁ ଅଭିଯାନ ଚଳାଇବାକୁ ସମର୍ଥ ହୋଇଥିବା ବେଳେ ଆଜିର ରାଜନୀତି ଊର୍ଦ୍ଧ୍ୱକୁ ନ ଯାଇ ନିମ୍ନଗାମୀ ହେବା ଦୁଃଖର ବିଷୟ। କ୍ଷମତାନ୍ଧ ରାଜନେତା ଦେଶକୁ ସାଂପ୍ରଦାୟିକ ସୂତ୍ରରେ ଭାଗ ଭାଗ କରି କ୍ଷମତାସୀନ ହେବାର ଲାଳସା ସମଗ୍ର ଦେଶବାସୀଙ୍କୁ ଚକିତ କରିଛି। ଦେଶର ବିଚାର ବିଭାଗ ମଧ୍ୟ ବିସ୍ମୟ ପ୍ରକାଶ କରିଛନ୍ତି। ସନାତନ ଧର୍ମକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ଇତିମଧ୍ୟରେ ଏକ ସରକାରୀ କଳା ମହାବିଦ୍ୟାଳୟ ତରଫରୁ ସନାତନ ଧର୍ମକୁ ବିରୋଧ କରାଯିବା ଘଟଣାକୁ ନେଇ ବକ୍ତବ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯିବା ବିରୋଧରେ ଜଣେ ବ୍ୟକ୍ତି ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଛନ୍ତି। ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟର ବିଚାରପତି କହିଛନ୍ତି ଯେ, କୌଣସି ପ୍ରସଙ୍ଗରେ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର ସମସ୍ତଙ୍କର ରହିଛି। ବିଚାରପତି ନିଜର ଅନୁଭୂତିରୁ ପ୍ରକାଶ କରିଛନ୍ତି ଯେ, ସନାତନ ଧର୍ମରେ କେତେକ ନିୟମାବଳୀ ରହିଛି; ଯାହା ଦେଶ ପ୍ରତି ନାଗରିକର କର୍ତ୍ତବ୍ୟ, ରାଜାଙ୍କ ପ୍ରତି କର୍ତ୍ତବ୍ୟ, ନିଜ ମାତାପିତା ଓ ଗୁରୁଙ୍କ ପ୍ରତି କର୍ତ୍ତବ୍ୟ, ଗରିବଙ୍କ ପ୍ରତି ଯତ୍ନଶୀଳ ହେବା ଆଦି ଏଥିରେ ଅନ୍ତର୍ଭୁକ୍ତ। ଅସ୍ପୃଶ୍ୟତାକୁ ବର୍ତ୍ତମାନ ମଧ୍ୟ କେତେକ ସ୍ଥାନରେ ପ୍ରଶ୍ରୟ ଦିଆଯାଉଥିବା ବେଳେ ଭାରତର ସମ୍ବିଧାନ ଏହାକୁ ଉଚ୍ଛେଦ କରିଛି। ଧର୍ମ ବ୍ୟାପାରରେ ମୁକ୍ତ ଅଭିବ୍ୟକ୍ତିରେ ଏହା ଯେପରି ଘୃଣା ମନ୍ତବ୍ୟରେ ପରିଣତ ନ ହୁଏ ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି। ଜଣଙ୍କର ମନ୍ତବ୍ୟ ଯେପରି ଅନ୍ୟ କାହାର ମନୋଭାବକୁ ଆଘାତ ନ ଦିଏ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରପତି ସ୍ପଷ୍ଟ କରି ଦେଇଛନ୍ତି। ସନାତନ ହିନ୍ଦୁଧର୍ମକୁ ନେଇ ଡିଏମ୍‌କେ ଦଳର ନେତାମାନେ ନକାରାତ୍ମକ ମନ୍ତବ୍ୟ ଦେଇ ଆସୁଛନ୍ତି। ଆଉ କେତେକ ନେତାଙ୍କର ଅସହିଷ୍ଣୁତା ଦେଶ ଭିତରେ, ଦେଶ ବାହାରେ ମଧ୍ୟ ପ୍ରକାଶ ପାଇଛି। ଭାରତୀୟ ରାଜନୀତିରେ ସଂପ୍ରଦାୟକୁ ନେଇ ପରିବର୍ତ୍ତନ ଆଶା କରାଯାଉଥିବା ବେଳେ, ପରିବର୍ତ୍ତନ ନ ଘଟିବା ଗଣତନ୍ତ୍ରପ୍ରେମୀମାନଙ୍କୁ ଏଭଳି ରାଜନୀତି ଶକ୍ତ ଆଘାତ ଦେଇଛି। ଏଭଳି ମନ୍ତବ୍ୟ ରାଷ୍ଟ୍ରୀୟ ସଂହତିର ପରିପନ୍ଥୀ।



ଦେଶରେ ଭାଜପା ଶାସନ ଚାଲିଛି। ଅନ୍ୟ ଦଳଗୁଡ଼ିକ ବିରୋଧୀ ଭୂମିକାରେ କାର୍ଯ୍ୟ ନିର୍ବାହ କରିବା ଆବଶ୍ୟକ। ବିରୋଧୀ ଦଳଗୁଡ଼ିକ ଦେଶର ସାର୍ବଭୌମତ୍ୱ, ଜାତୀୟ ସଂହତି ଓ ସମ୍ବିଧାନକୁ ନେଇ ଏକ ସୀମା ଓ ନୀତି ଭିତରେ ରହି ପ୍ରତିଦ୍ୱନ୍ଦ୍ୱିତା କରିବା ଆବଶ୍ୟକ। ଏହାକୁ ଉଲ୍ଲଂଘନ କରିବା ଅର୍ଥ ଦେଶରେ ଅରାଜକତା ସୃଷ୍ଟି କରିବା। ବିରୋଧୀ ଦଳର ମନୋବୃତ୍ତି ହୀନ ରାଜନୈତିକ ଚନ୍ତାଧାରାକୁ ବୁଝାଉଛି। ଏହା କହିବାର ତାତ୍ପର୍ଯ୍ୟ ହେଉଛି ଭାଜପା ଏକ ରାଜନୈତିକ ଦଳ। କିନ୍ତୁ ଏହା ହିନ୍ଦୁମାନଙ୍କର ପ୍ରତିନିଧିତ୍ୱ କରୁନାହିଁ। ଦେଶର ୮୦ ଭାଗ ହିନ୍ଦୁ କେବଳ ଭାଜପାକୁ ବୁଝାଏ ନାହିଁ କିମ୍ବା ହିନ୍ଦୁଧର୍ମର ସର୍ବସ୍ୱ ନୁହେଁ। ଦେଶର ୮୦ ଭାଗ ହିନ୍ଦୁ ନିର୍ବାଚନରେ ଭୋଟ ଦେବାରେ ସମର୍ଥନ କରନ୍ତି ନାହିଁ। ସବୁ ଦଳରେ ହିନ୍ଦୁଙ୍କ ଭାଗୀଦାରିତା ରହିଛି। ତେଣୁ ଯେଉଁ ବିରୋଧୀ ଦଳ ହିନ୍ଦୁଙ୍କୁ ନେଇ ଘୃଣା ମନ୍ତବ୍ୟ ଦେଉଛନ୍ତି ବା ସମାନ ଆଖିରେ ଦେଖୁଛନ୍ତି ବାସ୍ତବରେ ସେହିମାନେ ହିଁ ସାଂପ୍ରଦାୟିକତାକୁ ନେଇ ଦେଶରେ ରାଷ୍ଟ୍ରୀୟ ସଂହତିକୁ ନଷ୍ଟ କରି ଭୋଟ ବ୍ୟାଙ୍କ ତିଆରି କରିବାକୁ ଚାହୁଁଛନ୍ତି। ଦେଶରେ, ଦେଶ ବାହାରେ ହିନ୍ଦୁଧର୍ମ ବିରୋଧରେ କଟୁମନ୍ତବ୍ୟ ଦେବା, ହିନ୍ଦୁ ମଠ ମନ୍ଦିରକୁ ନଷ୍ଟ କରିବା ସବୁ ଧର୍ମାବଲମ୍ବୀମାନେ ମିଳିତ ଭାବେ ଏହାର ବିରୋଧ କରିବା ଆବଶ୍ୟକ। ଧର୍ମନିରପେକ୍ଷତାର ଦୁହାଇ ଦେଇ ହିନ୍ଦୁମାନଙ୍କୁ ଘୃଣା ଚକ୍ଷୁରେ ଦେଖିବା ସ୍ୱଧର୍ମ ପାଳନ ନ କରିବା ଫଳରେ ଦେଶରେ ବିଚ୍ଛିନ୍ନତାବାଦ ସୃଷ୍ଟି କରାଯାଉଛି। କୁହାଯାଏ ଭାଜପା ଏକ ସାମ୍ପ୍ରଦାୟିଦ ଦଳ। କିନ୍ତୁ ଏବେ ବିରୋଧୀମାନେ ବାସ୍ତବରେ ସାଂପ୍ରଦାୟିକତା ସୃଷ୍ଟି କରୁଥିବା ସାଧାରଣରେ ଅନୁଭୂତ ହେଲାଣି। ଏହି ସାଂପ୍ରଦାୟିକତାକୁ ବିଲୋପ କରିବା ପାଇଁ ଦେଶରେ ଏକକ ନାଗରିକ ସଂହିତା, ଏକ ଦେଶ ଏକ ସମ୍ବିଧାନ ଭଳି କେତେକ ସଂସ୍କାରମୂଳକ ପଦକ୍ଷେପ ନେବାକୁ ଶାସକ ଦଳ ଉଦ୍ୟମ କରିବା ଦେଖାଯାଉଛି। ଭାରତୀୟ ରାଜନୀତିରେ ଏବେ ରାଷ୍ଟ୍ରଭକ୍ତିକୁ ପ୍ରାଧାନ୍ୟ ଦିଆ ହୋଇଛି। ଯେଉଁ ଦଳ ଯେତେ ରାଷ୍ଟ୍ରଭକ୍ତିର ଦୃଷ୍ଟାନ୍ତ ଦେଖାଇ ପାରିବ ସିଏ ସେତେ ଲୋକପ୍ରିୟତା ଅର୍ଜନ କରିପାରିବ। ଯେଉଁ ଦଳ ଯେତେ ସମ୍ବିଧାନ ଅନୁରକ୍ତ ଏବଂ ଭାରତୀୟ ସଂସ୍କୃତିକୁ ଆପଣେଇବା ସହିତ ନିଜର କର୍ତ୍ତବ୍ୟରେ ଦର୍ଶାଇ ପାରିବ ସେହିଦଳ ସେତେ ଶକ୍ତ ହୋଇ କ୍ଷମତାକୁ ଆସିବାର ଜନସମର୍ଥନ ଲାଭ କରିପାରିବ। କିନ୍ତୁ ସାଂପ୍ରଦାୟିକ ମନୋଭାବ ନେଇ ନିର୍ଦ୍ଦିଷ୍ଟ କୌଣସି ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବାର ଅପଚେଷ୍ଟା କଲେ ସେ ଦଳ ଦେଶ ପାଇଁ ଅଦରକାରୀ ହୋଇପଡ଼ିବ।

ଭାରତ ଏକ ଏଭଳି ରାଷ୍ଟ୍ର ଏଠାରେ ଭାରତୀୟ ସଂସ୍କୃତିକୁ ବାଦ୍ ଦେଇ ଯେପରି ଦେଶ ଗଠନ ଅସମ୍ଭବ ସେହିପରି ବିଭିନ୍ନ ସଂସ୍କୃତି, ଭାଷା, ସମ୍ପ୍ରଦାୟକୁ ଛାଡ଼ି ମଧ୍ୟ ଦେଶର ବିକାଶ ଅସମ୍ଭବ। ବିଭିନ୍ନ ରାଜନୈତିକ ଦଳ ରାଷ୍ଟ୍ରୀୟ ଅନୁଚିନ୍ତାରେ ଅନୁବନ୍ଧିତ ହେବା ସହିତ ସବୁ ସମ୍ପ୍ରଦାୟ ମଧ୍ୟରେ ସଂପ୍ରୀତି ସ୍ଥାପନ କରିବା ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ସମୟରେ ଦେଶର ରାଜନୈତିକ ଦଳଗୁଡ଼ିକ ଶାସକ ଦଳ ହୁଅନ୍ତୁ ବା ବିରୋଧୀ ଦଳ, ଦେଶରେ ରାଷ୍ଟ୍ରୀୟ ସଂହତି ପ୍ରତି ଦୃଷ୍ଟିଦେବା ଆବଶ୍ୟକ। କେବଳ କ୍ଷମତା ପାଇଁ ନିଜ ନିଜ ଦଳର ଭୋଟ ବ୍ୟାଙ୍କ ପ୍ରତି ଦୃଷ୍ଟିଦେଇ ଘୃଣା ମନ୍ତବ୍ୟ ବା ନିଜର ଅସହିଷ୍ଣୁତା ପ୍ରକାଶ କଲେ ଦେଶରେ କ୍ଷତି ଘଟିବ ସିନା କୌଣସି ଲାଭ ପାଇବେ ନାହିଁ। ପ୍ରାକ୍ ସ୍ୱାଧୀନତା କାଳରୁ ଏଯାବତ୍ କେବଳ ହିନ୍ଦୁମାନଙ୍କ ପ୍ରତି ଅସହିଷ୍ଣୁତା ଭାବ ପ୍ରକାଶ ପାଇ ଆସୁଛି। ଏବେକାର ଶାସକ ତା'ର ସୁଯୋଗ ନେଇ ଶାସନଗାଦିକୁ ଅକ୍ତିଆର କରିଥିବା ବେଳେ ବିରୋଧୀମାନେ ଶାସକ ଦଳକୁ ସେହି ଧାରାରେ ଗାଦିରୁ ହଟାଇବା ପାଇଁ ଯେତେ କଳାକୌଶଳ କଲେ କ'ଣ ହେବ? ନିଜକୁ ଆତ୍ମସମୀକ୍ଷା କରିବାକୁ ହେବ। ଦେଶର ରାଷ୍ଟ୍ରୀୟ ସଂହତିକୁ ନେଇ ନିଜର ପରାକାଷ୍ଠା ଦେଖାଇବାକୁ ପଡ଼ିବ। ଦେଶ ସ୍ୱାଧୀନତା ଲାଭ କରିବାର ୭୬ ବର୍ଷ ହୋଇଗଲାଣି। ପଡ଼ୋଶୀ ରାଷ୍ଟ୍ର ଭାରତର ଶତ୍ରୁତା କରୁଛନ୍ତି। ଦେଶର ଅର୍ଥନୀତିକୁ ଧ୍ୱଂସ କରିବାକୁ ବାହ୍ୟ ଶତ୍ରୁ ଅହରହ ଲାଗି ପଡ଼ିଛନ୍ତି। ଏହି ପରିସ୍ଥିତିରେ ଦେଶର ସାର୍ବଭୌମତ୍ୱ ଓ ସଂହତିକୁ ରକ୍ଷାକରିବା ନିମନ୍ତେ ବିରୋଧୀଙ୍କ ପକ୍ଷରୁ କାର୍ଯ୍ୟ କରାଯିବା ଆବଶ୍ୟକ। ଘୃଣ୍ୟ ରାଜନୀତିକୁ ଆପଣେଇ କୌଣସି ଦଳ ବା ନେତୃବୃନ୍ଦ ଆଖି ବୁଜି ବୁଜି କ୍ଷୀର ପିଇଲେ ହେବନାହିଁ। ଯେତେ ଯାହା ହେଲେ ବି ଦେଶରେ ବହୁ ଗଣତନ୍ତ୍ରପ୍ରେମୀ ଓ ଧର୍ମନିରପେକ୍ଷ ସମର୍ଥନକାରୀ ଲୋକ ବା ଭୋଟର ଅଛନ୍ତି। ସେମାନଙ୍କ ବିଚାର ଧାରାକୁ ଆଜିର ରାଜନୈତିକ ଦଳ ବା ନେତୃବୃନ୍ଦ ସମ୍ମାନ ଦେବା ବାଞ୍ଛନୀୟ।

ଯାଜପୁର, ମୋ: ୯୪୩୭୩୧୫୬୨୩

# ଆଗକୁ ଅନା



ଦ୍ୱିତୀ ଚନ୍ଦ୍ର ସାହୁ

କ'ଣ ପାଇଁ ଏତେ ପଛକୁ ଅନଉଛନ୍ତି ଆପଣ! ଝୁଣ୍ଟି ପଡ଼ିବେ। ମୁହଁମାଡ଼ି ପଡିବେ। ହୁଏତ ଆଉ ଉଠି ପାରିବେନି। ଦେଖୁଥିବା ଲୋକ ଟାହିଟାପରା କରିବେ। ନ ଦେଖୁଥିବା ଲୋକ ଆହାଃ ଚୁ ଚା କରିବା ବାହାନାରେ ଭିତରେ ଭିତରେ ଖୁସି ହେବେ। ଥରେ ପଡିଗଲେ ହୁଏତ ଉଧେଇ ପାରିବେନି। ଆପଣଙ୍କ ଗତି ସେଠି ରହିଯିବ। ଯଦି ଠିଆ ହୋଇ ହାଲିଆ ମାରିବାକୁ ଇଚ୍ଛା କରୁଛନ୍ତି। ନିଶ୍ଚେ ଥକ୍କା ମେଣ୍ଟାଇବେ ସତ। କିନ୍ତୁ ଜାଣନ୍ତୁ ଆପଣ ପଛରେ ପଡିଯିବେ। ଧୂଆମୂଳା ଅଧୂଆମୂଳା ସବୁ ଆପଣଙ୍କୁ ପଛ କରି ଛାଡି ଆଗକୁ ମାଡିଯିବେ। ତା'ପରେ ଆପଣ ବ୍ୟସ୍ତ ବିବ୍ରତ ହେବେ। ପଛରୁ ଦୌଡିବେ। ସେତେବେଳକୁ ସେମାନେ ବହୁ ଆଗକୁ ଚାଲି ଯାଇଥିବେ। ପୁଣି ପଛରେ ପଡିଯିବେ ଆପଣ। ଆଉ ଆଗରେ ଥିବା ବାକି ଲୋକ ପଛକୁ ମୋଟେ ଚାହିଁବେନି। ଆପଣଙ୍କ ମୁହଁ ବି ଦେଖିବେନି। ଅଥବା ପଛରେ ପଡିଯାଇଥିବା ଲୋକଙ୍କୁ ହାତ ଧରି ଉଠେଇ ସାଥୀରେ ନେବାକୁ ଚାହିଁବେନି। ଏମିତିକି ମୁହଁ ମାଡି ପଡି ଯାଇଥିଲେ ବି ଟିକେ ଅଟକି ଉଠେଇବାକୁ ଚେଷ୍ଟା କରିବେନି। ଯିଏ ଆଗକୁ ଚାଲିଲା ତ ସେ ଚାଲିଲା। ନ ଝୁଣ୍ଟିଲା ଯାଏ ସେ ନିଜକୁ ପାରିବାର ବୋଲି ଭାବି ନିଏ। ନିଜେ ସବ୍ ଜାନତା ବୋଲି ଚିନ୍ତା କରେ। କାହାର ମତାମତକୁ ଗ୍ରହଣ କରିବା ପରିସ୍ଥିତିରେ ନ ଥାଏ। ଓଲଟି ମତାମତ ଦେଉଥିବା ଲୋକଙ୍କୁ ସେ ନିଜର ଶତ୍ରୁ ବୋଲି ଭାବିନିଏ। କିଛି ବଚସ୍କରଙ୍କୁ କୋଳେଇ ଧରେ। ତଥାକଥିତ ଅପାଣ୍ଡୁକମାନଙ୍କ ଭେଳିକିରେ ଉତ୍‌ଫୁଲ୍ଲିତ ହୋଇପଡେ। ନିଜର ହିତାହତ ଜ୍ଞାନ ବି ଭୁଲିଯାଏ। ନିଜର ଆତ୍ମବଡ଼ିମା ଭିତରେ ଟକମକ ହୋଇ ରହେ। ଭଲ ମଣିଷକୁ ଅଣଦେଖା କରେ। ସେଇ ପାରିବାପଣ ହିଁ ତାକୁ ଶେଷରେ ମାରି ଗୋଡାଏ। ପରେ ନକାରାତ୍ମକ ଶକ୍ତିକୁ ଜନ୍ମ କରେ। ଝୁଣ୍ଟି ପଡିବାର ଜାଗ୍ରତ ଚେତନା ଯାହା ପାଖରେ ଥାଏ ସେ କ୍ୱଚିତ ଭୁଲ କରେ। ଭୁଲ କରିବା ପୂର୍ବରୁ ଭୁଲ ସମ୍ପର୍କରେ ଆଗୁଆ ବି ସୂଚନା ପାଇପାରେ ବିଭିନ୍ନ ପରିସ୍ଥିତି କିମ୍ବା ଭିନ୍ନ ଭିନ୍ନ ସଙ୍କେତରେ। ସେଇ ପରିସ୍ଥିତିରୁ ସେ ସତର୍କ ହୋଇଯାଏ।

ଆଚ୍ଛା! କହିଲେ, ଆଗକୁ ଚାଲୁଥିବା ଲୋକ ପଛକୁ ଚାହିଁବା କି ଦରକାର? ଯିଏ ସନ୍ଦେହୀ, ଭୟାଳୁ ଅବା କୌଣସି ଅପକର୍ମରେ ଲିପ୍ତ ସେଇ ଜାତୀୟ ଲୋକ ହିଁ ଆଗକୁ ଚାଲି ପଛକୁ ଅନାନ୍ତି। ରହି ରହି ଟିକେ ବାଁକୁ ଟିକେ ଡାହାଣକୁ ଦେଖନ୍ତି। ଅନ୍ୟର ଉପସ୍ଥିତିକୁ ପରଖିବାକୁ ଆଗ୍ରହ ପ୍ରକଟ କରନ୍ତି। ଅନ୍ୟଲୋକଙ୍କ ଦୃଷ୍ଟିରୁ ଦୂରରେ ସେ ଅଛି କି ନାହିଁ ପରଖନ୍ତି ବରାବର। ନିଜ ଆସନରେ ରହି ଚାରିପଟର ଲୋକଙ୍କ ଖୋଜ ଖବର ରଖନ୍ତି। ଅନ୍ୟଥା କଥାରେ ନାକ ପୂରାନ୍ତି। ନିଜର ଗୁଣକୀର୍ତ୍ତନ ନିଜେ କରନ୍ତି। କିଏ ଶୁଣୁ ବା ନ ଶୁଣୁ ନିଜର ଢୋଲକୁ ନିଜେ ବଜାନ୍ତି। ଅନ୍ୟମାନେ ନିଜ ଉପରେ ସାର୍ଟିଫିକେଟ ଦେବା ଆଗରୁ ସିଆଣିଆ ହୋଇ ନିଜେ ନିଜର ସାର୍ଟିଫିକେଟ ଥୋଇ ଥାଆନ୍ତି। ଅର୍ଥାତ୍ ଦର୍ଶାଇବାକୁ ଚେଷ୍ଟା କରନ୍ତି – ମୁଁ ସଫା ଓ ନିର୍ମଳ ଗଙ୍ଗା। ବାକି ସବୁ ମୂର୍ଖ ଓ ଗନ୍ଧୁରା। ହେଲା ବାପଧନ! ତୁମେ ଅମୃତ ତୁଲ୍ୟ। ତୁମେ ବିଚକ୍ଷଣ ଓ ବିବେକୀ। ସେଥିପାଇଁ ତୁମେ ଆଗକୁ ବଢ। ଆଗକୁ ମାଡି ଚାଲ।



ପଛକୁ କିଆଁ କରୁଛ ନଜର। କିଏ କ'ଣ କଲା। କିଏ କ'ଣ ବୋଇଲା। କିଏ କେତେ ତୁଚ୍ଛା ରଟନା କଲା। ସେସବୁ ଉପରେ ଏତେ ଗୁରୁତ୍ୱ କିଆଁ। ଆଗକୁ ବଢିଲେ ହିଁ ଲୋକେ କହିବେ। ଧଳା ପୋଷାକରେ କାଳିମାର ଛିଟା ପକେଇବେ। ଗୁଡାଏ ତୁଚ୍ଛା ଅପପ୍ରଚାର କରିବେ। ନାନା କଥା ଫନ୍ଦିଫିକର କରି ଚର୍ଚ୍ଚା କରିବେ। ଲୋକଙ୍କର କାମ ତ ସେୟା। ଯିଏ ପଛରେ ରହିବ ସିଏ ବେଶି କହିବ। ଯିଏ ସମତୁଲ ହୋଇ ପାରୁ ନ ଥିବ ସିଏ ଗୁଡାଏ ବକିବ। ଯିଏ ନିଜକୁ ହାରି ଯାଇଥିବାର ଅନୁଭବ କରିସାରିଥିବ ସେ ଗଳା ଫଟାଇ ହୁଡିବ। ଏସବୁରେ ବିଚଳିତ ହେବ ଯଦି ତୁମ ପରି ବୁଦ୍ଧିମାନ ବ୍ୟକ୍ତି ସେଇଠି ଅଟକିଯିବ। ପୁଣି ଏସବୁ କଥାରେ ହିଁ ମାତି ଉଠିବ ଓ ତାତି ଉଠିବ। ଯାବତୀୟ ସମସ୍ୟାକୁ ଆମନ୍ତ୍ରଣ କରିବ। ନିଜର ମୂଲ୍ୟବାନ ସମୟକୁ ଅପଚୟ କରିବ। ଆଗକୁ ବଢିବାର ପ୍ରୟାସରେ ନିଜେ ହିଁ ନିଜ ପାଇଁ କଣ୍ଟା ସାଜିବ।

ବଢିବାର ଅଛି ଆଗକୁ ଅନା। ପଛକଥାରେ କି ଲାଭ? ସେ ଅତୀତ। ଖାଲି ସ୍ମୃତି। ସାଇତା ଅନୁଭବକୁ ସାଥୀରେ ଧରି ଚାଲ। ମିଳିଥିବା କର୍ମଫଳକୁ ଜାବୋଡି ଧର। ପ୍ରଶଂସାକୁ ଛାଡ। ଦୋଷ ଦୁର୍ବଳତାକୁ କୋଳେଇ ନିଅ। ଆଗକୁ ମାଡି ମାଡି ସେସବୁକୁ ପରଖ। ନିଜ ଭୁଲକୁ ସୁଧାରିବାକୁ ଚେଷ୍ଟା କର। କିଏ ନିଜର କିଏ ପର ଚିହ୍ନ। ସ୍ୱାର୍ଥୀ ମଣିଷମାନଙ୍କଠାରୁ ନିଜକୁ ଦୂରେଇ ରଖ। ମିଠା ମିଠା କଥାରେ ଭୋଳ କରୁଥିବା ଲୋକଙ୍କ ଆଭିମୁଖ୍ୟକୁ ଥରେ ତଳେଇ ଦେଖ। ମିଠାପଣ ଭିତରେ କେତେ ଜହର ରହିଛି ତାକୁ ଆକଳନ କର। ଭୋଳିଲେ ଭୁଲ୍ କରିବ। କଟୁ ବଚନ କଷ୍ଟ ଦେଉଥିଲେ ବି ତା' ପଛର କାରଣ ନିର୍ଦ୍ଧାରଣ କର। ନିଃସ୍ୱାର୍ଥପର ଭାବେ ମୁହଁରେ ସତ କହୁଥିବା ଲୋକଙ୍କୁ ଆଦର କର। ସେ ଖାଣ୍ଟିପଣେ ଏକା ତୁମର। ତୁମକୁ ଖୁବ ଭଲ ପାଉଥିବ ଅନ୍ତରର ସହ। ଡର ଭୟ ନ ରଖି ମୁହାଁମୁହିଁ ମଣିଷର ଦୁର୍ଗୁଣ କହିବା କମ୍ ସାହସିକତାର କଥା ନୁହଁ। ସମାଜରେ ଏମିତି ହାତଗଣତି ମଣିଷ ଥିବେ। ଅତୀତର ତିକ୍ତତା ଆଗାମୀ କାଲିର ସଫଳତା। ଅତୀତର ସଫଳତା ଆଗାମୀ କାଲିର ଅପୂର୍ବ ଦକ୍ଷତା। ଏସବୁ ତୁମର ପୁଞ୍ଜି। ତାକୁ ସାଉଁଟି ନିଅ। ଅତୀତ ଫୁଲର ଶେଯ ହେଲେ, ଆଗକୁ ହୁଏତ କଣ୍ଟକିତ ପଥ ଥିବ। ରକ୍ତ ଫୁଟିବାର ସମ୍ଭାବନା ଥିବ। ଅତୀତ କଣ୍ଟକିତ ଓ ସଂଘର୍ଷମୟ ଯଦି ଆଗାମୀ ସମୟ ହୁଏତ ନୂଆ ସମ୍ଭାବନାମୟ ହେବ। ଅତୀତ ସଂଘର୍ଷର ନିଷ୍କର୍ଷ ନିଜ ପାଇଁ କେତେ ଅବ୍ୟର୍ଥ। ଅଦେଖା ଭବିଷ୍ୟତ ପାଇଁ ବାଇ କିଆଁ। ଭବିଷ୍ୟତକୁ ନେଇ ସ୍ୱପ୍ନ ଓ ସମ୍ଭାବନା ରହୁ। କିନ୍ତୁ କଳ୍ପନାରେ ବିଭୋର ଅଧିକତଃ ବେପଥୁ କରିବ ନିଶ୍ଚିତ। ପଛରେ ରହି କୋଳାହଳ କରୁଥିବ, ଅନୁପସ୍ଥିତିରେ କୋପେ କୁତ୍ସାରଟନା କରୁଥିବ, କିନ୍ତୁ ସାମ୍ନାରେ ତା' ପ୍ରତି ଅନ୍ତରଙ୍ଗ ଦେଖାଇ ହେଁ ହେଁ ହେଉଥିବା ମଣିଷ ସମାଜର ବଡ଼ ବିଷଧର ସର୍ପ। ତାକୁ ଭାରି ସତର୍କ। ଅତଏବ ପଛକୁ ଆଉ ଦେଖନା। ଏଥର ତ ଟିକେ ଆଗକୁ ଅନା।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ପକ୍ଷୀମାନଙ୍କ ପାଇଁ ଆମ୍ବୁଲାନ୍ସ ଚଳାଉଛନ୍ତି ଚଣ୍ଡିଗଡ଼ର ମନ୍‌ଜିତ ସିଂହ। ସେ ଏହି ଆମ୍ବୁଲାନ୍ସ ଚଳାଇଛନ୍ତି ଏକ ସାଇକେଲରେ। ମନ୍‌ଜିତ ଜଣେ ଆର୍ଟ ଶିକ୍ଷକ ଭାବେ ପିଲାଙ୍କୁ ଶିକ୍ଷା ଦେଉଥିଲେ। ଥରେ ଚଣ୍ଡିଗଡ଼ରେ ୫୦ ଜଣ ପିଲାଙ୍କୁ ନେଇ ଏକ କ୍ୟାମ୍ପରେ ଥିବାବେଳେ ଗୋଟିଏ ଡଷ୍ଟବିନ୍‌ରେ ପାରାଟିଏ ମରିପଡ଼ିଥିବା ଦେଖିଥିଲେ। ପରେ ସେ ପକ୍ଷୀମାନଙ୍କ ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ। କ୍ୟାମ୍ପରୁ ଘରକୁ ଫେରିବା ପରେ ମନ୍‌ଜିତ ସ୍କୁଲରୁ ଚାକିରି ଛାଡ଼ି ପକ୍ଷୀ ଉଦ୍ଧାର ଓ ସେବା କାର୍ଯ୍ୟରେ ଲାଗି ପଡ଼ିଲେ। ଏହା ମଧ୍ୟରେ ସେ ବ୍ୟାଙ୍କରେ ଏକ ଚାକିରି ପାଇଥିଲେ, ଯାହା ତାଙ୍କ ସେବାକୁ ବଢ଼ାଇବାରେ ସାହାଯ୍ୟ କରିଛି। ସେ ପକ୍ଷୀ ଆମ୍ବୁଲାନ୍ସରେ ଚଣ୍ଡିଗଡ଼ର ବିଭିନ୍ନ ଜାଗାରେ ୧,୧୬୦ ପକ୍ଷୀଙ୍କର ଚିକିତ୍ସା କରିସାରିଲେଣି। ଏମିତି କି ଯେଉଁ ପକ୍ଷୀଙ୍କୁ ସେ ବଞ୍ଚାଇପାରୁନାହାନ୍ତି ସେମାନଙ୍କୁ ସମାଧି ଦେଉଛନ୍ତି। ଏବେସୁଦ୍ଧା ସେ ୧,୨୮୦ଟି କାଉ, ପାରା ଆଦି ମୃତପକ୍ଷୀଙ୍କୁ ସମାଧି ଦେଇସାରିଲେଣି। ସେ ବ୍ୟାଙ୍କ ଚାକିରିରୁ ଯାହା ଆୟ କରୁଛନ୍ତି ତାହାର ସିଂହଭାଗ ପକ୍ଷୀଙ୍କ ସେବାରେ ଖର୍ଚ୍ଚ କରୁଛନ୍ତି। ସେ ପ୍ରତିଦିନ ଅଫିସ କାମ ସାରି ଦିନ ୩ଟାରୁ ପକ୍ଷୀ ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟରେ ତାଙ୍କ ପକ୍ଷୀ ଆମ୍ବୁଲାନ୍ସ ସହ ବାହାରି ଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୯୮

- ଫିଲିପାଇନ୍ସର ପ୍ରିନ୍‌ସେସ୍ ଅଫ୍ ଓରିଏଣ୍ଟ ନାମକ ଏକ ଜଳଜାହଜ ମାନିଲା ସାଗର ମଧ୍ୟରେ ବୁଡ଼ିଯିବା ଫଳରେ ୧୪ ଜଣଙ୍କ ମୃତ୍ୟୁ।
- ଆଲଜେରିଆର ଟିଆରେଟ ନଗର ଉପକଣ୍ଠରେ ଥିବା ଏକ ବଜାର ମଧ୍ୟରେ ଗୋଟିଏ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୨୯ ମୃତ।
- ତୁର୍କମେନିସ୍ତାନର ରାଜଧାନୀ ଆସ୍‌ଖାବାଦସ୍ଥିତ କେସୀ ରେଳଷ୍ଟେଶନ ନିକଟରେ ଏକ ଟ୍ରେନ ଓ ଗୋଟିଏ ବସ୍ ମଧ୍ୟରେ ଧକ୍କା ହେବା ଫଳରେ ୪୦ ଜଣଙ୍କ ପ୍ରାଣହାନୀ।

# ପାଠକ ଶ୍ରେଷ୍ଠ ବିଚାରକ

## ଶିକ୍ଷକ ଧର୍ମଘଟ ଓ ଶିକ୍ଷା ବ୍ୟବସ୍ଥା

ମହାଶୟ,

ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଯୁକ୍ତିରେ ପୃଥକ୍ ପୃଥକ ଭାବେ ଶ୍ରେଣୀବିଭାଗକୁ ଉଚ୍ଛେଦ, ଠିକାଭିତ୍ତିକ ୬ ବର୍ଷିଆ ନିଯୁକ୍ତି ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାର୍ଯ୍ୟକୁ ସମାନ ଦରମା ଓ ଅବସର ଗ୍ରହଣ ପରେ ପେନ୍‌ସନ ପ୍ରଦାନ କରିବାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଗଲେ ହୁଏତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ତୃଣମୂଳ ସ୍ତରରୁ ସୁଦୃଢ଼ ହୋଇପାରନ୍ତା। ଶିକ୍ଷକମାନଙ୍କୁ ନିଯୁକ୍ତିରେ ସ୍ଥାୟିତ୍ୱ, ଉପଯୁକ୍ତ ଦରମା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଆର୍ଥିକ ସୁବିଧା ସୁଯୋଗ ଓ ଅବସର ପରେ ପେନସନ ପ୍ରଦାନ ଉପରେ ସରକାର ଦୃଷ୍ଟି ଆକର୍ଷଣକାରୀ ପଦକ୍ଷେପ ନେବା ଆବଶ୍ୟକ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଧର୍ମଘଟ ଯଥାର୍ଥରେ ଓଡ଼ିଶାର ଦୁର୍ବଳ ଶିକ୍ଷାନୀତିକୁ ଦର୍ଶାଉଛି। ଏତଦ୍‌ବ୍ୟତୀତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିକ୍ଷାନୀତିରେ ଉପଯୁକ୍ତ ଭାବେ ସ୍ଥାନିତ ନ କରିବାରେ ସରକାରଙ୍କ ପ୍ରଶାସନିକ ଅପାରଗତା ପ୍ରତିଫଳିତ ହେଉଛି। ନିଜ ନିଜର ଦାବି ପୂରଣ କରିବା ପାଇଁ ରାଜନେତାମାନେ ସରକାରଙ୍କ ବିରୋଧରେ ଧର୍ମଘଟ କରିବା ଦେଖାଯାଏନାହିଁ। ଦିତୀୟତଃ ବିଭିନ୍ନ ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନେ ବି ଧର୍ମଘଟ କରିବାର ନଜିର ନାହିଁ। କିନ୍ତୁ ସରକାରଙ୍କ ଅପାରଗତା ପାଇଁ ଶିକ୍ଷକମାନେ ବାରମ୍ବାର ସେମାନଙ୍କ ଦାବି ନେଇ ଆନ୍ଦୋଳନ କରୁଛନ୍ତି।

– ଅଶୋକ କୁମାର ଆଢ୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବେଙ୍ଗାଲୁରୁ ଜୈବ ଉଦ୍ୟାନରେ ୭ ବାଘଛୁଆ ମୃତ**

ବେଙ୍ଗାଲୁରୁର ବାନେନରଘାଟା ଜୈବ ଉଦ୍ୟାନରେ ଫେଲିନ୍ ପାନ୍‌ଲକୋପେନିଆ ଭୂତାଣୁଜନିତ ରୋଗରେ ସଂକ୍ରମିତ ହୋଇ ୭ କଲରାପତରିଆ ବାଘଛୁଆ ପ୍ରାଣ ହରାଇଛନ୍ତି। ଅଗଷ୍ଟ ୨୨ରେ ଏହି ରୋଗ ସଂକ୍ରମଣ ହୋଇଥିଲା। ମୃତ ବାଘଛୁଆଗୁଡ଼ିକର ବୟସ ୩ରୁ ୮ ମାସ ମଧ୍ୟରେ। ଟିକା ଦିଆଯାଇଥିଲେ ମଧ୍ୟ ଚିକିତ୍ସା ସମୟରେ ସେମାନେ ଆଖି ବୁଜିଛନ୍ତି।



## ସଂକ୍ଷେପରେ

### ଖୁବ୍‌ଶୀଘ୍ର ଦେୟଯୁକ୍ତ ହେବ ‘ଏକ୍ସ’

ୱାଶିଂଟନ,୧୯।୯

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ‘ଏକ୍ସ’ (ପୂର୍ବର ଟୁଇଟର) ଖୁବ୍‌ଶୀଘ୍ର ଏହାର ସମସ୍ତ ବ୍ୟବହାରକାରୀମାନଙ୍କ ପାଇଁ ପେଡ୍ ସାଇଟ୍ ହେବାକୁ ଯାଉଛି। ଅର୍ଥାତ୍ ୟୁଜରମାନଙ୍କୁ ଏଥିପାଇଁ ଅର୍ଥ ପୈଠ କରିବାକୁ ପଡ଼ିବ ବୋଲି ଏହାର ମାଲିକ ଏଲନ୍ ମସ୍କ ନିକଟରେ ସୂଚନା ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଆଲୋଚନା ବେଳେ ମସ୍କ ଏହା କହିଛନ୍ତି। ପ୍ଲାଟଫର୍ମରେ ଅନିୟନ୍ତ୍ରିତ ଭାବେ ଦେଖାଦେଉଥିବା ବଟ୍‌ସ ସମସ୍ୟାର ମୁକାବିଲା ପାଇଁ ଦେୟ ସଂଗ୍ରହ କରିବା ଜରୁରୀ ହୋଇପଡ଼ିଛି ବୋଲି ମସ୍କ କହିଛନ୍ତି।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୧୯।୯

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଗତ ୭ ଦିନ ଧରି ଚାଲିଥିବା ଏନ୍‌କାଉଣ୍ଟର ମଙ୍ଗଳବାର ସରିଛି। ଏଥିରେ ଲସ୍କର-ଇ-ତୋଇବା କମାଣ୍ଡର ଉଜେର୍ ଖାନଙ୍କ ସମେତ ୨ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି ବୋଲି ଜମ୍ମୁ-କଶ୍ମୀର ପୋଲିସର ଅତିରିକ୍ତ ମହାନିର୍ଦ୍ଦେଶକ ବିଜୟ କୁମାର କହିଛନ୍ତି।

### ସୋସିଆଲ ମିଡିଆ ପାଇଁ ବୟସସୀମା ଧାର୍ଯ୍ୟ ହେଉ

ବେଙ୍ଗାଲୁରୁ,୧୯।୯

ମଦ୍ୟପାନ ଲାଗି ଆଇନଗତ ବୟସସୀମା ଧାର୍ଯ୍ୟ ହୋଇଥିବାବେଳେ ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ବୟସସୀମା ଧାର୍ଯ୍ୟ କରାଯିବା ଠିକ୍ ହେବ ବୋଲି ମଙ୍ଗଳବାର କର୍ଣାଟକ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ୱେବ୍‌ସାଇଟ୍‌ରୁ କେତେକ ବିବାଦୀୟ ବିଷୟବସ୍ତୁ ହଟାଇବା ପାଇଁ ଇଲେକ୍ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶନାମାକୁ ଗତ ଜୁନ୍ ୩୦ରେ ଜଣିକିଆ ଖଣ୍ଡପୀଠ କାଏମ୍ ରଖିବାରୁ ଏହାକୁ ଏକ୍ସ (ପୂର୍ବର ଟୁଇଟର) ଚ୍ୟାଲେଞ୍ଜ କରିଥିଲା। ଜଷ୍ଟିସ୍ ଜି. ନରେନ୍ଦ୍ର ଏବଂ ବିଜୟକୁମାର ଏ. ପାଟିଲଙ୍କ ଖଣ୍ଡପୀଠ ଶୁଣାଣି ବେଳେ ଏହି ଟିପ୍ପଣୀ ରଖିଛନ୍ତି।

### ବୁଡ଼ିଗଲେ ୭ ବାଳିକା

ସାହେବଗଞ୍ଜ,୧୯।୯

ଝାଡ଼ଖଣ୍ଡର ସାହେବଗଞ୍ଜ ଓ ଗିରିଡିହ ଜିଲାରେ ମଙ୍ଗଳବାର ଗାଧୋଉଥିବାବେଳେ ୭ ବାଳିକାଙ୍କ ମୃତ୍ୟୁ ଘଟିଛି। ପଞ୍ଚୁଆ ଥାନା ଅଞ୍ଚଳରେ ଏକ ପୋଖରୀରେ ବୁଡି ୪ ଜଣ ଏବଂ ବାରହାଇଟ୍ ଥାନା ଅନ୍ତର୍ଗତ ଖେରଓ୍ୱା ଗାଁର ୩ ଜଣ ବାଳିକା ଗୁମାନୀ ନଦୀରେ ଗାଧୋଉଥିବାବେଳେ ବୁଡି ପ୍ରାଣ ହରାଇଛନ୍ତି।

## ନାରୀଶକ୍ତି ବନ୍ଦନ ଅଧିନିୟମ

# ଗଣତନ୍ତ୍ରକୁ ସୁଦୃଢ଼ କରିବ

### ନୂଆ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବକ୍ତବ୍ୟ

ନୂଆଦିଲ୍ଲୀ,୧୯।୯

ନୂଆ ମହିଳା ସଂରକ୍ଷଣ ବିଲ୍ ଭାରତୀୟ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ନୂତନ ସଂସଦ ଭବନରେ ପ୍ରଥମ ଥର ପାଇଁ ନିଜ ବକ୍ତବ୍ୟ ରଖି ସେ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ଯୋଗଦାନ ବୃଦ୍ଧି କରିବ। ଏହି ବିଲ୍‌କୁ ସର୍ବସମ୍ମତିକ୍ରମେ ଗୃହୀତ କରାଇବା ପାଇଁ ସେ ସଂସଦର ଉଭୟ ଗୃହର ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି।

ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ସମାଜରେ ପରିବର୍ତ୍ତନ ଆଣିବାରେ ରାଜନୀତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହାକାଶରୁ କ୍ରୀଡ଼ା ଏବଂ ଷ୍ଟାର୍ଟ-ଅପ୍‌ଠାରୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତୀୟ ମହିଳାମାନଙ୍କ ଅବଦାନ ରହିଛି। ନାରୀଶକ୍ତି ବନ୍ଦନ ଅଧିନିୟମ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବ। ଏହି ବିଲ୍‌କୁ ଆମେ ଆଇନରେ ପରିଣତ କରିବୁ। ଏନେଇ ଦେଶର ସମସ୍ତ ମା’, ଭଉଣୀ ଓ ଝିଅମାନଙ୍କୁ ମୁଁ ଆଶ୍ୱାସନା ଦେଉଛି। ଏଥିପାଇଁ ଏକ ବୃହତ୍ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଛି, ଯାହାକି ଲୋକ ସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ଯୋଗଦାନକୁ ବ୍ୟାପକ କରିବ। ଆଜିର ଐତିହାସିକ ଦିବସରେ ମହିଳାଙ୍କ ସୁଯୋଗ ପାଇଁ ଦ୍ୱାର ଖୋଲିଦେବାକୁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ। ପ୍ରଧାନମନ୍ତ୍ରୀ ଏପରି ବକ୍ତବ୍ୟ ଦେବାବେଳେ ଉଭୟ ଶାସକ ଓ ବିରୋଧୀ ସଦସ୍ୟମାନେ ଡେସ୍କ ବାଡ଼େଇ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ମହିଳା ସଂରକ୍ଷଣ ଉପରେ ପାର୍ଲାମେଣ୍ଟରେ ପୂର୍ବରୁ ମଧ୍ୟ ଅନେକ ପର୍ଯ୍ୟାୟରେ ବିତର୍କ ହୋଇଥିଲା। ୧୯୯୬ରେ ପ୍ରଥମେ ଏହି ବିଲ୍‌କୁ ଆଗତ କରାଯାଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଅମଳରେ ମହିଳା ସଂରକ୍ଷଣ ବିଲ୍‌କୁ ଅନେକ ଥର ଆଗତ କରାଯାଇଥିଲେ ମଧ୍ୟ ସଂଖ୍ୟାବଳ ନ ଥିବାରୁ ଏହି ସ୍ୱପ୍ନ ପୂରଣ ହୋଇପାରି ନ ଥିଲା। ଏହି ମହାନ୍ କାର୍ଯ୍ୟ ସମ୍ପାଦନ ପାଇଁ ଭଗବାନ ମୋତେ ବାଛିଛନ୍ତି। ଆମ ସରକାର ପୁଣି ଥରେ ଏ ଦିଗରେ ପଦକ୍ଷେପ ନେଉଛନ୍ତି। ଆମ କ୍ୟାବିନେଟ୍ ସୋମବାର ମହିଳା ସଂରକ୍ଷଣ ବିଲ୍‌କୁ ଅନୁମୋଦନ କରିଛନ୍ତି। ଆଜିର ଦିନ ଇତିହାସରେ ଲିପିବଦ୍ଧ ହେବାକୁ ଯାଉଛି। ଦେଶର ବିକାଶ ଯାତ୍ରାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି ବୋଲି ମୋଦି କହିଥିଲେ।



ପୁରୁଣା ପାର୍ଲାମେଣ୍ଟରୁ ନୂଆ ସଂସଦ ଭବନକୁ ଯାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଭାଜପା ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ଅନ୍ୟ ମନ୍ତ୍ରୀମାନେ।

## ପ୍ରତିକ୍ରିୟା

“ମହିଳା ସଂରକ୍ଷଣ ବିଲ୍‌କୁ ନେଇ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ କେବେ ଗମ୍ଭୀର ନ ଥିଲେ। ନାରୀଶକ୍ତି ବନ୍ଦନ ଅଧିନିୟମ ଅଣାଯିବା ମହିଳା ସଶକ୍ତୀକରଣ ପ୍ରତି ମୋଦି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ବିରୋଧୀ ଏହାକୁ ହଜମ କରିପାରୁ ନାହାନ୍ତି।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

“ମୋଦି ସରକାର ପୂର୍ବରୁ ‘ବେଟି ବଚାଓ ବେଟି ପଢ଼ାଓ’ ସ୍ଲୋଗାନ ଦେଇ ଜନଧନ ଓ ଉଜ୍ଜ୍ୱଳା ଯୋଜନା ଭଳି ସ୍କିମ୍ ଆଣିଥିବାବେଳେ ଏବେ ମହିଳା ସଶକ୍ତୀକରଣ ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି। ମହିଳାମାନେ ଭାରତର ଭବିଷ୍ୟତ ଗଠନରେ ସମାନ ଭାଗ ପାଇବା ଗର୍ବର ବିଷୟ।

**-ମାନେକା ଗାନ୍ଧୀ, ଭାଜପା ଏମ୍‌ପି**

“ମୋଦି ସରକାର ମହିଳା ସଶକ୍ତୀରଣ ନାମରେ ନିର୍ବାଚନ ଋତୁରେ ଭାରତୀୟ ମହିଳା ଓ ଝିଅମାନଙ୍କ ସ୍ୱପ୍ନକୁ ଧୂଳିସାତ କରିବା ଭଳି ସବୁଠୁ ବଡ଼ ଜୁମ୍‌ଲା ଛାଡ଼ିଛନ୍ତି। ଜନଗଣନା ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ନ ହେବା ଯାଏ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ।

**-ଜୟରାମ ରମେଶ, କଂଗ୍ରେସ ନେତା**

“ମହିଳା ସଂରକ୍ଷଣ ବିଲ୍‌କୁ ବହୁଜନ ସମାଜ ପାର୍ଟି ସମର୍ଥନ କରିବ। ଏପରି କି ମହିଳାମାନଙ୍କୁ ୫୦% ସଂରକ୍ଷଣ ଦିଆଗଲେ ବି ଆମେ ସ୍ୱାଗତ କରିବୁ। ସରକାର ଏଦିଗରେ ବିଚାର କରନ୍ତୁ।

**-ମାୟାବତୀ, ବିଏସ୍‌ପି ସୁପ୍ରିମୋ**

“ଏହା ମହିଳା ସଂରକ୍ଷଣ ବିଲ୍ ନୁହେଁ, ବରଂ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ମହିଳାମାନଙ୍କୁ ବୋକା ବନାଇବା ପାଇଁ ଆଗତ ଏକ ବିଧେୟକ। ଉକ୍ତ ବିଲ୍‌କୁ ଅନୁଧ୍ୟାନ କଲେ ଭାଜପା ମହିଳାମାନଙ୍କ କଲ୍ୟାଣ ଚାହୁଁ ନ ଥିବା ସ୍ପଷ୍ଟ ହେଉଛି।

**-ଆତିଶୀ, ଦିଲ୍ଲୀ ଶିକ୍ଷାମନ୍ତ୍ରୀ ତଥା ଏଏପି ନେତ୍ରୀ**

# ପୁରୁଣା ସଂସଦ ଭବନ ହେଲା ସମ୍ବିଧାନ ସଦନ



ନୂଆଦିଲ୍ଲୀ,୧୯।୯

ପୁରୁଣା ସଂସଦ ଭବନକୁ ‘ସମ୍ବିଧାନ ସଦନ’ ଭାବେ ନାମିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପୁରୁଣା ଭବନରୁ ତାଙ୍କର ଶେଷ ଅଭିଭାଷଣ ଦେବାବେଳେ ଏହା ଘୋଷଣା କରିଛନ୍ତି। ପରେ ସେ ସମସ୍ତ ଏମ୍‌ପିଙ୍କୁ ସାଙ୍ଗରେ ନେଇ ଚାଲି ଚାଲି ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଯାଇଥିଲେ। ତାହା ଏବେ ଆନୁଷ୍ଠାନିକ ଭାବେ ଭାରତୀୟ ସଂସଦ ଭବନର ପରିଚୟ ହାସଲ କରିଛି। ଗଣେଶ ଚତୁର୍ଥୀର ପବିତ୍ର ଦିନରେ ଆମେ ପୁରୁଣା ସ୍ଥାନ ଛାଡ଼ି ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଯାଉଛୁ। ଏହି ଭବନର ଗୌରବରେ ଆଦୌ କମ୍ ହେବା ଉଚିତ ନୁହେଁ। ଆମେ ଏହାକୁ କେବଳ ପୁରୁଣା ପାର୍ଲାମେଣ୍ଟ କହିବା ନାହିଁ। ଯଦି ଆପଣମାନେ ଅନୁମତି ଦିଅନ୍ତି, ତେବେ ଉକ୍ତ ବିଲ୍ଡିଂ ସମ୍ବିଧାନ ସଦନ ଭାବେ ପରିଚିତ ହେବ, ଯାହା ଦ୍ୱାରା ଏହା ସବୁଦିନ ପାଇଁ ସମସ୍ତଙ୍କର ପ୍ରେରଣା ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପାଖରେ ବସିଥିବା ଲୋକ ସଭା ବାଚସ୍ପତି ଏବଂ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ। ପୁରୁଣା ସଂସଦ ଭବନର ଡିଜାଇନ୍ ବ୍ରିଟିଶ ସ୍ଥପତି ସାର୍ ଏଡ୍‌ୱିନ୍ ଲୁଟ୍ୟେନ୍ ଏବଂ ହର୍ବର୍ଟ ବେକର କରିଥିଲେ। ୧୯୨୭ରେ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ସୋମବାର ଲୋକ ସଭାରେ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ପୁରୁଣା ବିଲ୍ଡିଂର ପ୍ରତି ଇଟାକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏମ୍‌ପିମାନେ ନୂଆ ସଂସଦ ଭବନରେ ନୂଆ ଆଶା ଓ ଆତ୍ମବିଶ୍ୱାସ ନେଇ ପ୍ରବେଶ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ନଗଣ୍ୟ

ନୂଆଦିଲ୍ଲୀ,୧୯।୯

ଲୋକ ସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ୧୯୭୦ରୁ ମାତ୍ର ୫% ରହିଆସିଥିବାବେଳେ ୨୦୦୯ରେ ଦୁଇ ଅଙ୍କକୁ ଛୁଇଁଥିଲା। ଲୋକ ସଭା ତୁଳନାରେ ରାଜ୍ୟ ସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ସାମାନ୍ୟ କମ୍ ରହିଥିଲା। ତେବେ ୧୯୫୧ ପରଠୁ ଅଦ୍ୟାବଧି ଉଚ୍ଚ ସଦନରେ ଏହା ୧୩% ଅତିକ୍ରମ କରିପାରି ନାହିଁ।

ସମ୍ବିଧାନର ୧୨୮ତମ ସଂଶୋଧନ ବିଲ୍, ୨୦୨୩ ମଙ୍ଗଳବାର ଲୋକ ସଭାରେ ଆଗତ ହୋଇଛି। ନୂଆ ସଂସଦ ଭବନର ସ୍ୱତନ୍ତ୍ର ଅଧିବେଶନରେ ଆଗତ ହୋଇଥିବା ଏହା ହେଉଛି ପ୍ରଥମ ବିଧେୟକ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ସରକାର ଏହାକୁ ଆଣିଛନ୍ତି।

ଲୋକ ସଭାକୁ ୨୦୧୯ରେ ସର୍ବାଧିକ ମହିଳା ନିର୍ବାଚିତ ହୋଇଥିଲେ। କିନ୍ତୁ ଏହା ମୋଟ ସଦସ୍ୟଙ୍କ ମାତ୍ର ୧୫%। ଅନ୍ୟପକ୍ଷେ ୨୦୧୪ରେ ରାଜ୍ୟ ସଭାରେ ସର୍ବାଧିକ ୧୨.୭% ମହିଳା ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଥିଲେ।

୧୯୫୧ରେ ଲୋକ ସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ୫% ଥିଲା, ଯାହାକି ୧୯୫୭ରେ ମଧ୍ୟ ବଳବତ୍ତର ରହିଥିଲା। ୧୯୬୨, ୧୯୬୭ରେ ଏହା ୬%କୁ ବୃଦ୍ଧି ପାଇଥିଲା। ୧୯୭୧ରେ ପୁଣି ୫%କୁ ଖସିଆସିଥିଲା। ୧୯୭୭ରେ ୪%, ୧୯୮୦ରେ ୫%, ୧୯୮୪ରେ ୮%, ୧୯୮୯ରେ ୬%, ୧୯୯୧ରେ ୭%, ୧୯୯୬ରେ ୭%, ୧୯୯୮ରେ ୮%, ୧୯୯୯ରେ ୯%, ୨୦୦୪ରେ ୮%, ୨୦୦୯ରେ ୧୧% ଓ ୨୦୧୪ରେ ୧୨% ମହିଳା ଲୋକ ସଭାରେ ପ୍ରତିନିଧିତ୍ୱ ସୁଯୋଗ ପାଇଥିଲେ।

ରାଜ୍ୟ ସଭା କଥା ଦେଖିଲେ ୧୯୫୨ରେ ୬.୯%, ୧୯୫୪ରେ ୭.୮%, ୧୯୬୫ରେ ୮.୬%, ୧୯୫୮ରେ ୯.୫%, ୧୯୬୦ରେ ୧୦.୨%, ୧୯୬୨ରେ ୭.୨%, ୧୯୬୪ରେ ୮.୯%, ୧୯୬୬ରେ ୯.୮% ମହିଳାଙ୍କୁ ପ୍ରତିନିଧିତ୍ୱ ସୁଯୋଗ ମିଳିଥିବାବେଳେ ୧୯୬୮ରେ ଏହା ୯.୬% ରହିଥିଲା। ୧୯୭୦ ବେଳକୁ ପୁଣି ୫.୮%କୁ ଖସିଆସିଥିଲା। ୧୯୭୨ରେ ୭.୪%, ୧୯୭୪ରେ ୭.୫%, ୧୯୭୬ରେ ୧୦.୧% ଓ ୧୯୭୮ରେ ୧୦.୨% ମହିଳା ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ। ସେହିପରି ୧୯୮୦ରେ ୧୨%, ୧୯୮୨ରେ ୧୦.୧%, ୧୯୮୪ରେ ୧୦.୩%, ୧୯୮୬ରେ ୧୧.୫%, ୧୯୮୮ରେ ୧୦.୬%, ୧୯୯୦ରେ ୧୦.୩%, ୧୯୯୨ରେ ୭.୨%, ୧୯୯୪ରେ ୮.୩%, ୧୯୯୬ରେ ୭.୮%, ୧୯୯୮ରେ ୭.୭%, ୨୦୦୦ରେ ୯%, ୨୦୦୨ରେ ୧୦.୨%, ୨୦୦୪ରେ ୧୧.୪% ମହିଳା ରାଜ୍ୟ ସଭାକୁ ଯାଇଥିଲେ। ଅନୁରୂପ ଭାବେ ୨୦୦୬ରେ ୧୦.୨%, ୨୦୦୮ରେ ୯.୮%, ୨୦୧୦ରେ ୧୧%, ୨୦୧୨ରେ ୧୦.୬%, ୨୦୧୪ରେ ୧୨.୭%, ୨୦୧୬ରେ ୧୧%, ୨୦୧୮ରେ ୧୧.୪% ଓ ୨୦୨୦ରେ ୧୦.୨% ମହିଳା ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସପ୍ତଦଶ ଲୋକ ସଭାରେ ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗର ସର୍ବାଧିକ ମହିଳା ସଦସ୍ୟା ରହିଛନ୍ତି। ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ହାରାହାରି ପ୍ରତିନିଧିତ୍ୱ ଆହୁରି କମ୍ ରହିଆସିଥିବା ଥିଙ୍କ୍‌ଟ୍ୟାଙ୍କ୍ ଅବଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍ (ଓଆର୍‌ଏଫ୍) ପକ୍ଷରୁ ୨୦୨୨ ଡିସେମ୍ବରରେ ବିଶ୍ଳେଷଣ କରାଯାଇଥିଲା।

### ଚାଇନାର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବହିଷ୍କୃତ

ବେଜିଂ,୧୯।୯



କିନ୍ ଗାଙ୍ଗ୍

ଚାଇନାର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍‌ଙ୍କୁ ତାଙ୍କ ପଦରୁ ବହିଷ୍କାର କରାଯାଇଛି। ସେ ପୂର୍ବରୁ ଆମେରିକା ରାଷ୍ଟ୍ରଦୂତ ଥିବାବେଳେ ସେଠାରେ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖି ଏକ ପିଲାର ବାପା ହୋଇଥିବା ତଦନ୍ତରୁ ଜଣାପଡ଼ିବା ପରେ ବେଜିଂ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ ବହିର୍ବ୍ୟାପାର ମନ୍ତ୍ରୀ ପଦରେ ୬ ମାସ କାର୍ଯ୍ୟ କରିବା ପରେ ମାସେ ପାଇଁ ରହସ୍ୟଜନକ ଭାବେ ଉଭାନ ହୋଇଯାଇଥିଲେ। ଫଳରେ ଗତ ଜୁଲାଇରେ ତାଙ୍କ ସ୍ଥାନରେ କୂଟନୀତିଜ୍ଞ ୱାଙ୍ଗ ୱିଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ କରାଯାଇଥିଲା। କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କରାଯାଇଥିବା ତଦନ୍ତରୁ କିନ୍‌ଙ୍କ ଜୀବନଶୈଳୀ ପ୍ରସଙ୍ଗରେ ଜଣାପଡ଼ିଥିଲା। ସେହି ଜୀବନଶୈଳୀ କ’ଣ, ତାହା ସରକାରୀ ଭାବେ ସ୍ପଷ୍ଟ ହୋଇ ନ ଥିବାବେଳେ ସାଧାରଣତଃ ଏହା ଏକପ୍ରକାର ଯୌନ ଅସଦାଚରଣ ହୋଇପାରେ ବୋଲି କୁହାଯାଉଛି। ଆମେରିକାରେ ଏହି ସମ୍ପର୍କରୁ କିନ୍ ଏକ ସନ୍ତାନର ବାପା ହୋଇଥିଲେ। ଉକ୍ତ ସମ୍ପର୍କ ଯୋଗୁ ଦେଶର ସୁରକ୍ଷା ସହ ସାଲିସ୍ କରାଯାଇଛି କି ନାହିଁ, ତାହା ଉପରେ ତଦନ୍ତ ଜାରି ରହିଛି।

# ଜି୨୦ ସମିଟ୍‌କୁ ବଡ଼ ସଫଳତା ମିଳିଛି

## ୟୁଏନ୍‌ଜିଏରେ ବାଇଡେନ୍

ଜାତିସଂଘ,୧୯।୯(ପି.ଟି.)



ଭାରତ ଅଧ୍ୟକ୍ଷତାରେ ଜି୨୦ ନେତାମାନଙ୍କ ସମ୍ମିଳନୀକୁ ବଡ଼ ସଫଳତା ମିଳିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଜାତିସଂଘ ସାଧାରଣ ସଭାକୁ ଉଦ୍‌ବୋଧନ ଦେଇ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ସମିଟ୍‌ରେ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ୍ ଅର୍ଥନୈତିକ କରିଡର ନିର୍ମାଣ ନିଷ୍ପତ୍ତି ଏବଂ ଆଫ୍ରିକୀୟ ୟୁନିୟନକୁ ଜି୨୦ ରାଷ୍ଟ୍ରଗୋଷ୍ଠୀରେ ସାମିଲ କରିବା ଉଲ୍ଲେଖନୀୟ ସଫଳତା ବୋଲି ବାଇଡେନ୍ ବିଶ୍ୱ ନେତାମାନଙ୍କୁ ଜଣାଇଛନ୍ତି। ଏହାଦ୍ୱାରା ଦୁଇ ମହାଦେଶ ମଧ୍ୟରେ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଗତ ୯ ଓ ୧୦ ତାରିଖରେ ଭାରତ ଅଧ୍ୟକ୍ଷତାରେ ଜି୨୦ ନେତାମାନଙ୍କ ବାର୍ଷିକ ସମିଟ୍ ଅନୁଷ୍ଠିତ ହୋଇଥିଲା।

ଜି୨୦ ଅଧ୍ୟକ୍ଷ ଭାବେ ଭାରତ ଗ୍ଲୋବାଲ ସାଉଥ୍, ଆତଙ୍କବାଦର ମିଳିତ ମୁକାବିଲା, ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ସଂସ୍କାର ଏବଂ ଶାନ୍ତିସ୍ଥାପନ ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିଲା। ଜାତିସଂଘ ସାଧାରଣ ସଭାର ୭୮ତମ ଅଧିବେଶନରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ ଏହା କହିଛନ୍ତି। ବୈଶ୍ୱିକ ସହଯୋଗ, ଶାନ୍ତି, ସ୍ଥାୟୀ ବିକାଶ ପ୍ରତି ଭାରତର ଅଟଳ ପ୍ରତିଶ୍ରୁତିବଦ୍ଧତାକୁ ସେ ପୁଣିଥରେ ଦୋହରାଇଛନ୍ତି।

### ପାକିସ୍ତାନ ଭିକ ମାଗୁଛି, ଭାରତ ଚନ୍ଦ୍ରରେ: ନୱାଜ ଶରିଫ୍

ଲାହୋର,୧୯।୯



ପାକିସ୍ତାନ ସାରା ବିଶ୍ୱରେ ବୁଲି ବୁଲି ସହାୟତା ପାଇଁ ହାତ ପତାଉଥିବାବେଳେ ଭାରତ ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ସହ ଜି୨୦ ସମ୍ମିଳନୀ ଆୟୋଜନ କରିଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ କହିଛନ୍ତି। ପାକିସ୍ତାନର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତି ପାଇଁ ସେ ପୂର୍ବତନ ଜେନେରାଲ୍ ଓ ବିଚାରପତିମାନଙ୍କୁ ଦାୟୀ କରିଛନ୍ତି। ଭାରତ ଭଳି ପାକିସ୍ତାନ କାହିଁକି ସଫଳତାର ଶୀର୍ଷରେ ପହଞ୍ଚି ପାରିଲା ନାହିଁ, ଏଥିପାଇଁ କିଏ ଦାୟୀ ବୋଲି ଶରିଫ ଲାହୋର ଠାରେ ଆୟୋଜିତ ବୈଠକରେ ଲଣ୍ଡନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଶ୍ନ କରିଥିଲେ। ୨୦୧୯ ନଭେମ୍ବରରେ ଦୁର୍ନୀତି ମାମଲାରେ ପିଏମ୍‌ଏଲ୍-ଏନ ନେତା ଶରିଫଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିବାବେଳେ ସେ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ଦେଶରୁ ପଳାୟନ କରିଥିଲେ।

# ୧୦ ବର୍ଷରେ ଶିଶୁ ମୃତ୍ୟୁହାର ୪୦% କମିଛି

ନୂଆଦିଲ୍ଲୀ,୧୯।୯

ଭାରତ ସମେତ ୬ଟି ଦେଶରେ ଗତ ୧୦ ବର୍ଷ ମଧ୍ୟରେ ମାତୃ ମୃତ୍ୟୁହାର ହ୍ରାସ ପାଇଥିବା ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି କରାଯାଇଥିବା ଏହି ତାଲିକାରେ ବାଂଲାଦେଶ, ଭୁଟାନ, କୋରିଆ, ମାଳଦୀପ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ରହିଛି। ଗତ ୧୦ବର୍ଷ ମଧ୍ୟରେ ସାରା ବିଶ୍ୱରେ ନବଜାତ ଶିଶୁ ମୃତ୍ୟୁହାର ୨୨% କମିଥିବାବେଳେ ଭାରତ ସମେତ ଅନ୍ୟ ୫ଟି ଦେଶରେ ଏହା ୪୦% କମିଛି ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ମାତୃମୃତ୍ୟୁ, ନବଜାତ ଏବଂ ଶିଶୁ ମୃତ୍ୟୁହାରକୁ ନେଇ ଶ୍ରୀଲଙ୍କାର କଲମ୍ବୋରେ ୪ ଦିନିଆ ବୈଠକ ଆୟୋଜିତ ହୋଇଥିଲା। ଏହି ଅବସରରେ ଉପରୋକ୍ତ ବିଷୟ ଘୋଷଣା କରାଯାଇଥିଲା। ଉପଯୁକ୍ତ ବୟସ ହୋଇନଥିବା କାରଣରୁ ଅଧିକାଂଶ ମହିଳା ଗର୍ଭାବସ୍ଥାରେ କଷ୍ଟ ଅନୁଭବ କରିବା ସହ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେବେ ଭାରତ ସରକାର ଗତ କିଛି ବର୍ଷ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେଇଥିବାରୁ ମାତୃ ମୃତ୍ୟୁହାର କମିବାରେ ଲାଗିଛି। ଭାରତରେ ୨୦୧୪-୧୬ ମଧ୍ୟରେ ମାତୃ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୧୩୦ ଥିବାବେଳେ ୨୦୧୫-୧୭ ମଧ୍ୟରେ ଏହି ସଂଖ୍ୟା ୧୨୨ ଥିଲା। ପରେ ୨୦୧୬-୧୮ ମଧ୍ୟରେ ଏହି ସଂଖ୍ୟା ୧୧୩କୁ ହ୍ରାସ ପାଇଥିଲା। ସେହିପରି ୨୦୧୭-୧୯ରେ ଭାରତରେ ମାତୃ ମୃତ୍ୟୁହାର ପ୍ରତି ଲକ୍ଷରେ ୧୦୩ ଥିଲା। ଅପରପକ୍ଷେ ୨୦୧୭ରେ ସାରା ବିଶ୍ୱରେ ମାତୃ ମୃତ୍ୟୁହାର ପ୍ରତି ଲକ୍ଷରେ ୨୧୧ ଥିଲା। ୨୦୩୦ ସୁଦ୍ଧା ସାରା ବିଶ୍ୱରେ ମାତୃ ମୃତ୍ୟୁହାରକୁ ପ୍ରତି ଲକ୍ଷରେ ୭୦କୁ କମାଇବାକୁ ମିଳିତ ଜାତିସଂଘ (ୟୁଏନ୍) ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। କେରଳ, ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ଗୁଜରାଟ ଏବଂ କର୍ନାଟକ ଭଳି ୮ଟି ରାଜ୍ୟ ଏହି ଟାର୍ଗେଟ ପୂରଣ କରିସାରିଲେଣି। ଡବ୍ଲ୍ୟୁଏଚ୍‌ଓ ଏକଥା ମଧ୍ୟ କହିଛି, ଭାରତ ସେହି ୩ଟି ଦେଶ ମଧ୍ୟରେ ରହିଛି ଯେଉଁଠି ଜନ୍ମରୁ ୫ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର (ୟୁ୫ଏମ୍‌ଆର୍) କମିବାରେ ଲାଗିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ ୨୦୧୯ରେ ୟୁ୫ଏମଆର୍ ପ୍ରତି ୧ ହଜାରରେ ୩୫ ଥିବାବେଳେ ୨୦୨୦ରେ ଏହା ୩୨କୁ ହ୍ରାସ ପାଇଥିଲା। ୨୦୩୦ ସୁଦ୍ଧା ଭାରତ ନବଜାତ ଶିଶୁ ମୃତ୍ୟୁହାର କମାଇବାରେ ମଧ୍ୟ ସଫଳ ହେବ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ବୈଠକରେ ଯୋଗଦେଇ ଡବ୍ଲ୍ୟୁଏଚ୍‌ଓର ଆଞ୍ଚଳିକ ନିର୍ଦ୍ଦେଶକ ଡା. ପୁନମ୍ କ୍ଷେତ୍ରପାଲ୍ ସିଂ କହିଛନ୍ତି, ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି କରାଯାଇଥିବା ନୂଆ ଗାଇଡଲାଇନ୍ ଅନୁସାରେ ଏସିଆର ଦକ୍ଷିଣ ପୂର୍ବ ଅଞ୍ଚଳରେ ଥିବା ଦେଶମାନଙ୍କରେ ମାତୃମୃତ୍ୟୁ, ନବଜାତ ଓ ଶିଶୁମୃତ୍ୟୁ ହାର କମାଇବା ଲାଗି ଆମେ ବିଭିନ୍ନ ପଦକ୍ଷେପ ନେଇଛୁ। ପରିଣାମ ସ୍ୱରୂପ ଗତ ୧୦ ବର୍ଷ ମଧ୍ୟରେ ଏସବୁ ଅଞ୍ଚଳରେ ମାତୃ ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି।



ଗଣେଶ ଚତୁର୍ଥୀ ଅବସରରେ ମଙ୍ଗଳବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ମୁମ୍ବାଇର ଆଣ୍ଟିଲିଆ ବାସଭବନରେ ପରିବାରବର୍ଗଙ୍କ ସହ ଆଳତି କରୁଛନ୍ତି। ତାଙ୍କ ସହ ମା’ କୋକିଲାବେନ୍, ସ୍ତ୍ରୀ ନୀତା, ପୁଅ ଅନନ୍ତ, ଆକାଶ ଏବଂ ଝିଅ ଇଶା ସମେତ ବୋହୂ, ନାତି-ନାତୁଣୀ ଓ ଅନ୍ୟମାନେ ।

# ନୂଆଁଖାଇରର ଅପାସୋରା ଅନୁଭବ

**କୃ**ଷି ସଂସ୍କୃତି ଓ ଅନନ୍ୟ ପରମ୍ପରାର ପର୍ବ ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଜନଜୀବନ ଧାରାରେ ପାରିବାରିକ ଐକ୍ୟ, ସାମାଜିକ ସଂହତିର ବାର୍ତ୍ତାବହ ଭାବେ ସ୍ୱୀକୃତ ଏହି ମହାନ୍ ଗଣପର୍ବ। ପ୍ରକୃତିମାତାଙ୍କୁ ପ୍ରଥମ ଶସ୍ୟ ଅର୍ପଣର ପରମ୍ପରାର ପାର୍ବଣ ନୂଆଁଖାଇ। ପିଢ଼ି ପରେ ପିଢ଼ି ଲୋକ ସଂସ୍କୃତିର ପ୍ରବହମାନ ଧାରାରେ ପାଳିତ ହୁଏ ଏହି ପର୍ବ । ନିଜ ଗାଁ ମାଟିର ମହକରେ ପରିବାରର ସଦସ୍ୟ, ସାଙ୍ଗସାଥୀ ମେଳରେ ପାଳିତ ଏହି ପର୍ବର ମଧୁରତା ନିଆରା। ପଶ୍ଚିମ ଓଡ଼ିଶାର ସମସ୍ତ ଜିଲା, ସଦର ମହକୁମା, ପଲ୍ଲୀଠୁ ଗାଁ ସବୁଠି ପାଳିତ ହୁଏ ଏହି ପର୍ବ। ମାତ୍ର ଆଧୁନିକତାର ପରିବର୍ତ୍ତିତ ପରିସ୍ଥିତିରେ ଶିଳ୍ପାୟନର ପ୍ରଭାବରେ ବିସ୍ଥାପିତ ଜନଜୀବନ ଧାରାରେ ନୂଆଁଖାଇ ପାଳନ କେବଳ ନିର୍ଦ୍ଦିଷ୍ଟ ଦିନରେ ଗତାନୁଗତିକ ଢାଞ୍ଚାରେ ହେଉଛି, କିନ୍ତୁ ସେଥିରେ ହଜିଯାଇଛି ମହକ। ଭିଟାମାଟି, ଗାଁର ସବୁଜିମାଭରା ପରିବେଶ, କୃଷିକ୍ଷେତ୍ର, ସାଙ୍ଗସାଥୀ, ଦେମୂଳ ପୀଠ, ଗାଁ ବରଗଛର ପିଣ୍ଡି ଶୈଶବର ସ୍ମୃତି ଆଜି ହଜିଯାଇଛି। ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଡୁଲିଙ୍ଗାଠାରେ ଏନ୍‌ଟିପିସି ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ଯୋଗୁ ଡୁଲିଙ୍ଗା, ମଝାପଡ, ବେଲଡିହି, ଖପୁରିକଛାର ଗ୍ରାମବାସୀଙ୍କୁ ବିସ୍ଥାପିତ ହେବାକୁ ପଡିଛି । ଏମାନେ ସାନଘୁମୁଡା ପଞ୍ଚାୟତ କଲାମେଘା ଠାରେ ଏନଟିପିସି ପକ୍ଷରୁ ନିର୍ମିତ ପୁନର୍ବାସ ଓ ଥଇଥାନ କଲୋନୀରେ ଥଇଥାନ ହୋଇଛନ୍ତି। ଗତ ୪ବର୍ଷ ହେବ ଗାଁ ମାଟିକୁ ଛାଡି ଏଠାରେ ଏହି ବିସ୍ଥାପିତ ପରିବାରଙ୍କ ଆରମ୍ଭ ହୋଇଛି ନୂଆ ଜୀବନ। ବିସ୍ଥାପିତ କଲୋନୀରେ ସେମାନେ ନିଜ ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବାକୁ ମଧ ଚେଷ୍ଟା କରିଛନ୍ତି। ଏଠାରେ କମ୍ପାନୀ ତରଫରୁ ପକ୍କା ଘର, ରାସ୍ତା, ଅନ୍ୟାନ୍ୟ ଆନୁଷଙ୍ଗିକ ଆଧୁନିକ ବ୍ୟବସ୍ଥା ଯୋଗାଇ ଦିଆଯାଇଛି ସତ ହେଲେ ସେ ଗାଁ ମାଟିର ବାସ୍ନା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ବିସ୍ଥାପିତ ହୋଇଥିବା ଗାଁର ଅନେକ ପରିବାର ଅନ୍ୟସ୍ଥାନକୁ ଯାଇ ମଧ ପୁନର୍ବସତି ସ୍ଥାପନ କରିଛନ୍ତି। ଗାଁର ଭିଟାମାଟି, ଗ୍ରାମଦେବତୀ, ଚାଷଜମି, ପାହାଡପର୍ବତ, ଝରଣା ଯୋର, ଗାଁ ଦାଣ୍ଡ ଆଜି ଲୀନ ହୋଇସାରିଛି ଖଣି ଗର୍ଭରେ। ଏବେ ବିସ୍ଥାପିତ କଲୋନୀ ଭିତରେ ନିଜ ପାରମ୍ପରିକ ଗଣପର୍ବ ନୂଆଁଖାଇ ପାଳନ କରୁଛନ୍ତି। ନୂଆଁଖାଇ ପର୍ବ ପାଳନ ଧାରାରେ ଚାଷୀର ନାହିଁ ଚାଷଜମି। ନାହିଁ ଆଉ ସବୁଜିମାଭରା ଧାନ କ୍ଷେତ। ନୂଆଁଖାଇ ସକାଳୁ ଯାଇ କେହି କୃଷିକ୍ଷେତ୍ରରେ ପୂଜା କରୁନାହାନ୍ତି। ଗାଁରେ ଥିବା ଦେମୂଳ ପୂଜା ଏବେ କଲୋନୀ ମଧ୍ୟରେ ତିଆରି ହୋଇଥିବା ଦେମୂଳ ଗୁଡିରେ ପୂଜା ହେଉଛି। କଲୋନୀ ଭିତରେ ପ୍ରତ୍ୟେକ ନିଜ ନିଜ ଘରେ ଦେବଦେବୀ ଓ ପିତୃପୁରୁଷଙ୍କଠାରେ ନୂଆ ଚାଉଳରେ ପ୍ରସ୍ତୁତ ନବାନ୍ନ ଅର୍ପଣ ପରେ ସମସ୍ତେ ଏକାଠି ବସି ନୂଆଁଖାଇ ପାଳନ କରନ୍ତି। ବିସ୍ଥାପିତ ହୋଇଥିବା ମଝାପଡା ଗ୍ରାମର ୬୨ ବର୍ଷୀୟା ନିଶାବତୀ ଖର୍ସେଲ କହନ୍ତି, ଗାଁକୁ ଯେତେବେଳେ ନୂଆବୋହୂ ହୋଇ ଆସିଥିଲି ପରିବାରର ସମସ୍ତେ ଏକାଠି ମିଶି ନୂଆ ଖାଉଥିଲୁ। ଗାଁରେ ଥିବା ଯୋରରେ ଗାଧୋଇ ଆସି ସମସ୍ତେ ମିଶି ପୂଜା ପ୍ରସ୍ତୁତିଠାରୁ ଆରମ୍ଭକରି ରନ୍ଧାବଢା, ପିଠାପଣା କରୁଥିଲୁ। ହେଲେ ସମୟକ୍ରମେ ଆଜି ଆମେ ଗାଁ ମାଟିରୁ ବିସ୍ଥାପିତ ହୋଇ ଏହି କଲୋନୀରେ ନୂଆଁଖାଇ ପାଳନ କରୁଛୁ। ଏହା ଭିତରେ ପୂର୍ବଭଳି ନୂଆଁଖାଇର ମହକ ନ ଥିଲେ ମଧ ୪ଖଣ୍ଡ ଗାଁର ଲୋକେ ଗୋଟିଏ କଲୋନୀରେ ରହି ଆମର ଏହି ମହାନ୍ ପରମ୍ପରା ନୂଆଁଖାଇ ପାଳନ କରି ଖୁସି ଅନୁଭବ କରୁଛୁ। ଗୋପୀନାଥ ପଧାନ କହିଛନ୍ତି, ଏଠାରେ ଚାଷ ଜମିକୁ ଯାଇ ନୂଆଁଖାଇ ପୂଜା ଆଉ କରିପାରୁନାହିଁ। ନୂଆଁଖାଇ ମଜା ଆମ ପାଇଁ ଅତୀତ ହୋଇଛି। ସେ ବିସ୍ତୀର୍ଣ୍ଣ ସବୁଜିମା ଭରା ଧାନକ୍ଷେତ, ଗୋରୁଗୁହାଳ, ଧାନ ଖଳା ଆଉ ସବୁଜ ବନାନୀ ନାହିଁ। ମଝାପଡାର ସପ୍ନେଶ୍ୱର ଭୋଇ କହିଛନ୍ତି, ଆଗରୁ ଗାଁରେ କାଲୋ ୨ଦିନ ପୂର୍ବରୁ ନୂଆଧାନ ଆଣି ପ୍ରତି ଘରେ ଦେଇଯାଉଥିଲେ, ହେଲେ ଏବେ ଏଠାରେ ଆଉ କାଲୋଙ୍କ ଡାକ ଶୁଭୁନାହିଁ । ଏହା ସତ୍ତ୍ୱେ ମଧ ନିଜ ପରମ୍ପରାକୁ ମନେ ପକାଇ ଏହାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛନ୍ତି ଏହି ବିସ୍ଥାପିତ ପରିବାର।

**ରିପୋର୍ଟ : ଜୟ ନାରାୟଣ ମେଣ୍ଟୁଲି**













































# ନୂଆ ରୂପରେ ଲାଲଚାନ୍ଦ୍ ମାଷ୍ଟରକ୍ୟାଣ୍ଟିନ୍ ଆଉଟ୍‌ଲେଟ୍




ଭୁବନେଶ୍ୱର,୧୯।୯(ଅଭୟ ଦାଶ)

ପୂର୍ବ ଭାରତର ବୃହତ୍ତମ ତଥା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ ଜୁଏଲର୍ସର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଆଉଟଲେଟ(ଶୋ'ରୁମ୍) ନୂଆ ରୂପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହଂସ ପରିବାରର ବୟୋଜ୍ୟୋଷ୍ଠ ତଥା ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ଜ୍ୟୋଷ୍ଠଭ୍ରାତା ଶ୍ୟାମ ସୁନ୍ଦର ହଂସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ସମେତ ଓଡ଼ିଆ ସିନେ ତାରକା କୁନା ତ୍ରିପାଠୀ, ଆକାଶ ଦାସ ନାୟକ, ଭୂମିକା ଦାସ ଏବଂ ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଗଣେଶ ଚତୁର୍ଥୀ ଅବସରରେ ଶୋ'ରୁମ୍‌ର ପଛପାର୍ଶ୍ୱରେ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ସହ ଏକ ନୂତନ ପ୍ରବେଶ ଦ୍ୱାର ଗ୍ରାହକଙ୍କ ପାଇଁ ଉନ୍ମୁକ୍ତ କରାଯାଇଛି, ଗ୍ରାହକମାନଙ୍କୁ ଶୋ'ରୁମ୍‌ରେ ସୁବିଧାଜନକ ପ୍ରବେଶ ପାଇଁ ଏହି ରୂପାନ୍ତରଣ କରାଯାଇଛି। ନୂତନ ଭାବେ ସୁସଜ୍ଜିତ ଉକ୍ତ ଶୋ'ରୁମ୍ ମଧ୍ୟକୁ ଗ୍ରାହକମାନେ ଉଭୟ ଦ୍ୱାର ଦେଇ ପ୍ରବେଶ କରିପାରିବେ। ଉକ୍ତ ଶୋ'ରୁମ୍‌ରେ ନିର୍ମିତ ସ୍ୱତନ୍ତ୍ର ସେଲ୍‌ଫି ପଏଣ୍ଟରେ ଗ୍ରାହକମାନେ ୨୩ ଓ ୨୪ ସେପ୍ଟେମ୍ବର ଅପରାହ୍ନ ୫ଟା ରୁ ୭ଟା ପର୍ଯ୍ୟନ୍ତ ଭୂମିକା ଓ ସୂର୍ଯ୍ୟମୟୀଙ୍କ ସହ ସେଲ୍‌ଫି ନେବାର ସୁଯୋଗ ପାଇପାରିବେ। ଉଦ୍‌ଘାଟନୀ ଅବସରରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ତଥା ଐତିହାସିକ ଅଫର୍ ଘୋଷଣା କରାଯାଇଛି, ଯାହା ସୀମିତ ଅବଧି ପାଇଁ (ସେପ୍ଟେମ୍ବର ୧୯-୨୪ ପର୍ଯ୍ୟନ୍ତ) ଉପଲବ୍ଧ। ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣା ଗଢ଼ାମୂଲ୍ୟ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା ରହିଛି, ସେହିପରି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦%, ହୀରା ମୂଲ୍ୟ ଉପରେ ଫ୍ଲାଟ ୩୦% ଏବଂ ନିର୍ଦ୍ଦିଷ୍ଟ ହାତ ଘଣ୍ଟା ବ୍ରାଣ୍ଡ୍‌ଗୁଡ଼ିକ ଉପରେ ଫ୍ଲାଟ୍ ୨୦% ରିହାତି ଅଫର ରହିଛି, ଏହା ସହ ପ୍ରତି ୨୫ହଜାର ଟଙ୍କା ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ରୌପ୍ୟ ମୁଦ୍ରା ସମ୍ପୂର୍ଣ୍ଣ ମାଗଣା ପ୍ରଦାନ କରାଯାଉଛି, ସବୁଠୁ ବଡ଼ କଥା ହେଲା ଲାଲଚାନ୍ଦର ଅଫରଗୁଡ଼ିକରେ ଗ୍ରାହକମାନଙ୍କ ପାଇଁ କୌଣସି ଲୁକ୍କାୟିତ ସର୍ତ୍ତ ନାହିଁ।

ଏ ସମ୍ପର୍କରେ ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଲାଲଚାନ୍ଦ୍ ମାଷ୍ଟରକ୍ୟାଣ୍ଟିନ୍ ଆଉଟଲେଟର ନବ କଳେବର କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ୩୫ ବର୍ଷରୁ ଅଧିକ ସମୟ ଧରି ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହିତ ଗୁଣାତ୍ମକ ସାମଗ୍ରୀ ପ୍ରଦାନ କରିଆସିଛୁ।

# ଏଚ୍‌ଏସ୍‌ବିସିର ଡିଜିଟାଲ୍ ଅଭିଯାନ

ଭୁବନେଶ୍ୱର,୧୯।୯

ଏଚ୍‌ଏସ୍‌ବିସି ମ୍ୟୁଚୁଆଲ୍ ଫଣ୍ଡର ନୂତନ ଡିଜିଟାଲ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିବେଶକମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏସ୍‌ଆଇପି ହେ ହାସ୍ ଟ୍ୟାଗ୍ ଫାଇଦେ ୱାଲି ଆଦତ୍ ନାମକ ଏକ ଡିଜିଟାଲ୍ ଅଭିଯାନ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଛି, ଯେଉଁଥିରେ ଦୀର୍ଘସ୍ଥାୟୀ ଆର୍ଥିକ ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରୁଛି। ବିଶେଷକରି ଏହା ଏସଆଇପିର ପରିବର୍ତ୍ତନଶୀଳ ଶକ୍ତିକୁ ଆଲୋକପାତ କରିଛି। ଏହି ଅଭିଯାନ ଭାରତରେ ୨୭ ଓ ୩୫ ବର୍ଷ ବୟସ ମଧ୍ୟରେ ମିଲେନିଆଲ୍ ନିବେଶକମାନଙ୍କୁ ପ୍ରଶିକ୍ଷିତ ଓ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଭିଡିଓରେ କମ୍ପାଉଣ୍ଡିଂର ଶକ୍ତି ଏବଂ ଶୃଙ୍ଖଳିତ ନିବେଶର ମହତ୍ତ୍ୱକୁ ଗୁରୁତ୍ୱ ପ୍ରଦାନ କରାଯାଇଛି, ଏହା ମିଲେନିଆଲଙ୍କୁ ସେମାନଙ୍କର ବିବିଧ ଆର୍ଥିକ ଲକ୍ଷ୍ୟ ସହିତ ସମନ୍ୱିତ ହୋଇ ଶୀଘ୍ର ସେମାନଙ୍କର ନିବେଶ ଯାତ୍ରା ଆରମ୍ଭ କରିବା ଲାଗି ପ୍ରୋତ୍ସାହିତ କରୁଛି। ଏଥିରେ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ବିଶିଷ୍ଟ ଏକ ସିରିଜ ରହିଛି, ଏହି ସିରିଜର ପ୍ରଥମ ଚଳଚ୍ଚିତ୍ର ଲାଇଭ୍ ହୋଇଯାଇଛି, ଏହା ପରେ ଅନ୍ୟଗୁଡ଼ିକ ଆଗାମୀ ୨ସପ୍ତାହ ମଧ୍ୟରେ ଉନ୍ମୋଚିତ ହେବ ବୋଲି ଏଚ୍‌ଏସ୍‌ବିସି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ କୈଳାସ କୁଲକର୍ଣ୍ଣି ମତପ୍ରକାଶ କରିଛନ୍ତି।

# ବିଓବିକୁ ରାଜଭାଷା କୀର୍ତ୍ତି ପୁରସ୍କାର



ଭୁବନେଶ୍ୱର,୧୯।୯

କ୍ରମାଗତ ୨ୟ ବର୍ଷ ଲାଗି ବ୍ୟାଙ୍କ ଅଫ ବରୋଦା (ବିଓବି) କୁ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବର୍ଗରେ ବିଓବିକୁ ୨୦୨୨-୨୩ ବର୍ଷ ପାଇଁ ରାଜଭାଷା କୀର୍ତ୍ତି ପୁରସ୍କାର ଅଧୀନରେ ଦ୍ୱିତୀୟ ପୁରସ୍କାର ଦିଆଯାଇଛି। ଏପରିକି ୨୦୨୩ ହିନ୍ଦୀ ଦିବସ ଉପଲକ୍ଷେ ପୁଣେ (ମହାରାଷ୍ଟ୍ର)ଠାରେ ଆୟୋଜିତ ୩ୟ ଅଲ ଇଣ୍ଡିଆ ଅଫିସିଆଲ ଲାଙ୍ଗୁଏଜ କନଫରେନସ ଅବସରରେ ବିଓବିର ଏମଡି ତଥା ସିଇଓ ଦେବଦତ୍ତ ଚାନ୍ଦ ଗୃହ ରାଜ୍ୟ ମନ୍ତ୍ରୀ ଅଜୟ କୁମାର ମିଶ୍ରଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପିସଓଏଲର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଡିଓଏଲର ସଚିବ ଅଂଶୁଲି ଆରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଓ ଏୟାରଫାଇବରର ଶୁଭାରମ୍ଭ




ଭୁବନେଶ୍ୱର,୧୯।୯

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନେକୌଶଳରେ ନିର୍ମିତ 'ଜିଓ ଏୟାରଫାଇବର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପବିତ୍ର ଗଣେଶ ପୂଜା ଅବସରରେ ଦେଶର ପ୍ରମୁଖ ୮ ମେଟ୍ରୋ ସହର ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଓ ପୁଣେରେ ଜିଓ ଏୟାରଫାଇବର ସେବାର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ସେହିଭଳି ଜିଓ ପକ୍ଷରୁ ଏୟାରଫାଇବର ଓ ଏୟାରଫାଇବର୍ ମ୍ୟାକ୍ସ ନାମରେ ୨ଟି ପ୍ଲାନ୍ ମଧ୍ୟ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଆମର ଫାଇବର-ଟୁ-ଦି-ହୋମ୍ ସେବା ଜିଓ ଫାଇବର ୧ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି, ପ୍ରତିଦିନ ହଜାର ହଜାର ଲୋକ ସେଥିରେ ଯୋଡ଼ି ହେଉଛନ୍ତି। କିନ୍ତୁ ବର୍ତ୍ତମାନ ବି ଲକ୍ଷ ଲକ୍ଷ ଘର ଓ ଛୋଟ ବ୍ୟବସାୟୀଙ୍କୁ ଯୋଡ଼ିବା କାର୍ଯ୍ୟ ବାକି ରହିଛି, ଜିଓ ଏୟାରଫାଇବର ସହିତ ଦେଶର ସବୁ ଘରକୁ ସମାନ ଗୁଣବତ୍ତାର ସେବା ସହିତ ଆମେ ଶୀଘ୍ର ଯୋଡ଼ିବୁ। ଜିଓ ଏୟାରଫାଇବର ଶିକ୍ଷା, ସ୍ୱାସ୍ଥ୍ୟ, ନିରୀକ୍ଷଣ ଓ ସ୍ମାର୍ଟ ହୋମ୍ କ୍ଷେତ୍ରରେ ନିଜସ୍ୱ ସମାଧାନ ଜରିଆରେ ଲକ୍ଷ ଲକ୍ଷ ଘରକୁ ବିଶ୍ୱସ୍ତରୀୟ ଡିଜିଟାଲ୍ ମନୋରଞ୍ଜନ, ସ୍ମାର୍ଟ ହୋମ୍ ସେବା ଏବଂ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନ କରିବ। ଜିଓ ଏୟାରଫାଇବରକୁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ମଧ୍ୟ ବୁକିଂ କରାଯାଇପାରିବ।

# ଶାଲୁଙ୍କୁ ଇଣ୍ଟରନ୍ୟାଶନାଲ ଓମେନ ଅଫ୍ ଦି ଇୟର ପୁରସ୍କାର

ଭୁବନେଶ୍ୱର,୧୯।୯

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ 'ଜେଏସ୍‌ପି ଫାଉଣ୍ଡେଶନ'ର ଚେୟାରପର୍ସନ ଶାଲୁ ଜିନ୍ଦଲଙ୍କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଆମେରିକାର ଶିକାଗୋଠାରେ ଭାରତୀୟ ଦୂତାବାସର ସହଯୋଗରେ ଡିଟ୍ରାଇବାଲ୍ସ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ ସ୍ୱଦେଶୀ ମେଳା 'ଇଣ୍ଡିଆନ ଆମେରିକାନ ଟ୍ରେଡ୍ ଫେୟାର' ଅବସରରେ ଶାଲୁଙ୍କୁ ଇଣ୍ଟରନ୍ୟାଶନାଲ ଓମେନ ଅଫ୍ ଦି ଇୟର ପୁରସ୍କାରରେ ପୁରସ୍କୃତ (ସମ୍ମାନିତ) କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ୧୦ ନିୟୁତ ଲୋକଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ଶାଲୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଶିକାଗୋସ୍ଥିତ ଭାରତ ଦୂତାବାସର କନ୍‌ସଲ୍ ଜେନେରାଲ୍ ସୋମନାଥ ଘୋଷ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ସମ୍ମାନଜନକ ପ୍ରଶଂସା ପାଇବା ପରେ ଶାଲୁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଭାରତରେ ଲୋକଙ୍କ ଜୀବନଶୈଳୀକୁ ଆହୁରି ସମୃଦ୍ଧ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏପରିକି ଏହି ପୁରସ୍କାର ପାଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଏହି ପୁରସ୍କାର ଟିମ୍ ଜେଏସ୍‌ପି ଫାଉଣ୍ଡେଶନର ସାମୂହିକ ପ୍ରୟାସର ଏକ ସ୍ୱୀକୃତି ହୋଇଥିବାବେଳେ ଦେଶ ତଥା ସମଗ୍ର ବିଶ୍ୱରେ ବଞ୍ଚିତ ତଥା ସାମାଜିକ ଦୁର୍ବଳବର୍ଗଙ୍କ ଉଜ୍ଜ୍ୱଳ ତଥା ଅଧିକ ଅନ୍ତର୍ଭୁକ୍ତି ଭବିଷ୍ୟତ ସୃଷ୍ଟି କରିବାକୁ ଆମର ପ୍ରଚେଷ୍ଟା ଜାରି ରହିବ ବୋଲି ଶାଲୁ ମତପ୍ରକାଶ କରିଛନ୍ତି। ସେହିପରି ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଭାବେ ଶାଲୁ ଜିନ୍ଦଲ ମୁଖ୍ୟତଃ ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛନ୍ତି।



ଶାଲୁ ଜିନ୍ଦଲ

# ଟାଟା ଷ୍ଟିଲ୍‌କୁ ଫିମି ମାଇନିଂ ଇନୋଭେଶନ ପୁରସ୍କାର

ଭୁବନେଶ୍ୱର,୧୯।୯

ନୂଆଦିଲ୍ଲୀଠାରେ ଆୟୋଜିତ ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ପୁରସ୍କାର-୨୦୨୩ ସମାରୋହରେ ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଲୁହାପଥର ଖଣିକୁ ମାଇନିଂ ଇନୋଭେଶନ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ଟାଟା ଷ୍ଟିଲ୍‌ର ଯୋଡ଼ା ମୁଖ୍ୟ ରାଜେଶ କୁମାରଙ୍କ ସହିତ ଯୋଡ଼ା ଇଷ୍ଟ ମଜଦୁର ସଂଘର ସାଧାରଣ ସମ୍ପାଦକ ରଣଜିତ ଦାସ, ଓଏମ୍‌କ୍ୟୁର ବରିଷ୍ଠ ପ୍ରବନ୍ଧକ(ଇମ୍ପ୍ରୁଭ୍‌ମେଣ୍ଟ) ଏଟି ନନ୍ଦିନୀ ଏବଂ ଟାଟା ଷ୍ଟିଲ୍‌ର ପ୍ରବନ୍ଧକ-ଆଇଆର୍‌ଏମ୍‌ଏସ୍‌ସି ଦେବଦତ୍ତ ଦେବ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

GOVERNMENT OF ODISHA
WORKS DEPARTMENT
SHORT ADVERTISEMENT
No. WORKS-OE-I-MISCSB-0001-2022/15375/W
Bhubaneswar, Dated: 14.09.2023
No. B-908: Applications are invited from the retired Group-D employees residing in Bhubaneswar Municipal Corporation area and within the age of 63 years of age for filling up of four (4) Number of Group-D Category post on consolidated remuneration basis as per FD O.M. No. 24533/F Dt.29.09.2022. The application should reach the Joint Secretary, Works Department, Lokaseva Bhawan, Bhubaneswar - 751001 by Regd./Speed Post by 30.09.2023 at 5 P.M. Application received after last date shall not be considered. The application form and the terms & conditions etc. are available in the Department's Website: www.worksodisha.gov.in.
Sd./- Joint Secretary to Government
OIPR-34001/11/0002/2324

## ଫୁର୍‌ସତ୍

# ଦଶହରାରେ ଟାଇଗରଙ୍କ 'ଗଣପଥ'



ଟାଇଗର ଶ୍ରଫ

ମୁମ୍ବାଇ

ବଲିଉଡ୍‌ର ଅଭିନେତା ଟାଇଗର ଶ୍ରଫ ଖୁବ୍‌ଶୀଘ୍ର ଏକ ସିନେମାରେ ତାଙ୍କର ଯାଦୁ ଦେଖାଇବାକୁ ଆସୁଛନ୍ତି। ଏନେଇ ସେ ଆସନ୍ତା ଫିଲ୍ମ 'ଗଣପଥ: ଏ ହିରୋ ଇଜ୍ ବର୍ନ'ର ଫାଷ୍ଟ ଲୁକ୍ ଶେୟାର କରିଛନ୍ତି। ସିନେମା 'ହିରୋପନ୍ତି' ପରେ ପୁଣିଥରେ ଟାଇଗରଙ୍କ ସହ ଅଭିନେତ୍ରୀ କ୍ରୀତି ସାନନ ଏକାଠି ନଜରକୁ ଆସିବେ। ନିର୍ଦ୍ଦେଶକ ବିକାଶ ବଲ ଗଣେଶ ଚତୁର୍ଥୀ ଅବସରରେ ସୋସିଆଲ ମିଡିଆରେ ଏକ ପୋଷ୍ଟର ଶେୟାର କରିଛନ୍ତି, ଯେଉଁଥିରେ ଟାଇଗରଙ୍କୁ ଦେଖିବାକୁ ମିଳିଛି। ବାସୁ ଭଗନାନି, ଜ୍ୟାକି ଭଗନାନି, ଦୀପଶିଖା ଦେଶମୁଖ ଏବଂ ବିକାଶ ବଲ ଚଳଚ୍ଚିତ୍ରରେ ପ୍ରଯୋଜନା କରିଛନ୍ତି। ମୁଭିରେ ବିଗ୍ ବି ଅମିତାଭ ବଚ୍ଚନ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଚଳିତବର୍ଷ ଦଶହରା ଅବସରରେ ଅକ୍ଟୋବର ୨୦ରେ ସିନେମା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଫିଲ୍ମ ବିଶ୍ୱବ୍ୟାପୀ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼ ଆଦି ଭାଷାରେ ରିଲିଜ୍ ହେବ। ଫିଲ୍ମରେ ରେହମାନ୍, ଶାରିକ ଖାନ୍, ଏଲି ଆଭରରାମ୍, ଫୈସଲ ମହମ୍ମଦ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ। ଟାଇଗର ୨୦୧୪ରେ 'ହିରୋପନ୍ତି'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ 'ବାଗୀ', 'ଏ ଫ୍ଲାଇଂ ଜାଟ୍', 'ମୁନ୍ନା ମାଇକେଲ', 'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ ୨', 'ଷ୍ଟୁଡେଣ୍ଟ ଅଫ୍ ଦି ଇଅର ୨', 'ୱାର୍', 'ବାଗୀ ୩' ଆଦିରେ ନଜରକୁ ଆସିଥିଲେ। ଶେଷ ଥର ପାଇଁ ତାଙ୍କୁ 'ହିରୋପନ୍ତି-୨'ରେ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କୁ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛି। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।

# ଭବିଷ୍ୟତ ଆମ୍ବୁଲାନ୍ସ



ସାକ୍ରାମେଣ୍ଟୋ

କେତେବେଳେ ଲୋକଙ୍କ ଦେହ ଅଚାନକ ଖରାପ ହୋଇଯିବ, ତାହା କହି ହେବନି। ଏଥିପାଇଁ ଲୋକେ ବହୁ ପ୍ରକାରର ଔଷଧ ସାଙ୍ଗରେ ରଖିଥାନ୍ତି। କିନ୍ତୁ ଦେହ ଖରାପ ହେଲେ ହସ୍ପିଟାଲରେ ପହଞ୍ଚିବା ସବୁ ସମୟରେ ସମ୍ଭବ ହୋଇ ନ ଥାଏ। ଏଥିଯୋଗୁ ଅନେକଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ଯଦି ଏପରି ଗୋଟିଏ ଉଡ଼ନ୍ତା ଆମ୍ବୁଲାନ୍ସ ଆସନ୍ତା ଆଉ ଲୋକଙ୍କୁ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚାନ୍ତା, ତେବେ ସେମାନଙ୍କ ଚିକିତ୍ସା ସହଜରେ ହୋଇପାରିବ। ଭବିଷ୍ୟତରେ ଏପରି ଏକ ଉଡ଼ନ୍ତା ଆମ୍ବୁଲାନ୍ସ ଆସିବାକୁ ଯାଉଛି, ଯାହାକୁ ଭବିଷ୍ୟତର ଆମ୍ବୁଲାନ୍ସ ବୋଲି କୁହାଯାଉଛି। ତାହାର ସ୍ପିଡ୍ ୨୮୮ ଏମ୍‌ପିଏଚ୍ ରହିବ। ଏଥିସହ ଏହା ୮ ମିନିଟ୍‌ରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବ। ତେବେ ଏପରି ଯୋଜନାର ଏକ ଭିଡିଓ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ଆଣିବାକୁ ଚିନ୍ତା କରାଯାଉଛି। ଏହି ଭବିଷ୍ୟତ ଆମ୍ବୁଲାନ୍ସକୁ ବ୍ୟବହାର କରି ଉପାନ୍ତ ଅଞ୍ଚଳରୁ ଲୋକଙ୍କୁ ହସ୍ପିଟାଲରେ ପହଞ୍ଚାଯାଇପାରିବ। ଏବେ ଏହାର ଏକ ମଡେଲ ପ୍ରସ୍ତୁତ କରାଯାଇଛି। ଏଥିରେ କ୍ରୁ ସଦସ୍ୟ ଭାବେ ୨ ଜଣ ଲୋକ ରହିବେ। ଏହି ପ୍ରୋଜେକ୍ଟକୁ କାଲିଫର୍ନିଆର ଜମ୍ପ ଏରୋ କମ୍ପାନୀ ଶେୟାର କରିଛି। ଆମେରିକାର ଏକ କମ୍ପାନୀ ଏହି ଯୋଜନା ଶୁଣିବା ପରେ ସେ ୩୦ କୋଟି ଟଙ୍କାର ଏକ ଚୁକ୍ତିରେ ଦସ୍ତଖତ କରିଛି। ଏଥିସହ ଜମ୍ପ ଏରୋକୁ ଡେନ୍‌ମାର୍କର ଏକ ଆମ୍ବୁଲାନ୍ସ ସର୍ଭିସ କମ୍ପାନୀ ପକ୍ଷରୁ ଅର୍ଡର ମିଳିସାରିଛି।

# ସମସ୍ତଙ୍କ ଘରେ ନିଜସ୍ୱ ବିମାନ



ଇଂଲଣ୍ଡ

ବର୍ତ୍ତମାନ ସମୟରେ ପ୍ରତ୍ୟେକଙ୍କ ଘରେ କିଛି ନା କିଛି ଯାନବାହନ ନିହାତି ଥିବ। ସେ ସାଇକେଲ ହେଉ କିମ୍ବା ବାଇକ୍ କି ଦାମୀ କାର୍। ଲୋକେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ତାକୁ ବ୍ୟବହାର କରିଥାନ୍ତି। ହେଲେ ଏକ ଜାଗା ଅଛି, ଯେଉଁଠାରେ ପ୍ରତ୍ୟେକଙ୍କ ଘରେ ଦୁଇଚକିଆ କିମ୍ବା ୪ ଚକିଆ ନୁହେଁ ବିମାନ ରହିଛି। ସେମାନଙ୍କ ପାଇଁ ତାହା ସାମାନ୍ୟ। ସେମାନେ କିଛି ଛୋଟ କାମ ପାଇଁ ହେଉ ପଛେ ସେହି ବିମାନ ବ୍ୟବହାର କରିଥାନ୍ତି। ଆମେରିକାର କାଲିଫର୍ନିଆରେ ଏକ ସ୍ଥାନ ରହିଛି, ଯେଉଁଠାରେ ସମସ୍ତଙ୍କ ଘର ସମ୍ମୁଖରେ ଏକ ଉଡ଼ାଜାହାଜ ଠିଆ ହୋଇଛି। ସେମାନଙ୍କୁ କେଉଁଠାକୁ ଯିବାକୁ ହେଲେ, ସେମାନେ ତାଙ୍କ ଉଡ଼ାଜାହାଜକୁ ନେଇ ଯାଆନ୍ତି। କାଲିଫର୍ନିଆର କେମରନ୍ ଏୟାରପାର୍କ ନାମକ ସହରର ସଡ଼କ ସାଧାରଣଠାରୁ ଅଧିକ ଚଉଡ଼ା । ଏହା ଫଳରେ ଏହି ରାସ୍ତାରେ ବିମାନ ଯାତ୍ରା ହୋଇପାରିବ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ସମସ୍ତେ ତ ଉଡ଼ାଜାହାଜ ଚଲାଇ ପାରିବେନି। ତେବେ ଏଠାରେ ରହୁଥିବା ସମସ୍ତେ ଜଣେ ଜଣେ ପାଇଲଟ। ସେମାନେ ନିଜ ନିଜ ଉଡ଼ାଜାହାଜ ନିଜେ ନେଇ ଯାଇଥାନ୍ତି। ଏଠାରେ ରହୁଥିବା ଲୋକ ପ୍ରତି ଶନିବାର ଏକାଠି ହୋଇ ଉଡ଼ାଜାହାଜ ନେଇ ଏୟାରପୋର୍ଟକୁ ଯାଇଥାନ୍ତି। ରିପୋର୍ଟ ମୁତାବକ, ଆମେରିକାରେ ମୋଟ ୬୦୦ରୁ ଉର୍ଦ୍ଧ୍ୱ ଏୟାର ପାର୍କ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏପରି ବହୁତ ଏୟାର ଫିଲ୍ଡ ପ୍ରସ୍ତୁତ କରାଯାଇଥିଲା। ତାକୁ ପରେ ବଦଳା ନ ଯାଇ ପରେ ରେସିଡେନ୍ସିଆଲ ଏୟାର ପାର୍କ କରିଦିଆଗଲା। ଏଠାରେ କେବଳ ରିଟାୟାର୍ଡ ମିଲିଟାରି ପାଇଲଟ ହିଁ ରହିଥାନ୍ତି। ୧୯୪୬ ମସିହା ବେଳକୁ ଆମେରିକାରେ ମୋଟ ୪ ଲକ୍ଷ ପାଇଲଟ ଥିଲେ, ଯେଉଁମାନେ ଏପରି ଏୟାରପାର୍କରେ ରହିବାକୁ ଆରମ୍ଭ କଲେ। କେମରନ୍ ପାର୍କ ୧୯୬୩ରେ ହୋଇଥିଲା। ଏଠାରେ ମୋଟ ୧୨୪ ଘର ରହିଛି।

ନୂଆଁଖାଇ ଜୁହାର - ୨୦୨୩
ସୁବର୍ଣ୍ଣପୁର ଚାଷୀଭାଇ, ମା, ବହେନ୍‌ମାନଙ୍କୁ ଓ ପଶ୍ଚିମ ଓଡ଼ିଶାର ଭାଇ ବହେନ୍ ସବ୍‌କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ''ନୂଆଁଖାଇର୍ ଜୁହାର୍''। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇମାନଙ୍କର ମା'ଲକ୍ଷ୍ମୀଙ୍କର କୃପାଥୁ ଭଣ୍ଡାର ଘର୍ ଉଛୁଲି ପଡୁ ଆର୍ ୨୦୨୩ ବଛର୍ ସବ୍‌କର ମଙ୍ଗଳ ହେଉ।
୧. କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୫. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
ଶ୍ରୀଯୁକ୍ତ ଡ. ବିଭୂତିଭୂଷଣ ମିଶ୍ର
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ତଥା
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା, ସୁବର୍ଣ୍ଣପୁର

Unleashing Values
आज़ादी का अमृत महोत्सव
G20
आईआरईएल(इंडिया) लिमिटेड
ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍
(ପୂର୍ବରୁ ଇଣ୍ଡିଆନ ରେଆର୍ ଆର୍ଥସ୍ ଲିମିଟେଡ୍)
ରେଆର୍ ଆର୍ଥସ୍ ଡିଭିଜନ, କୋଚି, କେରଳ, ଇମେଲ୍: purchase-red@irel.co.in
ସିଆଇଏନ୍: ୟୁ୧୫୦୦୦ଏମ୍‌ଏଚ୍୧୯୫୦ଜିଓଆଇ୧୦୦୮୧୮୭
ଏକ ଆଇଏସ୍‌ଓ ୯୦୦୧, ୧୪୦୦୧ ଏବଂ ୪୫୦୦୧ କମ୍ପାନୀ
ଟେଣ୍ଡର ବିଜ୍ଞପ୍ତି
ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ରେଆର୍ ଆର୍ଥସ୍ ଡିଭିଜନ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ଟେଣ୍ଡର ଆହ୍ୱାନ କରୁଛି:

| ସାମଗ୍ରୀ/କାର୍ଯ୍ୟର ବର୍ଣ୍ଣନା | ଜିଇଏମ୍ ପୋର୍ଟାଲରେ ଟେଣ୍ଡର ଉପଲବ୍ଧତା |
|---|---|
| କଷ୍ଟିକ୍ ସୋଡା ଲାଏର ଯୋଗାଣ | ତା୨୦।୦୯।୨୦୨୩ରିଖ ୧୪.୦୦ ଘଟିକା |

ବିବରଣୀ ପାଇଁ ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ:
gem.gov.in, http://bit.ly/cpppirelil, www.irel.co.in/tender-information
ଉପରୋକ୍ତ ଟେଣ୍ଡରର ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକରେ ପ୍ରକାଶିତ ହେବ।
ତାରିଖ: ୨୦।୦୯।୨୦୨୩
ଜିଏମ୍ ଏବଂ ମୁଖ୍ୟ, ଆର୍‌ଇଡି
CBC 48129/12/0026/2324

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଉପଲକ୍ଷେ ସୋନପୁର ଉପଖଣ୍ଡର ସମସ୍ତ ଚାଷୀଭାଇ ଭଉଣୀମାନଙ୍କୁ ନିୟନ୍ତ୍ରିତ ବଜାର କମିଟି ତରଫରୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ଉଦିତ୍ କୁମାର ବାବୁ
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି
ଶ୍ରୀ ବିମଳେନ୍ଦୁ ରାୟ
ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ପିହୁ
ପରିବାରବର୍ଗ


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିବାଦରେ ସୋନିଆଙ୍କ ପୋଷ୍ଟର

## କଂଗ୍ରେସ ପୁଣି ଭାରତ ମାତାଙ୍କୁ ଅପମାନିତ କରିଛି: ଭାଜପା


ହାଇଦ୍ରାବାଦରେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ପୋଷ୍ଟର।

**ହାଇଦ୍ରାବାଦ,୧୯।୯**

ଆସନ୍ତା ୨ରୁ ୩ମାସ ମଧ୍ୟରେ ତେଲଙ୍ଗାନାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ସମସ୍ତ ରାଜନୈତିକ ଦଳ ଜୋରଦାର ପ୍ରୟାସ ଚଳାଇଛନ୍ତି। ଏହି କ୍ରମରେ କଂଗ୍ରେସର ଏକ ପୋଷ୍ଟରକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପୋଷ୍ଟରରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭାରତ ମାତା ଭାବରେ ଚିତ୍ରଣ କରାଯାଇଛି। ଏହାକୁ ଭାଜପା ବିରୋଧ କରିଛି। କଂଗ୍ରେସ ପାଇଁ ପରିବାରବାଦ ସର୍ବଦା ଜାତୀୟତା ହୋଇ ରହିଆସିଛି ବୋଲି ଗୈରିକ ଦଳ କହିଛି ।

ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୧୭ରେ ହାଇଦ୍ରାବାଦରେ କଂଗ୍ରେସ ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ଏହି ସଭାକୁ ଦଳର ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ,ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ଏହି ନେତାମାନେ ହାଇଦ୍ରାବାଦ ଆସୁଥିବାରୁ କଂଗ୍ରେସ କର୍ମୀମାନେ ସେମାନଙ୍କ ପୋଷ୍ଟର ସାରା ସହରରେ ଲଗାଇଥିଲେ। ତେବେ ଏକ ପୋଷ୍ଟରରେ ସୋନିଆ ଗାନ୍ଧୀଙ୍କୁ ଭାରତ ମାତା ଭାବେ ଦର୍ଶାଯାଇଥିଲା। ଏଥିରେ ସୋନିଆ ମୁକୁଟ ପିନ୍ଧି ଜାତୀୟ ପତାକା ପରି ପୋଷାକ ପିନ୍ଧିଥିବାର ନଜର ଆସିଛନ୍ତି। ଏଥିସହିତ ତାଙ୍କ ଡାହାଣ ହାତରେ ତେଲଙ୍ଗାନାର ମାନଚିତ୍ର ଦେଖିବାକୁ ମିଳିଛି। ଅପରପକ୍ଷେ ଏହି ପୋଷ୍ଟରକୁ ନେଇ ଭାଜପା କହିଛି, କଂଗ୍ରେସ ପୁଣିଥରେ ଭାରତ ମାତାଙ୍କୁ ଅପମାନିତ କରିଛି। ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ସୋସିଆଲ ମିଡ଼ିଆ ଏକ୍ସରେ ଲେଖିଛନ୍ତି, ଭାରତକୁ ଅପମାନିତ କରିବାର ଅଭ୍ୟାସ କଂଗ୍ରେସର ରହିଛି।

# ୨୦୨୪ ନିର୍ବାଚନ ଲଢ଼ିବେ ପ୍ରଶାନ୍ତ

**ମୁଜାଫରପୁର,୧୯।୯**


ପ୍ରଶାନ୍ତ କିଶୋର

ବିଗତ ଏକ ବର୍ଷ ଧରି ବିହାରର ବିଭିନ୍ନ ଜିଲାରେ ଜନ ସୁରାଜ ପଦଯାତ୍ରା କରୁଥିବା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର(ପିକେ) ଏବେ ମୁଜାଫରପୁର ଜିଲାର ବିଭିନ୍ନ ଅଞ୍ଚଳରେ ପଦଯାତ୍ରା ଚଳାଇଛନ୍ତି । ତେବେ ୨୦୨୪ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ମଙ୍ଗଳବାର ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯଦି ନେତା ଏବଂ ଦଳମାନଙ୍କୁ ପରାମର୍ଶ ଦେଇ ପ୍ରଶାନ୍ତ କିଶୋର ଜିତିପାରିବେ, ତେବେ ମୋ ଉପରେ ବିଶ୍ୱାସ ରଖନ୍ତୁ ମୁଁ ବିହାରର ଲୋକମାନଙ୍କୁ ମଧ୍ୟ ଜିତାଇ ପାରିବି। ଏହି ସମଗ୍ର ଅଭିଯାନରେ ମୁଁ କହିଛି ଆମେ ଜନସାଧାରଣଙ୍କ ମଧ୍ୟରେ ଏପରି ଲୋକଙ୍କୁ ଖୋଜି ସେମାନଙ୍କୁ ନିର୍ବାଚନରେ ଛିଡ଼ା କରାଇ ବିଜୟୀ କରାଇବୁ। ଜଣେ ସଚ୍ଚୋଟ ବ୍ୟକ୍ତି ବିଜୟୀ ହେଲେ ରାଜ୍ୟ ତଥା ଦେଶର ସ୍ଥିତି ସୁଧୁରିବ। ଆସନ୍ତା ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନ ସମ୍ପୂର୍ଣ୍ଣ ଜନସାଧାରଣଙ୍କ ଉପରେ ନିର୍ଭର କରିବ। ଯଦି ଲୋକେ ନିଷ୍ପତ୍ତି ନିଅନ୍ତି ସେମାନେ ୨୦୨୪ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ, ତେବେ ସେମାନଙ୍କୁ ଆମେ ନିଶ୍ଚିତ ସାହାଯ୍ୟ କରିବୁ ବୋଲି ପିକେ କହିଛନ୍ତି।

# କଶ୍ମୀରରେ ନିର୍ବାଚନ କରାଇବାକୁ ଡରୁଛି କେନ୍ଦ୍ର: ଓମାର

**ଶ୍ରୀନଗର,୧୯।୯**


ଓମାର ଅବଦୁଲ୍ଲା

ନ୍ୟାଶନାଲ କନଫରେନ୍ସ ଉପାଧ୍ୟକ୍ଷ ତଥା ଜମ୍ମୁ- କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପୁଣି କେନ୍ଦ୍ରର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଜମ୍ମୁ-କଶ୍ମୀରରେ ନିର୍ବାଚନ କରାଇବାକୁ ସରକାର ଭୟ କରୁଛନ୍ତି।

ବଡ଼ଗାମଠାରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଓମାର କହିଛନ୍ତି, ଆମ ଦଳ କେବେବି ମହିଳାଙ୍କ ସଂରକ୍ଷଣ ବିରୋଧୀ ନୁହଁ। ଆଉ ଆମେ ଏଠାରେ ବିଭିନ୍ନ ପଞ୍ଚାୟତରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛୁ। ଆମ ଜନସଂଖ୍ୟାର ୫୦ ପ୍ରତିଶତ ଆମର ଭଉଣୀ ଏବଂ ମା'। ସେମାନେ ଜନ ପ୍ରତିନିଧି ହେବାର ସୁଯୋଗ ପାଇବା ଜରୁରୀ। ଏଥିରେ ଆମର କୌଣସି ଆପତ୍ତି ଆସିବ କାହିଁକି ବୋଲି କହିଛନ୍ତି। ତେବେ ଜମ୍ମୁ-କଶ୍ମୀରରେ ଦଳ ଉପରେ ଏହାର ପ୍ରଭାବ ପଡ଼ିବ କି ବୋଲି ପ୍ରଶ୍ନର ଉତ୍ତରରେ ଓମାର କହିଛନ୍ତି, ନ୍ୟାଶନାଲ କନଫରେନ୍ସରେ ମହିଳା ପ୍ରାର୍ଥୀଙ୍କ ଅଭାବ ନାହିଁ। ଆମର ଏକ ମହିଳା ୟୁନିଟ୍ ଅଛି ଏବଂ ସେମାନେ ବେଶ୍ ସକ୍ରିୟ ଅଛନ୍ତି। କେନ୍ଦ୍ର ଆଣିଥିବା ଉପରାଜ୍ୟପାଳ ପ୍ରଶାସନର ଏକ ସ୍ପଷ୍ଟ ସନ୍ଦର୍ଭ ସମ୍ପର୍କରେ ଓମାର କହିଛନ୍ତି କୌଣସି ବିଲ ଆମକୁ ପ୍ରଭାବିତ କରିବ ନାହିଁ। ଆମେ କେବଳ ଯନ୍ତ୍ରଣା ଭୋଗୁଛୁ କାରଣ ରାଜ୍ୟରେ ନିର୍ବାଚନକୁ ସରକାର ଭୟ କରୁଛନ୍ତି। ଶାସକ ଏକଛତ୍ରବାଦୀ ହୋଇଛନ୍ତି। ସେମାନେ ନିର୍ବାଚନ କରିବାକୁ ଚାହୁଁନାହାନ୍ତି।

# ବିଆର୍‌ଏସ୍ ଟାର୍ଗେଟରେ ଭାଜପା-କଂଗ୍ରେସ

**ହାଇଦ୍ରାବାଦ,୧୯।୯**

ଭାଜପା ସାମ୍ପ୍ରଦାୟିକ ରାଜନୀତିରେ ବ୍ୟସ୍ତ ଥିବାବେଳେ କଂଗ୍ରେସ ଭୋଟ ହାତେଇବା ପାଇଁ ଲୋକଙ୍କୁ ନିର୍ବାଚନୀ ଗ୍ୟାରେଣ୍ଟି ଦେଇଚାଲିଛି। ଏହି ଦୁଇ ଦଳ ଦେଶର ପ୍ରକୃତ ବିକାଶ ଚାହୁଁନାହାନ୍ତି ବୋଲି ତେଲଙ୍ଗାନା ମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତା କେ.ଟି. ରାମାରାଓ ମଙ୍ଗଳବାର ହାଇଦ୍ରାବାଦଠାରେ କହିଛନ୍ତି।

# ତରବରିଆ ନିଷ୍ପତ୍ତି ନେବାକୁ ଚାହୁଁ ନାହିଁ: ନାର୍ଭେକର

**ମୁମ୍ବାଇ, ୧୯।୯:** ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନାର୍ଭେକର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ବିଧାୟକଙ୍କ ବିରୋଧରେ ଦାଖଲ ଅଯୋଗ୍ୟତା ଆବେଦନ ଉପରେ ମନଇଚ୍ଛା ବିଳମ୍ବ କରିଥିବା ଅଭିଯୋଗ ଉପରେ ମତ ରଖିଛନ୍ତି। ସେ କହିଛନ୍ତି ତରବରିଆ କିଛି ନିଷ୍ପତ୍ତି ନେବାକୁ ଚାହୁଁ ନାହିଁ। ଏକ ସପ୍ତାହ ମଧ୍ୟରେ ଏହି ମାମଲାର ନିଷ୍ପତ୍ତି ଲାଗି ସମୟସୀମା ଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନର୍ଭେକର କହିଛନ୍ତି, ମୋ ପାଖରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କୌଣସି ସୂଚନା ନାହିଁ। କିନ୍ତୁ ଏହି ପ୍ରସଙ୍ଗରେ ବିଳମ୍ବ କରିବାକୁ ଆଗ୍ରହୀ ନୁହେଁ କି ତରବରିଆ ଭାବେ କରିବାକୁ ଚାହେଁ ନାହିଁ ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in
ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି
ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡିକ ଆମନ୍ତ୍ରଣ କରାଯାଉଛି
ଖାଲି ପଦବୀ ସଂଖ୍ୟା: 2000
ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ରେ ବିଜ୍ଞାପନ ନମ୍ବର CRPD/PO/2023-24/19 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।
- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.09.2023 ରୁ 27.09.2023 ପର୍ଯ୍ୟନ୍ତ ।
ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ।
ସ୍ଥାନ: ମୁମ୍ବାଇ
ତାରିଖ: 07.09.2023
ମହା ପ୍ରବନ୍ଧକ (ଆରପି ଏବଂ ପିଏମ୍)

URGENTLY REQUIRED
ACCOUNTANT (Talley)
DATA ENTRY OPERATOR
(Talley & MS Office)
Attend Interview at
NISHAMANI PALACE
Bomikhal, Bhubaneswar-10
On any day.
Ph.No. 7978586205 / 9338554697

REQUIRED
Required for Gas Plant (Male/ Female) Eligibility (10th to Graduate): Junior Consultant, Technical Staff, Accountant, Supervisor, Data Entry Operator, Office Assistant, CSA, Field Boy, Electrician, Welder, Driver, (Food+room free) (Salary 18k to 65k).
Send your Resume at this email:-
recruitmentongc2023@gmail.com
7982919983 (What'sup)/ 8130737728

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜନ୍ମଦିନ ଶୁଭେଚ୍ଛା

ପ୍ରାଂଶୁ ଦାଶ (ସାଇ, ସୋନୁ)
ମିଶ୍ରପଡ଼ା, ଅନୁଗୁଳ
ଜନ୍ମଦିନର ଶୁଭ ଅବସରରେ ଆମେ ପ୍ରାର୍ଥନା କରୁଛୁ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ଜେପା ଜେମା, ଆଇ, ବାପା, ମାମା, ସାନଭାଇ, ପ୍ରନୀଳ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୧

ପଞ୍ଚମ ବାର୍ଷିକୀ ଜନ୍ମ ଦିନ ଶୁଭେଚ୍ଛା

ସାନ୍‌ଭି ପ୍ରିୟଦର୍ଶିନୀ (ପିହୁ)
ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ପଞ୍ଚମ ବାର୍ଷିକୀ ଜନ୍ମ ଦିନ ଉପଲକ୍ଷେ ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ ମାଆ ଶାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ: ବଡ଼ମାମା, ବାବା, ମାମା, ସୌମ୍ୟା ଦିଦି, ଗୁଡୁଭାଇ, ଜଗାମାମୁ: ସୁନୀତାମାଇଁ, ଅମୁମାମୁ, ବସନ୍ତ ମା, ମିନା ମା, ଶ୍ରୀମତୀ ମାଆ, ପ୍ରଫୁଲ୍ଲ ଜେଜେ, ଉଷା ଦିଦି, ସୁମନ୍ତ ପିଉସା, ବିଜୁ ମାମୁ, ବିନୁ ମାମୁ, ଗେହ୍ଲୁ ଦିଦି, ତ୍ରିଶା ଦିଦି, ଲଭ୍‌ଲି ଦିଦି, ଟକୁନି ମାଉସୀ, ପ୍ରଶାନ୍ତ ମଉସା, ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୬

ନୂଆଁଖାଇ ଜୁହାର

ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ସମସ୍ତଙ୍କ ମନରେ ଭରିଦେଉ ସୁଖ, ସମୃଦ୍ଧି । ମା ସମଲେଶ୍ୱରୀ ସମସ୍ତଙ୍କୁ ସୁଖରେ ରଖିବା ସହ ଯୁଯୁମୁରା ବ୍ଲକବାସୀଙ୍କୁ ନୁଆଖାଇ ଜୁହାର
ମମତା ନାଏକ
ବ୍ଲକ ଅଧ୍ୟକ୍ଷା
ଯୁଯୁମୁରା, ସମ୍ବଲପୁର

ନୂଆଁଖାଇ ଜୁହାର ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ । ମାଁ ସମଲେଇ ସମସ୍ତଙ୍କୁ କୁଶଳରେ ରଖିଥାନ୍ତୁ ।
କିଶୋର ପଟେଲ
ଶାଖା ପରିଚାଳକ, ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ,ଲାଠୋର ଶାଖା

ନୂଆଁଖାଇ ଜୁହାର ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ତିଲକ ସିଂ ବାବୁ (ଝୁନୁ ବାବୁ)
ବ୍ଲକ କୋ ଅର୍ଡିନେଟର ଓ.ଆର୍.ଆର୍.ଆଇ.ଏସ୍.ଆଇ.ଏସ୍. ହେମଗିର ବ୍ଲକ

ନୂଆଁଖାଇ ଜୁହାର ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ । ମାଁ ସମଲେଇ ସମସ୍ତଙ୍କୁ କୁଶଳରେ ରଖିଥାନ୍ତୁ ।
ଜୟଶ୍ରୀ ଭଇଁଷାଲ
ସରପଞ୍ଚ, ଲାଠୋର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର ଅଭିନନ୍ଦନ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ । ମାଁ ସମଲେଇ ସମସ୍ତଙ୍କୁ କୁଶଳରେ ରଖିଥାନ୍ତୁ ।
ସଂଯୁକ୍ତା ମେହେର
୩ନଂ. ଜିଲ୍ଲା ପରିଷଦ ସଭ୍ୟା, ଖପ୍ରାଖୋଲ ଜୋନ୍

Classified Everyday
0674-2580101, 2549949


MATRIMONIAL
GROOM WANTED

Wanted groom for 28 year Karan Civil Engineer girl working in L&T. Contact: 9692289965. D-1328

Beautiful Bengali, (Kayastha) girl, 1992, MBBS, Govt. Doctor. Settled Bhubaneswar, 7008967858. D- 71060


REAL ESTATE
SALE

Chakeisihani Yellow Zone 2200sqft. @ 1800/- and Satyavihar, 3000sqft. @3200/-. 7008711445, 6372801963. D-1252

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75039

Book 3BHK/4BHK premium Flat at Saubhagya Nagar, Near OUAT & Narula sweets, Unit-8. (Handover June 2024). Contact: 7978584549. D-74584


Healthcare

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Newly open SPA positively health benefits with expert therapist. 9938843929. D-75149

Bodyrelax/Mindfresh massage @800/- by trend therapist. 7008773793. D-75148


astrology

AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧୋତ୍ସବ

ସ୍ୱର୍ଗତ ବିଷ୍ଣୁ ସେଠୀ
ପ୍ରାକ୍ତନ ବିଧାୟକ ଓ ବିରୋଧି ଦଳ ଉପନେତା
ଧରାବତରଣ: ୦୫।୦୯।୧୯୬୧
ସ୍ୱର୍ଗାରୋହଣ: ୧୯।୦୯।୨୦୨୨
ଜଳୁଥିଲା ସମୁଜ୍ଜ୍ୱଳ ଦୀପଟିଏ
ଲିଭିଗଲା ଅକସ୍ମାତ
ମହମହ ବାସ ତାର
ଏବେ ବି ସଞ୍ଚରି ଯାଉଛି
ଏବେ ବି ଅସ୍ତିତ୍ୱ ତାର
ଏଠି ସେଠି ସବୁଠି
ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସହିତ
ବିଷ୍ଣୁ ସେଠୀ ସ୍ମୃତି ସଂସଦ ତିହିଡ଼ି, ଭଦ୍ରକ ଓ ଘାସଫୁଲ ପରିବାର।
ଧ-୧୩୫୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

୰ମାନସୀ ଜେନା (ଲିଭା)
ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ସ୍ନେହ, ଶ୍ରଦ୍ଧା, ପ୍ରେମ, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟ ପରାୟଣତାର ପ୍ରତିମୂର୍ତ୍ତି ଥିଲ । ଲାଗୁଛି ଯାହା ଲେଖିଲେ ମଧ୍ୟ ତୁମ ପାଇଁ କମ୍‌ହେବ । ସମସ୍ତଙ୍କୁ ନେଇ ଖୁସି ହେବା ମଣିଷ ଆଜି ଈଶ୍ୱରଙ୍କ ନିକଟସ୍ଥ ହୋଇଗଲ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:-
ସ୍ୱାମୀ,ପୁଅ,ଝିଅ, ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ
ଧ-୭୧୦୬୧

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶରତ ଚନ୍ଦ୍ର ପାଣିଗ୍ରାହୀ (ଧୁନା)
ବିଶ୍ୱନାଥପୁର (କାଠଘର), ବାଲିପାଟଣା,ଖୋର୍ଦ୍ଧା
ଆବିର୍ଭାବ: ୧୪।୦୫।୧୯୪୦
ତିରୋଧାନ: ୦୯।୦୯।୨୦୨୩
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଅଧୁରା । ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: କାବୁଲା, ବୁଲୁ, ଲୁଲୁ, କୁନୁ, ଟୁକୁ, ମୁନା, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୪୦

# ପରମ୍ପରା ସହ ଜଡ଼ିତ କୃଷିଭିତ୍ତିକ ପର୍ବ ନୂଆଁଖାଇ




ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ଭାଇଚାରାର ଏହି ପର୍ବକୁ ପୁରପଲ୍ଲୀ ସବୁଠି ଆନନ୍ଦଉଲ୍ଲାସରେ ପାଳନ କରାଯାଇଥାଏ। ଦୈନନ୍ଦିନ ଜୀବନ, ବ୍ୟବହାର, ଐତିହ୍ୟ, ସଂସ୍କୃତି, ଚାଲିଚଳନ, ପରିଧାନ, ଖାଦ୍ୟପେୟ ଉପରେ ଆଧୁନିକ ସମାଜକୁ ଏହା ମାର୍ଗଦର୍ଶନ ଦେଇଆସୁଛି। ପରମ୍ପରା ସହିତ ନିବିଡ ଭାବେ ଜଡିତ ରହିଛି ଏହି ପର୍ବ। ନୂଆ ଖାଇବା (ନବାନ୍ନ ଭକ୍ଷଣ) ପରେ ଛୋଟମାନେ ବୟସ୍କଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥାନ୍ତି। ଏହା କେବଳ ପରିବାର ଭିତରେ ସୀମିତ ରହି ନ ଥାଏ। ପଡ଼ା, ଗ୍ରାମ, ଘରକୁ ଘର ବୁଲି ଜୁହାର ହେବାର ବିଶେଷ ପରମ୍ପରା ରହିଛି।

ପଶ୍ଚିମ ଓଡ଼ିଶାର ଲୋକେ ମୁଖ୍ୟତଃ ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ଗଣପର୍ବ ଭାବେ ନୂଆଁଖାଇ ତଥା ନବାନ୍ନ ସ୍ୱତନ୍ତ୍ର ସ୍ଥାନ ବହନ କରିଛି। ନୂଆଁଖାଇ ତଥା ନବାନ୍ନ ଏକ ଶସ୍ୟ ଅମଳକାଳୀନ ପର୍ବ। ଭାଦ୍ରବ ମାସର ଶୁକ୍ଳପକ୍ଷ ତିଥି ପ୍ରାରମ୍ଭରେ ପଶ୍ଚିମ ଓଡ଼ିଶାର ପ୍ରଧାନ ଶସ୍ୟ ଧାନ ପାକଳ ହୋଇଥାଏ। ପାକଳ ଶସ୍ୟକୁ ପଶୁ, ପକ୍ଷୀ ଅଇଁଠା କରିବା ପୂର୍ବରୁ ଈଶ୍ୱରଙ୍କଠାରେ ଅର୍ପଣ କରାଯାଇଥାଏ। ଏହାକୁ ଆଧାର କରି ପଶ୍ଚିମ ଓଡ଼ିଶାବାସୀ ନୂଆଁ ଧାନରେ ନବାନ୍ନ ପ୍ରସ୍ତୁତ କରି ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି। ପରେ ଏହାକୁ ସମସ୍ତେ ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି। ଚାଷୀର ହୃଦୟକୁ ଆନନ୍ଦିତ କରିଥିବା ପାକଳ ଧାନ କ୍ଷେତକୁ ଯାଇ ଅରୁଆ ଚାଉଳ, ଫୁଲ, ଦୀପ, ଧୂପ, ନାରିକେଳ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ କ୍ଷୀର ଢାଳି ପିତୃପୁରୁଷଙ୍କୁ ସ୍ମରଣ କରିଥାନ୍ତି। ବସୁଧା ମାତା ଓ ଈଶ୍ୱରଙ୍କ କୃପାରୁ ଅଧିକ ଫସଲ ଅମଳ କରିବାକୁ କାମନା କରିଥାନ୍ତି। ସେହିପରି ଗୁହାଳରେ ମଧ୍ୟ ସ୍ୱତନ୍ତ୍ର ପୂଜା କରାଯାଇଥାଏ। ନୂଆଁଖାଇ ପର୍ବ ସଂକଳ୍ପ ନେବାର ମହତ ବାର୍ତ୍ତା ଦେଇଆସୁଛି। କୃଷକ ପରିଶ୍ରମ କରି ଭୂମିରୁ ଉତ୍ପାଦନ କରୁଥିବା ଖାଦ୍ୟ ବା ଅନ୍ନକୁ ଆଦର ସହକାରେ ଈଶ୍ୱରଙ୍କୁ ଅର୍ପଣ କରିବା ବିଧେୟ।







## ସ୍ୱତନ୍ତ୍ର ବଜାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସ୍ୱତନ୍ତ୍ର ବଜାର ବସିଥାଏ। ଗାଁ ଅବା ସହର ସବୁଠାରେ ବଜାର ବସିଥାଏ। ନୂଆଁଖାଇ ଦିନକ ପୂର୍ବରୁ ଗଣେଶ ପୂଜା ଦିନ ଏହି ବଜାର ବସେ। ତେଣୁ ଏହାକୁ ନୂଆଁଖାଇ ବଜାର ବୋଲି କୁହାଯାଏ। ସେଠାରେ ମାଟିପାତ୍ର, କପଡା, ବାସନକୁସନ, ପନିପରିବା ସବୁକିଛି ମିଳିଥାଏ। ଆବଶ୍ୟକତା ଅନୁସାରେ ଲୋକମାନେ କିଣାବିକା କରନ୍ତି। ନୂଆଁଖାଇ ଦିନ ନୂତନ ପାତ୍ରରେ ରୋଷେଇ କରିବା, ନୂଆଁ କପଡା ପିନ୍ଧିବା, ଦେବଦେବୀଙ୍କୁ ନୂତନ ବସ୍ତ୍ର ପରିଧାନ କରାଇବା ଭଳି ପରମ୍ପରା ରହିଛି। ବଜାରରେ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ବିକ୍ରିବଟା କରୁଥିବାରୁ ସାମଗ୍ରୀ ଦରଦାମ ସ୍ୱାଭାବିକ ରହିଥାଏ।

## ଗାଁ, ସହର, ଦେବାଳୟରେ ପ୍ରସ୍ତୁତି

ନୂଆଁଖାଇ ଆସିବା ପୂର୍ବରୁ ଗାଁ, ସହର, ଦେବାଳୟରେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ମହିଳାମାନେ ଘର ସଫେଇ କରିଥାନ୍ତି। ଗ୍ରାମର ଝାଙ୍କର ନୂଆଁଖାଇ ଲାଗି କ୍ଷେତରୁ ସରିଆ ଧାନ ଆଣି ପରିବାରକୁ ଦେଇଥାନ୍ତି। କେତେକ ସ୍ଥାନରେ ଚାଷୀମାନେ ଏହି ଧାନ ଅମଳ କରିଥିବା ବେଳେ ବଜାରରେ ମଧ୍ୟ ଏହା ମିଳିଥାଏ। ଜାତି ଅନୁଯାୟୀ ଦେବୀଙ୍କ ପାଖରେ ନବାନ୍ନ ଲାଗି ପାଇଁ ପତ୍ର ସଂଗ୍ରହ ପରମ୍ପରା ରହିଛି। ବ୍ରାହ୍ମଣମାନେ ସର୍ଗିପତ୍ର, କୁଲତା ଜାତି ମହୁଲ ପତ୍ର, କ୍ଷତ୍ରିୟମାନେ କୁରେଇ ପତ୍ର ବ୍ୟବହାର କରିଥାନ୍ତି। ପୂର୍ବଦିନ ବନ୍ଧୁ ପରିଜନଙ୍କ ଘରୁ ନୂଆଁଖାଇ ଭାର ଆସିବାର ପରମ୍ପରା ରହିଛି। ଏଥିରେ ନୂଆଁ ବସ୍ତ୍ର, ନଡ଼ିଆ, ପନିପରିବା, ଡାଲି, ଗୁଡ଼, ଚିନି, ସୁଜି, ଅଟା ପ୍ରଭୃତି ବ୍ୟଞ୍ଜନ ସାମଗ୍ରୀ ରହିଥାଏ। ପ୍ରତ୍ୟେକ ପରିବାର ନିଜ ଇଷ୍ଟଦେବୀ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରନ୍ତି। ଧାର୍ଯ୍ୟ ସମୟ ଅନୁସାରେ ଘରେ ପୂଜା ହୋଇଥାଏ।

ପ୍ରସ୍ତୁତି: ଶୁଭାଶିଷ ପାଢ଼ୀ

































# ପରାଜୟରୁ ଓଏଫ୍‌ସିର ଅଭିଯାନ

**ଏଏଫ୍‌ସି କପ୍ ଫୁଟବଲ**

**ଡିମିଟ୍ରିଙ୍କ ଡବଲ ଗୋଲରେ ମୋହନ ବାଗାନ ସୁପର ଜାଏଣ୍ଟ ବିଜୟୀ**

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ଏଏଫ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ପରାଜୟରୁ ଅଭିଯାନ ଆରମ୍ଭ କରିଛି। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୦-୪ ଗୋଲରେ ମୋହନ ବାଗାନ ସୁପର ଜାଏଣ୍ଟଠାରୁ ହାରି ଯାଇଛି। ଡିମିଟ୍ରି ପେଟ୍ରାଟୋସଙ୍କ ଡବଲ ବଳରେ ମୋହନ ବାଗାନ ଦ୍ୱିତୀୟାର୍ଦ୍ଧରେ ୪ଟିଯାକ ଗୋଲ ଦେଇଥିଲା। ଏଏଫ୍‌ସି କପ୍ ହେଉଛି ଏସିଆର ଦ୍ୱିତୀୟ ଶ୍ରେଣୀୟ କ୍ଲବ ଫୁଟବଲ ଟୁର୍ନାମେଣ୍ଟ। ଗତବର୍ଷ ସୁପର କପ୍ ବିଜୟୀ ହୋଇଥିବାରୁ ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ଏହି ଟୁର୍ନାମେଣ୍ଟ ଖେଳିବାକୁ ସୁଯୋଗ ପାଇଛି।

ସଂଘର୍ଷପୂର୍ଣ୍ଣଭାବେ ପ୍ରଥମାର୍ଦ୍ଧର ଶେଷ ପର୍ଯ୍ୟାୟ ପହଞ୍ଚିଥିବାବେଳେ ୪୩ତମ ମିନିଟରେ ଏକ ଘଟଣା ଓଡ଼ିଶା ଏଫ୍‌ସିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଏକ ଫ୍ରିକିକ୍ ଅବସରରେ ମୋହନ ବାଗାନର ହ୍ୟୁଗୋ ବୌମସଙ୍କୁ ଓଡ଼ିଶା ଏଫ୍‌ସିର ସେରିଗ୍ନେ ଫଲ୍ ଟାଣି ତଳେ ପକାଇ ଦେଇଥିଲେ। ରେଫରିଙ୍କ ସହ ଯୁକ୍ତିତର୍କ ପାଇଁ ଓଏଫ୍‌ସିର ଅହମଦ ଜୋହୋଉ ୟେଲୋ କାର୍ଡ ପାଇଥିଲେ। ଫଲ୍ ପୂର୍ବରୁ ଏକ ୟେଲୋ କାର୍ଡ ପାଇଥିଲେ। ଦ୍ୱିତୀୟ ୟେଲୋ କାର୍ଡ ସହ ତାଙ୍କୁ ରେଡ୍‌କାର୍ଡ ମିଳିବାରୁ ଫଲ୍‌ଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଫଳରେ ଓଡ଼ିଶା ଏଫ୍‌ସି ୧୦ ଜଣିଆରେ ପରିଣତ ହୋଇ ଯାଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା ମୋହନ ବାଗାନ। ୪୬ତମ ମିନିଟରେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ହ୍ୟୁଗୋ ବୌମାସ ବଲ୍ ନେଇ ଓଡ଼ିଶା ଏଫ୍‌ସି ଗୋଲପୋଷ୍ଟରେ ସହଲ ଅବଦୁଲ ସମଦଙ୍କ ନିକଟକୁ ପଠାଇ ଦେଇଥିଲେ। ସହଲ କୌଣସି ଭୁଲ ନ କରି ରାଇଟ୍ କର୍ନରରେ ଗୋଲ କରିଥିଲେ। ଓଏଫ୍‌ସି ଅଧିନାୟକ ତଥା ଗୋଲକିପର ଅମରିନ୍ଦର ସିଂ ଡାଇଭ୍ ମାରିଥିଲେ ହେଁ ତାହାକୁ ରୋକିପାରି ନ ଥିଲେ। ୬୮ତମ ମିନିଟରେ ମୋହନ ବାଗାନର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ ଡିମିଟ୍ରିଅସ ପେଟ୍ରାଟୋସ। ଏହାପରେ ୭୯ତମ ମିନିଟରେ ବଦଳ ଖେଳାଳି ଲିଷ୍ଟନ କୋଲାକୋ ଏବଂ ୮୨ତମ ମିନିଟରେ ଡିମିଟ୍ରି ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳପକ୍ଷରୁ ୪ର୍ଥ ଗୋଲ କରିବାରୁ ଓଡ଼ିଶା ଏଫ୍‌ସି ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା।



ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ମୋହନ ବାଗାନ ସୁପର ଜାଏଣ୍ଟ ପ୍ରଶଂସକ।

# ଆଇସିସି ଆଣିଲା ଦୁର୍ନୀତି ଅଭିଯୋଗ

ଦୁବାଇ, ୧୯।୯ (ପି.ଟି.)

**ତାଲିକାରେ ୩ ଭାରତୀୟ**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ପକ୍ଷରୁ ଦୁର୍ନୀତି ମାମଲାରେ ୮ ଜଣଙ୍କ ନାମ ଆସିଥିବା ବେଳେ ଏହା ମଧ୍ୟରେ ରହିଛନ୍ତି ୩ ଭାରତୀୟ। ୨୦୨୧ର ଏମିରେଟ୍ସ ଟି୧୦ ଲିଗ୍‌ରେ ଏହି ଦୁର୍ନୀତି ହୋଇଥିଲା। ଏହି ମାମଲାରେ ଖେଳାଳି, ଅଫିସିଆଲ ଓ କିଛି ଭାରତୀୟ ଟିମ୍ ମାଲିକ ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଣେ ଡେଭିଲ୍ସ ମାଲିକ ଥିବା ପରାଗ ସାଙ୍ଘଭି ଓ କ୍ରିଷନ କୁମାର ଚୌଧାରୀଙ୍କ ନାମରେ ଅଭିଯୋଗ ଆସିଛି। ଏହି ଟିମ୍‌ରେ ରହିଥିବା ବାଂଲାଦେଶୀ ଖେଳାଳି ନାସିର ହୋସେନଙ୍କ ନାମରେ ମଧ୍ୟ ଦୁର୍ନୀତି ଅଭିଯୋଗ ହୋଇଥିଲା। ତୃତୀୟ ଭାରତୀୟ ଜଣଙ୍କ ହେଉଛନ୍ତି ବ୍ୟାଟିଂ କୋଚ୍ ସନି ଧିଲୋଁ। କିଛି ମ୍ୟାଚ୍‌କୁ ଫିକ୍ସ କରିବା ପାଇଁ ଏହି ବ୍ୟକ୍ତିମାନେ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସାଙ୍ଘଭିଙ୍କ ନାମରେ ଧାରା ୨.୨.୧ ଓ ୨.୪.୬ରେ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ କ୍ରିଷନ କୁମାରଙ୍କ ନାମରେ ୨.୪.୫, ୨.୪.୬ ଓ ୨.୪.୭ ଅନୁସାରେ ମାମଲା ହୋଇଥିବା ବେଳେ ବ୍ୟାଟିଂ କୋଚ୍ ରହିଥିବା ଧିଲୋଁଙ୍କ ବିପକ୍ଷରେ ମ୍ୟାଚ୍ ଫିକ୍ସିଂର ଆରୋପ ଲଗାଯିବା ସହିତ ଧାରା ୨.୧.୧, ୨.୪.୪ ଓ ୨.୪.୬ ଅନୁସାରେ ମାମଲା ହୋଇଛି।

# ରାଜ୍ୟ ଓପନ ବନ୍ଧୁକ ଚାଳନା ୨୯ରୁ

ଭୁବନେଶ୍ୱର, ୧୯।୯ (ବିଜୟ ରଣା)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ରାଜ୍ୟ ଓପନ ବନ୍ଧୁକ ଚାଳନା ପ୍ରତିଯୋଗିତା ହେବ। ଏହା କଳିଙ୍ଗ ଷ୍ଟାଡିୟମସ୍ଥିତ ୫୦ ମିଟର ଫାୟାର ଆର୍ମ ଶୁଟିଂ ରେଞ୍ଜ ଏବଂ ଉତ୍କଳ କରାଟେ ସ୍କୁଲର ଶୁଟିଂ ରେଞ୍ଜରେ ଆୟୋଜନ କରାଯାଇଛି। ପ୍ରତିଯୋଗୀମାନେ ୫୦ମିଟର ରାଇଫଲ, ୨୫ ମିଟର ପିସ୍ତଲ ଏବଂ ଏୟାର ରାଇଫଲ ଇଭେଣ୍ଟର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିବେ। ଏଥିରେ ଭାଗନେବାକୁ ଥିବା ଇଚ୍ଛୁକ ପ୍ରତିଯୋଗୀମାନଙ୍କୁ ଚଳିତମାସ ୨୭ ତାରିଖ ସୁଦ୍ଧା ସେମାନଙ୍କ ନାମ ଆସୋସିଏଶନ କାର୍ଯ୍ୟାଳୟରେ ପଞ୍ଜୀକୃତ କରିବାକୁ ହେବ ବୋଲି ଓଡ଼ିଶା ରାଇଫଲ ମହାସଂଘ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ର ବୃହତ୍ ବିଜୟ

**ଭୁବନେଶ୍ୱର, ୧୯।୯ (ସରୋଜ ଜେନା):** ହକି ଆସୋସିଏଶନ ଅଫ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସବ୍ ଜୁନିୟର ବାଳିକା ହକିର ଦ୍ୱିତୀୟ ଦିନରେ ୮ ମ୍ୟାଚ୍ ଖେଳା ଯାଇଛି। ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ ଓ ସୁନ୍ଦରଗଡ ବୃହତ ବିଜୟ ହାସଲ କରିଛି। ସୁନ୍ଦରଗଡ ୯-୦ରେ ବାଲେଶ୍ୱରକୁ ଓ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ ୧୦-୦ରେ କୋରାପୁଟକୁ, ଆରଏସ୍‌ପି ୬-୨ରେ ଏସଏମଏସ୍ ହକି ଏକାଡେମୀକୁ, ସମ୍ବଲପୁର ୫-୦ରେ ଢେଙ୍କାନାଳକୁ, ଦେବଗଡ ୬-୦ରେ କନ୍ଧମାଳକୁ, ଯାଜପୁର ୩-୨ରେ କିଟ୍ ଓ କିସ୍‌କୁ, ନୟାଗଡ ୫-୦ରେ ବରଗଡକୁ ଓ ଖୋର୍ଦ୍ଧା ୭-୦ରେ ରାୟଗଡାକୁ ପରାସ୍ତ କରିଛି।

## କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଡ୍ର' ଅନୁଷ୍ଠିତ

ଲଣ୍ଡନ , ୧୯।୯ (ଏପି): ଡେଭିସ କପ୍ ଟେନିସ କ୍ୱାର୍ଟର ଫାଇନାଲ ପାଇଁ ଡ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଯୁକ୍ତରାଷ୍ଟ୍ର ଆମେରିକା ଓ କ୍ରୋଏସିଆକୁ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଥିବା ଫିନ୍‌ଲାଣ୍ଡ କ୍ୱାର୍ଟରଫାଇନାଲରେ ଗତଥରର ଚାମ୍ପିୟନ କାନାଡାକୁ ଭେଟିବ। ପୁରୁଷ ଟେନିସର ଏହି ଟପ୍ ଟିମ୍ ଇଭେଣ୍ଟରେ ଫିନ୍‌ଲାଣ୍ଡ ପ୍ରଥମ ଥର ଏହି ପର୍ଯ୍ୟାୟରେ ପହଞ୍ଚିଛି।













4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, September 20/2023 Page 20 ₹ 7.00

DSPL-239

ଓଡ଼ିଶା ସରକାର

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି



ରବି ୨୦୨୩-୨୪
କାଳିଆ
ସହାୟତା
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ହସ୍ତାନ୍ତର

୨୦ ସେପ୍ଟେମ୍ବର ୨୦୨୩

"ସମସ୍ତଙ୍କୁ ପବିତ୍ର ନୂଆଁଖାଇର
ହାର୍ଦ୍ଦିକ ଅଭିନନ୍ଦନ ।
ଆଜି ଏ ଅବସରରେ ଆମ ଚାଷୀ ଭାଇ ଓ
ଭଉଣୀମାନଙ୍କୁ ରବି ଫସଲ ପାଇଁ
ଏ ବର୍ଷର 'କାଳିଆ' ସହାୟତା
ମିଳୁଥିବାରୁ ମୁଁ ବହୁତ ଖୁସି ।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୪ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ
ନାମମାତ୍ର ଚାଷୀ ଏବଂ ଭୂମିହୀନ
କୃଷକ ପରିବାର ଉପକୃତ

୯୦୦ କୋଟି
ଟଙ୍କାର ସହାୟତା ରାଶି ଡିବିଟି
ମାଧ୍ୟମରେ ହସ୍ତାନ୍ତର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

OIPR-01102/13/0014/2324

# ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତାବହ ନୂଆଁଖାଇ

ସୋନପୁର,୧୯।୯
(ମୃତ୍ୟୁଞ୍ଜୟ ଶତପଥୀ)

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ଭାବରେ ନୂଆଁଖାଇର ଏକ ସ୍ୱତନ୍ତ୍ରତା ରହିଛି । ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ପୁରପଲ୍ଲୀରେ ଏହା ପାଳିତ ହୁଏ । ଚାଷ ଜମିରୁ ଉତ୍ପାଦିତ ନୂଆ ଶସ୍ୟ କୌଣସି ଜୀବ, ଜନ୍ତୁଙ୍କ ଉଦରକୁ ଯିବା ପୂର୍ବରୁ ପ୍ରଥମେ ନିଜ ଇଷ୍ଟ ଦେବତାଙ୍କ ନିକଟରେ ଅର୍ପଣ କରାଯାଇଥାଏ । ଭୋଗ ଲାଗି ହେବା ପରେ ସେହି ନୂଆ ଚାଉଳକୁ ଅନ୍ୟମାନେ ଗ୍ରହଣ କରିଥାନ୍ତି । ଶ୍ରାବଣ ପୂର୍ଣ୍ଣିମାରେ ଚାଷ କାର୍ଯ୍ୟ ସରି ଆସୁଥିବା ବେଳେ ଭାଦ୍ରବ ମାସରେ କେତେକ ଧାନ(ବିଶେଷକରି ସରିଆ ଧାନ) ପୂର୍ଣ୍ଣଗର୍ଭ ହୋଇ ପାକଳ ହୋଇ ଯାଇଥାଏ । ଏହି ଧାନ କେଣ୍ଡାକୁ ଦେଖି ଚାଷୀ ଆତ୍ମବିଭୋର ହୋଇ ଦେବତାଙ୍କୁ ଅର୍ପଣ କରେ। କେବଳ ଧାନ ନୁହେଁ, ବର୍ଷର ପ୍ରଥମ ଅମଳ ହୋଇଥିବା ବିଭିନ୍ନ ଫଳ, ପନିପରିବା ଆଦି ଦେବତାଙ୍କ ନିକଟରେ ପୂଜାଭେଟି ଦେବାର ବିଧି ରହିଛି । ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ ହେଲେ ମଧ୍ୟ ଏହା ପଛରେ ଏକ ପବିତ୍ର ଓ ଆଦର୍ଶ ପରମ୍ପରା ରହି ଆସିଛି । ପରିବାରର ସମସ୍ତ ସଦସ୍ୟ ପୂର୍ବ ମନାନ୍ତର ଭୁଲି ଏହି ଦିନ ଏକାଠି ହୋଇ ଭୋଜନ କରିବା ବିଧି ରହିଛି । ଏହି ଗଣପର୍ବ ସହିତ ସବୁ ବର୍ଗର ଲୋକଙ୍କର ଆବେଗିକ ସମ୍ପର୍କ ରହିଛି। ସୌହାର୍ଦ୍ଦ୍ୟ ଓ ଏକତା ଉପରେ ଏହା ପର୍ଯ୍ୟବସିତ । ବୟସ୍କ ତଥା ଗୁରୁଜନମାନଙ୍କୁ ସାନମାନେ ସମ୍ମାନ ଜଣାଇ ପ୍ରଣାମ କରନ୍ତି । ଯାହାକୁ ନୂଆଁଖାଇ ଭେଟଘାଟ କୁହାଯାଏ । କେବଳ ସେତିକି

## ଗଣପର୍ବର ସଂସ୍କୃତି ପ୍ରାଚୀନ

ନୁହେଁ ଧୋବା, ଭଣ୍ଡାରୀ, ଶ୍ରମିକ ଓ ଡ୍ରାଇଭରଙ୍କ ଘରକୁ ନୂଆଁଖାଇ ଅଢ଼ିଆ ବାବଦରେ ଅରୁଆ ଚାଉଳ, ମୁଗ, ଘିଅ, ଗୁଡ, ଚିନି, ନଡିଆ ଓ ପରିବା ଆଦି ଦେବା ବିଧି ରହିଛି ।

ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତାକୁ ନୂଆଁଖାଇ ସାକାର କରିଥାଏ । ଭକ୍ତି, ଆଦର୍ଶ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ବହନ କରୁଥିବା ଏହି ଗଣପର୍ବର ଐତିହ୍ୟ ଓ ସଂସ୍କୃତି ସୁବର୍ଣ୍ଣପୁର ଜିଲାରେ ଅତି ପ୍ରାଚୀନ । ଅତୀତରେ ସୋନପୁର ରାଜ୍ୟ ଅଧୁନା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ପଞ୍ଚରା ଅଞ୍ଚଳର ଅଧିବାସୀମାନେ ଚୌହାନ ବଂଶର ପ୍ରଥମ ରାଜା ମଦନଗୋପାଳ ଦେବଙ୍କ ରାଜତ୍ୱକାଳ ୧୬୪୦ ଖ୍ରୀଷ୍ଟାବ୍ଦରୁ ଏହି ପବିତ୍ର ନୂଆଁଖାଇ ପର୍ବ ପାଳନ କରି ଆସୁଥିବା ଇତିହାସରୁ ଜଣାପଡେ । ଏହି ପବିତ୍ର ପର୍ବ ପାଳନ ପାଇଁ


ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ।

ଜନ୍ମାଷ୍ଟମୀର ପରଦିନ ଅର୍ଥାତ ନନ୍ଦୋତ୍ସବରେ ବିଶିଷ୍ଟ ପଣ୍ଡିତ ଓ ଜ୍ୟୋତିଷୀମାନଙ୍କୁ ନେଇ ଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପରେ ଲଗ୍ନ ନିର୍ଦ୍ଧାରଣ କରାଯାଇଥାଏ । ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ରାଶି ଓ ନକ୍ଷତ୍ରକୁ ନେଇ ପଣ୍ଡିତମାନେ ନୂଆଁଖାଇ ପାଇଁ ଶୁଭଲଗ୍ନ ସ୍ଥିର କରନ୍ତି । ନିର୍ଦ୍ଧାରିତ ତିଥି ଓ ଲଗ୍ନରେ ନୂଆ ଭୋଗ ଲାଗି ହୋଇ ସଭିଏଁ ନୂଆ ଖାଇଥାଆନ୍ତି । ନିର୍ଦ୍ଧାରିତ ଲଗ୍ନ ସମୟରେ ସୋନପୁରର ଅଷ୍ଟଚଣ୍ଡୀ ଯଥା ସୁରେଶ୍ୱରୀ, ଖମ୍ବେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ଦଶମତୀ, ବିମଳେଇ, ନାରାୟଣୀ ଓ ରାମଚଣ୍ଡୀ ଇତ୍ୟାଦି ମନ୍ଦିରଗୁଡ଼ିକୁ ସମଲେଇ ମନ୍ଦିରଠାରୁ ପାହୁର ଭୋଗ ପଠାଯାଏ । ପରେ ଅଞ୍ଚଳବାସୀ ନିଜ ନିଜର ଗୃହ ଦେବତା ଓ ପିତୃପୁରୁଷଙ୍କୁ ନବାନ୍ନ ଭୋଗ ଅର୍ପଣ କରି ନିଜେ ନବାନ୍ନ ଭକ୍ଷଣ କରନ୍ତି । ନବାନ୍ନ ଭକ୍ଷଣ ପରେ ଅପରାହ୍ନରେ ସୋନପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ ତଥା ଗୁରୁଜନ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ପ୍ରଣାମ କରନ୍ତି । ନୂଆଁଖାଇ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ତଥା ଜିଲାର ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦର ଆୟୋଜନ କରାଯାଏ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ଏହି ଦିନ ବିଭିନ୍ନ ଖେଳରେ ମାତି ଯାଆନ୍ତି । ନୂଆଁଖାଇର ଏହି ପବିତ୍ର ଦିନକୁ ବର୍ଷସାରା ଲୋକେ ଅପେକ୍ଷା କରି ରହିଥାନ୍ତି । ନୂଆଁଖାଇ ପାଇଁ ସହରଠୁ ଗ୍ରାମାଞ୍ଚଳ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳୁଛି ।
























ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ | Bhubaneswar, Tuesday, September 20/2023 | ପୃଷ୍ଠା-୧



ଗଣେଶ ଚତୁର୍ଥୀ ଅବସରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କରେ ବକୁଳ ଫାଉଣ୍ଡେଶନ୍ ପକ୍ଷରୁ ଗଛ ଗଣେଶ ପୂଜା କରାଯାଇଛି।

# ଭାରତ-କାନାଡା ତିକ୍ତତା ବଢ଼ିଲା

**ସ୍ୱତନ୍ତ୍ର 'ଖଲିସ୍ତାନ' ଗଠନ ଦାବିରେ ଆନ୍ଦୋଳନ ଚଳାଇଥିବା ବିଚ୍ଛିନ୍ନତାବାଦୀ ଖଲିସ୍ତାନୀମାନଙ୍କୁ ଆଶ୍ରୟ ଦେଉଥିବା କାନାଡା ସହ ଭାରତର ସମ୍ପର୍କ ଖରାପ ରହିଆସିଛି। ଏଭଳି ସ୍ଥଳେ ଗତ ଜୁନ୍ ୧୮ରେ କାନାଡା ନାଗରିକ ତଥା ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜାରଙ୍କୁ ହତ୍ୟା ଘଟଣାରେ ଭାରତ ସରକାରଙ୍କ ଏଜେଣ୍ଟ ସମ୍ପୃକ୍ତ ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି। ଏହି ଅଭିଯୋଗକୁ ନୂଆଦିଲ୍ଲୀ ପକ୍ଷରୁ ଖଣ୍ଡନ କରାଯାଇଥିବାବେଳେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଆହୁରି ତିକ୍ତ ହୋଇଯାଇଛି। ମଙ୍ଗଳବାର ଦୁଇ ଦେଶ ପରସ୍ପରର କୂଟନୀତିଜ୍ଞଙ୍କୁ ବହିଷ୍କାର କରିଛନ୍ତି। ଏହାସହ ଭାରତ-କାନାଡା ମଧ୍ୟରେ ହେବାକୁ ଥିବା ବାଣିଜ୍ୟିକ ରାଜିନାମା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।**

- **ପରସ୍ପର କୂଟନୀତିଜ୍ଞଙ୍କୁ ବହିଷ୍କାର କଲେ**
- **ଖଲିସ୍ତାନୀ ନେତା ନିଜାରଙ୍କ ହତ୍ୟାକୁ ନେଇ ମୁହାଁମୁହିଁ**

**ନୂଆଦିଲ୍ଲୀ,୧୯।୯(ପି.ଟି.)**

ପଞ୍ଜାବରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ପାଇଁ ଖଲିସ୍ତାନୀମାନେ ଦାବିକରି ଆସୁଛନ୍ତି। ସେମାନଙ୍କୁ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଅସ୍ତ୍ରଶସ୍ତ୍ର ଯୋଗାଇ ଭାରତରେ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ଉସୁକାଉଛି। ଭାରତ ପରେ ସର୍ବାଧିକ ପଞ୍ଜାବୀ ବସବାସ କରୁଥିବା ଦେଶ ହେଉଛି କାନାଡା। ସେଠାରେ ଖଲିସ୍ଥାନୀମାନେ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅନେକ ଦୃଷ୍ଟାନ୍ତ ରହିଛି, ଯାହାକୁ ନୂଆଦିଲ୍ଲୀ ବିରୋଧ କରିଆସୁଛି। ସେପ୍ଟେମ୍ବର ୯-୧୦ରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାନାଡା ପ୍ରତିପକ୍ଷ ଜଷ୍ଟିନ୍ ଟ୍ରୁଡୋଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଇଥିଲେ। ଟ୍ରୁଡୋ କାନାଡା ଫେରିବାର ସପ୍ତାହେ ପରେ ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ମିଳିଛି। କାନାଡା ନାଗରିକ ନିଜାରଙ୍କୁ ଜୁନ୍ ୧୮ରେ ବ୍ରିଟିଶ କଲମ୍ବିଆସ୍ଥିତ ଏକ ଗୁରୁଦ୍ୱାରା ବାହାରେ ଦୁଇଜଣ ଅଜ୍ଞାତ ବ୍ୟକ୍ତି ଗୁଳିକରି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡରେ ଭାରତର ସମ୍ଭାବ୍ୟ ସମ୍ପୃକ୍ତି ଥିବା ଅଭିଯୋଗ ଆଣି କାନାଡା ସରକାର ସେଠାରେ ଥିବା ଭାରତୀୟ କୂଟନୀତିଜ୍ଞଙ୍କୁ ମଙ୍ଗଳବାର ବହିଷ୍କାର କରିଛନ୍ତି। ଭାରତ ମଧ୍ୟ 'ଯେସାକୁ ତେସା' ନୀତି ଆପଣାଇ କାନାଡା କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ସହ ୫ ଦିନ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ କହିଛି। ଖଲିସ୍ତାନୀ ନେତାଙ୍କ ହତ୍ୟା ସହ ଭାରତ ସରକାରଙ୍କ ଏଜେଣ୍ଟ ସମ୍ପୃକ୍ତ ଥିବା ନେଇ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଅଭିଯୋଗକୁ ନୂଆଦିଲ୍ଲୀ ଭିତ୍ତିହୀନ କହି ଖଣ୍ଡନ କରିଛି। ଟ୍ରୁଡୋ ପାର୍ଲାମେଣ୍ଟରେ ଉପରୋକ୍ତ ମନ୍ତବ୍ୟ ଦେବା ପରେ ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଅଫିସର ପବନ କୁମାର ରାୟଙ୍କୁ ବହିଷ୍କାର କରାଯାଇଥିବା ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜେଲି ଘୋଷଣା କରିଥିଲେ। ଏହାର କିଛି ଘଣ୍ଟା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଥିବା କାନାଡା ଉଚ୍ଚାୟୁକ୍ତ କାମେରନ ମାକେଙ୍କୁ ସମନ କରି ଜଣେ ବରିଷ୍ଠ କୂଟନୈତିକ ଅଧିକାରୀଙ୍କୁ ବହିଷ୍କାର କରାଗଲା ବୋଲି ଜଣାଇଦେଇଛି। ବହିଷ୍କୃତ ଅଫିସରଙ୍କ ନାଁ ମନ୍ତ୍ରଣାଳୟ ସ୍ପଷ୍ଟ କରି ନ ଥିବାବେଳେ ନୂଆଦିଲ୍ଲୀରେ ଥିବା କାନାଡା ଗୋଇନ୍ଦା ସଂସ୍ଥାର ଷ୍ଟେଶନ ମୁଖ୍ୟ ଓଲିଭିଏର ସିଲ୍‌ଭେଷ୍ଟ୍ରେରେଙ୍କୁ ବହିଷ୍କାର କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ଭାରତର ଆଭ୍ୟନ୍ତରୀଣ ମାମଲାରେ କାନାଡା କୂଟନୀତିଜ୍ଞ ମୁଣ୍ଡ ପୂରାଇବା ସହ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ନୂଆଦିଲ୍ଲୀର ଚିନ୍ତା ବଢୁଥିବା ଏଥିରୁ ପ୍ରତିଫଳିତ ହୋଇଛି। ଫଳରେ ଦୁଇଦେଶର କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଟ୍ରୁଡୋ ଏବଂ ଜେଲିଙ୍କ ମନ୍ତବ୍ୟ ଉପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏଭଳି ଭିତ୍ତିହୀନ ଅଭିଯୋଗ ଆଣି କାନାଡାରେ ଆଶ୍ରୟ ନେଇ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତି ପ୍ରତି ବିପଦ ସୃଷ୍ଟି କରୁଥିବା ଖଲିସ୍ତାନୀ ଆତଙ୍କବାଦୀ ଏବଂ ଉଗ୍ରପନ୍ଥୀଙ୍କ ଉପରୁ ଧ୍ୟାନ ହଟାଇବାକୁ ସେମାନେ ଉଦ୍ୟମ କରୁଛନ୍ତି। କାନାଡାରେ କୌଣସି ପ୍ରକାର ହିଂସାରେ ଭାରତ ସରକାରଙ୍କ ସମ୍ପୃକ୍ତି ଅଭିଯୋଗ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ଓ ଅନୁପ୍ରେରିତ। ଅନ୍ୟପକ୍ଷେ ଭାରତ 'ଯେସାକୁ ତେସା' ନୀତି ଆପଣାଇବା ପରେ ଶିଖ୍ ବିଚ୍ଛିନ୍ନତାବାଦୀ ନେତାଙ୍କୁ ହତ୍ୟା ପଛରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣି ଉତ୍ତେଜିତ କରିବାକୁ କାନାଡା ଉଦ୍ୟମ କରୁ ନ ଥିବା ଟ୍ରୁଡୋ କହିବା ସହ ନୂଆଦିଲ୍ଲୀ ଉକ୍ତ ପ୍ରସଙ୍ଗର ଉପଯୁକ୍ତ ସମାଧାନ ବାହାର କରିବା ଉଚିତ ବୋଲି ସଫେଇ ଦେଇଛନ୍ତି।

# ଗଣେଶ ପୂଜାରେ ବିଦ୍ୟୁତ୍ ଦୁର୍ଘଟଣା, ୨ ମୃତ

**ବାରଙ୍ଗ/ ପାରଳାଖେମୁଣ୍ଡି,୧୯।୯ (ଲିଙ୍ଗରାଜ ରାଉତ/ଗିରିଧାରୀ ପରିଚ୍ଛା)**

ଗଣେଶ ପୂଜା ଖୁସି ମନାଇବାର ପ୍ରସ୍ତୁତି ସମୟରେ ଘଟିଯାଇଛି ଅଘଟଣ। କଟକ ବାରଙ୍ଗ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର ଏକ ଟ୍ରାକ୍ଟରରେ ଗଣେଶ ମୂର୍ତ୍ତି ନେଇ ଯାଉଥିବାବେଳେ ଜଣେ ଛାତ୍ର ଧରିଥିବା ପତାକା ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ସେହିପରି ସୋମବାର ରାତିରେ ଗଜପତି ଜିଲା ଗୁରାଣ୍ଡି ଥାନା ଅଞ୍ଚଳରେ ଗଣେଶ ପୂଜା ପାଇଁ ପ୍ରସ୍ତୁତ ପେଣ୍ଡାଲରେ ମାଇକ୍ ସଜାଉଥିବା ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବାରଙ୍ଗ ଥାନା ଅଧୀନ ନରାଜ ପାଖରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ଗଣେଶ ପୂଜା ପାଇଁ ମଙ୍ଗଳବାର ସକାଳ ସମୟରେ ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଛାତ୍ର ଗୋଡ଼ିସାହି ବଜାରରୁ ବଡ଼ ଗଣେଶ ମୂର୍ତ୍ତିକୁ ଆଣିବାକୁ ଯାଇଥିଲେ। ଟ୍ରାକ୍ଟରଟି ଶିକ୍ଷାନୁଷ୍ଠାନରେ ପ୍ରବେଶ କରିବା ପୂର୍ବରୁ କ୍ୟାମ୍ପସରେ ଥିବା ଅନ୍ୟ ପିଲାମାନେ ଆସି ପହଞ୍ଚିଥିଲେ। ସେମାନେ ଗୀତ ବଜାଇ, ହରିବୋଲ ପକାଇ, ଅବିର ଖେଳି ବିଘ୍ନବିନାଶନ ଗଜାନନଙ୍କୁ ଶୋଭାଯାତ୍ରାରେ କ୍ୟାମ୍ପସକୁ ନେଉଥିଲେ। ହେଲେ ଟ୍ରାକ୍ଟରଟି ଶିକ୍ଷାନୁଷ୍ଠାନ ପରିସରକୁ ପ୍ରବେଶ କରୁଥିବାବେଳେ ଟ୍ରାକ୍ଟର ଉପରେ ଠିଆ ହୋଇଥିବା ମହାରାଷ୍ଟ୍ରର ଆୟୁଷ କାପୁର ଏକ ଷ୍ଟିଲ ଲମ୍ବା ପାଇପରେ ଲାଗିଥିବା ପତାକାକୁ ହଲାଉଥିବା ବେଳେ ଏହା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ଆୟୁଷଙ୍କ ସମେତ ଟ୍ରାକ୍ଟରରେ ତାଙ୍କ ନିକଟରେ ଥିବା କିଛି ଛାତ୍ର ତଳକୁ ପଡ଼ିଯାଇଥିଲେ। ବିଦ୍ୟାଳୟର କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ଆହତ ୫ ଜଣଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ମହାରାଷ୍ଟ୍ର ଔରଙ୍ଗାବାଦ ଜିଲାର ସୋହମ ଭଗବାନ ସାୱଲେ ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଶୋଭାଯାତ୍ରାର ଭିଡିଓ ପିଲାମାନେ ସୋସିଆଲ ମିଡିଆରେ ଶେୟାର କରୁଥିଲେ। ତେଣୁ ଘଟଣା ସମୟର ଦୃଶ୍ୟ ମଧ୍ୟ ଏବେ ଭାଇରାଲ ହେଉଛି। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ ଏ ବାବଦରେ ଖବର ଦିଆଯାଇଛି। ସେମାନେ ଆସିଲେ ମୃତ ଛାତ୍ରଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଅନ୍ୟପଟେ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କୁହାଯିବା ସହ ମୃତ ଛାତ୍ରଙ୍କ ପରିବାରକୁ ଖବର ☞ପୃଷ୍ଠା-୫

# ମହାନଦୀ ମୁହାଣରେ ବୁଡ଼ିଲା ମାଛଧରା ବୋଟ୍

## ୩ ମତ୍ସ୍ୟଜୀବୀ ନିଖୋଜ

**ପାରାଦୀପ,୧୯।୯ (ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ମାଛଧରାବନ୍ଦର ନିକଟ ମହାନଦୀ ମୁହାଣରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ବାସୁଳି-୨ ନାମକ ମାଛଧରା ବୋଟ୍ ସମୁଦ୍ରରୁ ମାଛଧରି ଫେରିବାବେଳେ ମୁହାଣ ନିକଟରେ ଓଲଟି ପଡ଼ିଛି। ବୋଟ୍‌ରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଅନ୍ୟ ୫ ଜଣଙ୍କୁ ଆଉ ଏକ ମାଛଧରା ବୋଟ ଓ ପାରାଦୀପ ବନ୍ଦର ଟଗ୍ ବୋଟ ଉଦ୍ଧାର କରିଛି। ଉଦ୍ଧାର ମତ୍ସ୍ୟଜୀବୀମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଘଟଣାସ୍ଥଳରେ ☞ପୃଷ୍ଠା-୫

# ପରିବାରର ସଞ୍ଚୟ ୫ ଦଶନ୍ଧିରେ ସବୁଠୁ କମ୍

**ନୂଆଦିଲ୍ଲୀ, ୧୯।୯**

ଆର୍ଥିକ ବର୍ଷ ୨୦୨୨-୨୩ରେ ଦେଶର ପରିବାରର ସଞ୍ଚୟ (ହାଉସ୍‌ହୋଲ୍ଡ ସେଭିଂସ) ୫ ଦଶନ୍ଧିର ସବୁଠାରୁ କମ୍ ରହିଛି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ୨୦୨୧-୨୨ରେ ଏହା ସମୁଦାୟ ଘରୋଇ ଉତ୍ପାଦ (ଜିଡିପି)ର ୭.୨ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ କମି ୫.୧ ପ୍ରତିଶତ ହୋଇଛି। ଏହି ସମୟରେ ଲୋକଙ୍କ ଆୟ ବହୁଳ ମାତ୍ରାରେ ହ୍ରାସ ପାଇଥିବା ବେଳେ ମହାମାରୀ ପରବର୍ତ୍ତୀ ସମୟରେ ଖର୍ଚ୍ଚ ପରିମାଣ ବଢ଼ିଯାଇଛି।

ଦୁଶ୍ଚିନ୍ତାର ବିଷୟ ଯେ, ପରିବାରଗୁଡ଼ିକର ବାର୍ଷିକ ଆର୍ଥିକ ଋଣ ପରିମାଣ ୨୦୨୨-୨୩ରେ ଜିଡିପିର ୫.୮ ପ୍ରତିଶତ ରହିଛି। ୨୦୨୧-୨୨ରେ ଏହା ୩.୮ ପ୍ରତିଶତ ଥିଲା। ଅର୍ଥାତ୍ ୨୦୨୨-୨୩ରେ ରିୟଲ ଇଷ୍ଟେଟ କିଣିବା ଓ ଖାଉଟି ସାମଗ୍ରୀରେ ବ୍ୟୟ କରିବା ଲାଗି ଅତିମାତ୍ରାରେ ଋଣ କରାଯାଇଛି। ଗତ ଆର୍ଥିକ ବର୍ଷରେ ଋଣ ପରିମାଣ ବୃଦ୍ଧି ସ୍ୱାଧୀନତା ପରଠାରୁ ଦ୍ୱିତୀୟ ସର୍ବବୃହତ୍ ଥିଲା। କେବଳ ୨୦୦୬-୦୭ ଆର୍ଥିକ ବର୍ଷରେ ଏହା ୬.୭ % ଥିଲା ବୋଲି ରିପୋର୍ଟରୁ ସୂଚନା ମିଳିଛି।



ଆର୍ଥିକ ବର୍ଷ ୨୦୨୦-୨୧ରେ ନେଟ୍ ଘରୋଇ ସମ୍ପତ୍ତି ପରିମାଣ ୨୨.୮ ଟ୍ରିଲିୟନ ଟଙ୍କାକୁ ହ୍ରାସ ପାଇଥିବା ବେଳେ ୨୦୨୧-୨୨ରେ ୧୬.୯୬% ଏବଂ ୨୦୨୨-୨୩ରେ ଏହା ୧୩.୭୬ ଟ୍ରିଲିୟନ ଟଙ୍କାକୁ କମିଛି। ମୁଦ୍ରାସ୍ଫୀତି ଯୋଗୁ ଲୋକଙ୍କ ସଞ୍ଚୟ କମିଯାଇଥିବା ବେଳେ ଆବଶ୍ୟକତା ମେଣ୍ଟାଇବା ସକାଶେ କରାଯାଇଥିବା ଋଣ ପରିବାର ପାଇଁ ବୋଝ ହୋଇଯାଇଛି।

ମୋତିଲାଲ ଓସ୍ୱାଲ୍‌ର ଅର୍ଥନୀତିଜ୍ଞ ନିଖିଲ ଗୁପ୍ତା କହିଛନ୍ତି, ଦୁର୍ବଳ ଆୟ ଅଭିବୃଦ୍ଧି ଓ ଆର୍ଥିକ ସଞ୍ଚୟ ହ୍ରାସର ସଂଯୋଗ ସହିତ ଋଣ ବଢ଼ିଯାଉଥିବାରୁ ଅର୍ଥନୀତିରେ ଅସ୍ୱାଭାବିକତା ଦେଖାଦେଇଛି। ସମ୍ଭବତଃ ସେଥିଲାଗି ସ୍ୱାଧୀନତା ପରବର୍ତ୍ତୀ ସମୟରେ ପରିବାରର ଋଣ ପରିମାଣ ଦ୍ୱିତୀୟ ସର୍ବାଧିକ ହୋଇଛି।

ଆର୍‌ବିଆଇ ତଥ୍ୟ କହୁଛି, ପରିବାରର ସଞ୍ଚୟ ଆର୍ଥିକ ବର୍ଷ ୨୦୨୨-୨୩ରେ ତା' ପୂର୍ବ ବର୍ଷ ତୁଳନାରେ କମ୍ ରହିଥିଲା। ଯଦି ଅର୍ଥନୀତିରେ ଅଭିବୃଦ୍ଧି ଓ ଲୋକଙ୍କ ଆୟ ବଢ଼େ, ତାହା ହେଲେ ପରିବାରର ସଞ୍ଚୟ ଊର୍ଦ୍ଧ୍ୱମୁଖୀ ହୋଇପାରିବ। ଚଳିତ ବର୍ଷରେ ଯଦି ସଞ୍ଚୟ ପରିମାଣ ନ ବଢ଼େ, ତେବେ ଉଭୟ ଖର୍ଚ୍ଚ ଓ ପୁଞ୍ଜିଲଗାଣକୁ ପ୍ରଭାବିତ କରିବ। ଆର୍ଥିକ ବର୍ଷ ୨୦୨୩-୨୪ର ପ୍ରଥମ ତ୍ରୈମାସିକର ଜିଡିପି ତଥ୍ୟ କହୁଛି, ବ୍ୟୟଠାରୁ ପୁଞ୍ଜିଲଗାଣ ସାମାନ୍ୟ ବଢ଼ିଥିବା ବେଳେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଚାହିଦା ଅଧିକ ଥିଲା। ଏଚ୍‌ଏସ୍‌ବିସିର ଭାରତୀୟ ଅର୍ଥନୀତିଜ୍ଞ ପ୍ରଞ୍ଜୁଳ ☞ପୃଷ୍ଠା-୫









**ରେଳ ଧାରଣାରେ ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ନନ୍ଦନକାନନ ଥାନା ଅଧୀନ ପଦାସାହି ଗାଁମୁଣ୍ଡ ରେଳ ଧାରଣାରେ ମଙ୍ଗଳବାର ରାତିରେ ଜଣେ ବୃଦ୍ଧା ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି। ବୃଦ୍ଧା ଜଣକ ହେଉଛନ୍ତି କଟକ ରାଣୀହାଟ ଗଉଡ଼ସାହିର ଅଞ୍ଜନା କର। କୋରିୟର ସଂସ୍ଥାରେ କାର୍ଯ୍ୟ କରୁଥିବା ତାଙ୍କ ପୁଅ ସରୋଜଙ୍କ ସହିତ ସେ କେନ୍ଦୁପାଟଣାରେ ଭଡ଼ା ଘରେ ରହୁଥିଲେ। ୩ ଦିନ ତଳେ କଟକ ଯାଇଥିବାବେଳେ ସ୍ୱାମୀଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବସ୍‌ରେ ପୁଅ ପାଖକୁ ଯାଇଥିଲେ। ସେଠାରୁ ଫେରି ରେଳଧାରଣାକୁ ଆସିଥିବା ଉଦ୍ଧାରକାରୀ ଲୋକେ କହିଛନ୍ତି।



# ଦିନରେ ଜଳୁଛି, ରାତିରେ ବନ୍ଦ

ଭୁବନେଶ୍ୱର, ୧୯।୯(ବନ୍ଦନା ସେଠୀ)

## ରାଜଧାନୀରେ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା



ରାଜଧାନୀ ଭୁବନେଶ୍ୱରର ମୁଖ୍ୟ ରାସ୍ତାଠାରୁ ଆରମ୍ଭକରି ଗଳି ପର୍ଯ୍ୟନ୍ତ ସବୁଠି ବିଦ୍ୟୁତ୍ ଖୁଣ୍ଟ ଲାଗିଛି। ମାତ୍ର କେତେକ ଜାଗାରେ ଦିନ ଦ୍ୱିପ୍ରହରରେ ଲାଇଟ୍ ଜଳୁଥିବାବେଳେ ଅଧିକାଂଶ ସ୍ଥାନରେ ରାତିରେ ଲାଇଟ୍ ଜଳୁନାହିଁ। ସଞ୍ଜ ନଇଁଲେ ଅନ୍ଧାର ସାଙ୍ଗକୁ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସାଧାରଣ ଲୋକେ ସେହି ରାସ୍ତାଦେଇ ଯିବାଆସିବା କରିବାକୁ ଭୟ କରୁଛନ୍ତି। ପୁଣି ବର୍ଷା ଦିନ ଥିବାରୁ ଅନ୍ଧାରରେ ଖାଲଢିପ କିଛି ଜଣାପଡୁନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସହରର ଗଳିକନ୍ଦି ବ୍ୟତୀତ ବ୍ୟସ୍ତବହୁଳ ସିଆର୍‌ପି ଛକରୁ ଓୟୁଏଟି, ସୈନିକ ସ୍କୁଲ ରୋଡ ଧିରିକୁଟି ସାହି ଖେଳପଡ଼ିଆ ଅଞ୍ଚଳ, ଚନ୍ଦ୍ରଶେଖରପୁର, ବୁଦ୍ଧେଶ୍ୱରୀ କଲୋନୀ, କୈଳାସ ବିହାର, ବଡ଼ଗଡ଼ ବ୍ରିଟ୍ କଲୋନୀ, ଲକ୍ଷ୍ମୀସାଗର ଭଳି ବିଭିନ୍ନ ଅଞ୍ଚଳରେ ଦୀର୍ଘଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଲାଗିରହିଛି। ଏନେଇ ଅଞ୍ଚଳବାସୀ ବିଏମ୍‌ସିରେ ଅଭିଯୋଗ କଲେ ବି ତାହାର ସମାଧାନ ହୋଇପାରୁନାହିଁ। ଅଭିଯୋଗର ଲମ୍ବା ତାଲିକା ଥିବାବେଳେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ପ୍ରତି ବିଏମ୍‌ସି କିନ୍ତୁ ମୋହ ଛାଡ଼ିପାରୁ ନାହିଁ। ଏପରିକି ଖୋଦ୍ କର୍ପୋରେଟରମାନେ ଏନେଇ କର୍ତ୍ତୃପକ୍ଷଙ୍କୁ ଘେରିଛନ୍ତି।

ବିଏମ୍‌ସି ପକ୍ଷରୁ ସହରରେ ପ୍ରାୟ ୭୫ହଜାର ହାଇମାଷ୍ଟ ଲାଇଟ୍ ଲଗାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା 'ଇ-ସ୍ମାର୍ଟ' ଏବଂ 'ନିଭ୍ ଏନର୍ଜି'କୁ ଦିଆଯାଇଛି। ୨୦୧୪ରୁ ଇ-ସ୍ମାର୍ଟ ସହିତ ବିଏମ୍‌ସିର ୧୦ ବର୍ଷିଆ ଚୁକ୍ତି ହୋଇଥିବାବେଳେ ୨୦୧୭ରେ ନିଭ୍

### ଅଭିଯୋଗ ସତ୍ତ୍ୱେ ଶୁଣୁନି ବିଏମ୍‌ସି

ଏନର୍ଜି ସହିତ ୬ବର୍ଷିଆ ଚୁକ୍ତି ହୋଇଛି। ଏହାବାଦ୍ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବା ପାଇଁ ବିଏମ୍‌ସିର ନିଜସ୍ୱ ଏକ ଟିମ୍ ରହିଛି। ଏହାସତ୍ତ୍ୱେ ପ୍ରତିଦିନ ଷ୍ଟ୍ରିଟ ଲାଇଟ୍‌କୁ ନେଇ ଲୋକଙ୍କ ଅଭିଯୋଗ ବଢ଼ିଚାଲିଛି। ଷ୍ଟ୍ରିଟ୍ ଲାଇଟ୍‌ର ୯୯% କାମ ଏଜେନ୍ସି କରୁଥିବାବେଳେ ୧୦ ପ୍ରତିଶତ କାମ ବିଏମ୍‌ସିର ଟିମ୍ କରିଥାନ୍ତି। କୌଣସି ବ୍ୟକ୍ତି ୧୯୨୯ରେ ଫୋନ୍ କରି କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ କଲେ ବିଏମ୍‌ସି କର୍ମଚାରୀ ତାହାକୁ ସମ୍ପୃକ୍ତ ସଂସ୍ଥାକୁ ଅବଗତ କରାଇ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଉଛନ୍ତି। ମାତ୍ର ଅଭିଯୋଗର କେତେଦିନ ପରେ ସମାଧାନ ହେଲା, ବା ସମାଧାନ ହେଲା କି ନାହିଁ ତାହାର ଖବର ବିଏମ୍‌ସି ଅଧିକାରୀଙ୍କ ପାଖରେ ରହୁନାହିଁ। ସେହିପରି ଅଭିଯୋଗର ୪୮ଘଣ୍ଟା ମଧ୍ୟରେ ସମସ୍ୟା ସମାଧାନ କରା ନ ଗଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଜରିମାନା କରିବାର ପ୍ରାବଧାନ ରହିଛି। ମାତ୍ର ବିଏମ୍‌ସି ଏହାକୁ ଯାଞ୍ଚ କରୁନାହିଁ। ତେଣୁ ସଂସ୍ଥାମାନେ ମନଇଚ୍ଛା କାମ କରୁଛନ୍ତି। ଅପରପକ୍ଷେ ଶକ୍ତି ସଞ୍ଚୟ କରିବା ଲକ୍ଷ୍ୟରେ ବିଏମସି ୨୦୧୩ରେ ପିପିପି ମୋଡ୍‌ରେ ଯେଉଁ 'ଏନର୍ଜି ସେଭିଂ ମୋଡ୍ ପ୍ରକଳ୍ପ'ର ପରିକଳ୍ପନା କରିଥିଲା, ତାହା ଏବେ ବାଟବଣା ହେଉଥିବା ଦେଖାଯାଇଛି। ପ୍ରକଳ୍ପ ଅନ୍ତର୍ଗତ ବିଏମ୍‌ସି ପୂର୍ବାପେକ୍ଷା ବିଦ୍ୟୁତ୍ ବିଲ୍ ବାବଦକୁ ୮୦.୦୨ ପ୍ରତିଶତ କମ୍ ପୈଠ କରିବ ଏବଂ ଏଥିରୁ ଅଧିକ ବିଲ୍ ଆସିଲେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଜରିମାନା ଦେବେ ବୋଲି ନିର୍ଦ୍ଧାରଣ ହୋଇଥିଲା। ମାତ୍ର ସଂସ୍ଥାର ପ୍ରଦର୍ଶନକୁ ତଦାରଖ କରିବା ପାଇଁ ବିଏମ୍‌ସିରେ ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର (ଆଇଇଏ) ନାହାନ୍ତି। ଫଳରେ ଠିକା ସଂସ୍ଥାମାନେ ଯାହା ରିପୋର୍ଟ ଦେଉଛନ୍ତି ବିଏମ୍‌ସି ତାହାକୁ ମାନିବାକୁ ବାଧ ହେଉଛି। ତେବେ ବିଏମ୍‌ସି ଇତିମଧ୍ୟରେ ଏନର୍ଜି ଅଡିଟର ନିଯୁକ୍ତ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି।

### ଏମାନେ ଯାହା କୁହନ୍ତି....



ପଳାଶୁଣୀ ଅଞ୍ଚଳରେ ଡ୍ରେନ୍‌ଠାରୁ ଆରମ୍ଭ କରି ଷ୍ଟ୍ରିଟ୍ ଲାଇଟ୍ ପର୍ଯ୍ୟନ୍ତ ସବୁ ସମସ୍ୟା ଲାଗି ରହୁଛି। ରାତିରେ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ଏନେଇ ବିଏମ୍‌ସିରେ ଅଭିଯୋଗ କଲେ ବି କିଛି ଫଳ ମିଳୁନାହିଁ।
**-ସୁଶାନ୍ତ ସ୍ୱାଇଁ, ପଳାଶୁଣୀ**



ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଏଠାରେ ନିତିଦିନିଆ କଥା। ଦିନରେ ଲାଇଟ୍ ଜଳୁଛି ହେଲେ ରାତିରେ ବନ୍ଦ। ଅନେକ ଥର ବିଏମ୍‌ସିରେ ଅଭିଯୋଗ କରିଛୁ, ହେଲେ ସମାଧାନ ଦୂରର କଥା ସେମାନେ ଏନେଇ କର୍ଣ୍ଣପାତ କରୁନାହାନ୍ତି।
**-ଉଦୟ ପଣ୍ଡା, ସତ୍ୟବିହାର**



ରସୁଲଗଡ଼କୁ ଶିଳ୍ପାଞ୍ଚଳ କୁହାଯାଏ। ମାତ୍ର ଏଠାରେ ମଧ୍ୟ ଷ୍ଟ୍ରିଟ୍‌ଲାଇଟ୍ ସମସ୍ୟା ଏଭଳି ଯେ ନ କହିବା ଭଲ। ଛକରୁ ଟିକେ ଭିତରକୁ ଗଲାପରେ ଏହା ଉପାନ୍ତ ଅଞ୍ଚଳ ପାଲଟି ଯାଉଛି। ଖାଲଢିପ ରାସ୍ତା ସାଙ୍ଗକୁ ଅନ୍ଧାରରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି।
**-ଅଭିଷେକ ପାତ୍ର, ରସୁଲଗଡ଼**



ବିଏମ୍‌ସିରେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ଦିନଦିନ ଧରି ଅଭିଯୋଗ ପଡ଼ିରହୁଛି। ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ପାରୁ ନ ଥିବାବେଳେ ବିଏମ୍‌ସି କେବଳ ବାହାସ୍ଫୋଟ ମାରିବାରେ ବ୍ୟସ୍ତ।
**-ସୀତାଂଶୁ ପତି, ଲକ୍ଷ୍ମୀସାଗର**

ସହରରେ ପ୍ରାୟ ୭୫ ହଜାର ଲାଇଟ୍ ମଧ୍ୟରୁ ୯୦ ପ୍ରତିଶତ କାମ କରୁଛି। ପ୍ରତିଦିନ ଜଳୁଥିବାରୁ ଲାଇଟ୍ ଖରାପ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। ବର୍ଷାଦିନ କାରଣରୁ ଏବେ ଟିକେ ଅଧିକ ସମସ୍ୟା ଦେଖାଯାଉଛି। ତେବେ ଲୋକଙ୍କ ଅଭିଯୋଗ ପାଇବା ପରେ ତୁରନ୍ତ ସମାଧାନ ପାଇଁ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଉଛି। ଅପରପକ୍ଷେ ଯେଉଁ ଅଞ୍ଚଳରେ ଲାଇଟ୍ କାମ ଚାଲିଥାଏ ସେଠାରେ ଦିନବେଳା ଲାଇଟ୍ ଜଳେ। ତେଣୁ ଏହା ବିଏମ୍‌ସିର ଦାୟିତ୍ୱହୀନତା ବୋଲି କହିବା ଭୁଲ।
**-ସୁକାନ୍ତ କୁମାର ସାବତ, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର, ବିଏମ୍‌ସି**

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଦୀପ୍ତ



@ ଅନିଲ



@ ଶିବପ୍ରସାଦ



@ ଓମ୍



@ ସତ୍ୟନାରାୟଣ



@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପୂଜ୍ୟପୂଜା ସମ୍ମାନ, ଗୀତଗୋବିନ୍ଦ ଭବନ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହିନ୍ଦୀ ଦିବସ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିଃ ମାସିକ ଆଲୋଚନାଚକ୍ର, ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ଅଶୋକ ନଗର, ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ପ୍ରବାଦ ପୁରୁଷ' ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।




ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ୨ ଲୁଟେରାଙ୍କୁ କାବୁକରି ନିସ୍ତୁକ ପିଟିଲେ ଲୋକେ

**ଭୁବନେଶ୍ୱର,୧୯।୯ ସୂର୍ଯ୍ୟକାନ୍ତ ବେହେରା):** ଲୁଟ୍‌କରି ଫେରାର ହୋଇ ଯାଉଥିବାବେଳେ ୨ ଅଭିଯୁକ୍ତଙ୍କୁ କାବୁକରି ଲୋକେ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ବଡ଼ଗଡ଼ ଥାନା ଅନ୍ତର୍ଗତ କଳ୍ପନା ଛକରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତଦ୍ୱୟ ହେଲେ ସାଲିଆସାହିରେ ରହୁଥିବା ନୟାଗଡ଼ର ଅଜୟ ସେଠୀ ଓ ବିକାଶ ସେଠୀ। ସେମାନଙ୍କଠାରୁ ୩ଟି ମୋବାଇଲ ଓ ଏକ ବାଇକ୍ ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବିକାଶଙ୍କ ନାମରେ ଖଣ୍ଡଗିରି ଥାନାରେ ଛିନ୍‌ତାଇ ମାମଲା ଓ ନୟାଗଡ଼ର ଇଟାମାଟି ଥାନାରେ ଏକ ଅସ୍ତ୍ରଶସ୍ତ୍ର ମାମଲା ରହିଛି।

## ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ମଙ୍ଗଳବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ୪ରୁ ଅଧିକ ଦୋକାନରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଜୋତା, ତକିଆ ଓ ବେଡ୍‌ଶିଟ୍ ଆଦି ଦୋକାନରେ ନିଆଁ ଲାଗିଥିବା ଜଣାପଡ଼ିଛି।

## ହନିଟ୍ରାପ୍ ମାମଲା: ଇରାନୀଙ୍କ ସ୍ୱାମୀଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)



ହନିଟ୍ରାପ୍ କୁଇନ୍ ଇରାନୀ ପାତ୍ରଙ୍କ ସ୍ୱାମୀ ନିଶିକାନ୍ତ ଓରଫ ବାପିଙ୍କୁ ମଙ୍ଗଳବାର ତମାଣ୍ଡୋ ପୋଲିସ ୨ଦିନିଆ ରିମାଣ୍ଡରେ ଆଣିଛି। ଏହି ମାମଲାରେ ବାପିଙ୍କୁ ପୋଲିସ ମାରାଥନ୍ ଜେରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ହନିଟ୍ରାପ୍ ମାୟାଜାଲରେ ଫସାଇ ବିପୁଳ ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲେ ବୋଲି ବାପି ପୋଲିସ ନିକଟରେ ମାନିଛନ୍ତି। ସେମାନେ ଏହି କାମ ନୂଆ କରି ଆରମ୍ଭ କରିଥିଲେ। ତେବେ ୪ଟି ମାମଲାରେ ପୋଲିସକୁ ଇରାନୀଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ମିଳିଛି। ବାପି ସବୁ ସତ ମାନିଯାଇଥିବା ବେଳେ ଇରାନୀଙ୍କୁ ଆଉ ରିମାଣ୍ଡରେ ଆଣିବା ଆବଶ୍ୟକତା ନାହିଁ ବୋଲି ପୋଲିସ ଭାବୁଛି। ଆବଶ୍ୟକ ହେଲେ ଇରାନୀଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇପାରେ। ଅପରପକ୍ଷରେ ଇରାନୀଙ୍କ ଠାରୁ ଜବତ ହୋଇଥିବା ଦୁଇଟି ମୋବାଇଲକୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇଥିଲା। ଏହାର ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ବାପିଙ୍କ ରିମାଣ୍ଡ ଅବଧି ଆଉ ଦିନଟିଏ ବାକି ରହିଥିବାରୁ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିବ। ପୋଲିସ ବୁଧବାର ସନ୍ଧ୍ୟାରେ ବାପିଙ୍କୁ କୋର୍ଟରେ ହାଜର କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜଣେ ଡାକ୍ତରଙ୍କୁ ହନିଟ୍ରାପ୍ କରି ଗୃହବନ୍ଦୀ କରିବା ପରେ ମାଡ଼ ମାରି ଲୁଟ୍ କରିବା ମାମଲାରେ ଇରାନୀଙ୍କ ସମେତ ସ୍ୱାମୀ ନିଶିକାନ୍ତ ଏବଂ ଅନ୍ୟ ୨ ସହଯୋଗୀ ସପ୍ତାହ ତଳେ ଗିରଫ ହୋଇଥିଲେ। ୨ଦିନ ତଳେ ଇରାନୀଙ୍କ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିଲା।

## ବିଶ୍ୱନାଥ ମିଶ୍ରଙ୍କ ଶ୍ରାଦ୍ଧଦିବସ

**ଭୁବନେଶ୍ୱର,୧୯।୯(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ବିଶ୍ୱନାଥ ମିଶ୍ରଙ୍କ ୯୦ତମ ଶ୍ରାଦ୍ଧଦିବସ ମଙ୍ଗଳବାର ରାଜଭବନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିବାବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରବୀର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ହାଡ଼ିବନ୍ଧୁ ବେଉରିଆ, ଜୟ ଓଡ଼ିଶା ପକ୍ଷରୁ ହରପ୍ରିୟା ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

## ଅକ୍ଟୋବର ୬ରେ ରିଲିଜ୍ ହେବ 'ମାଇଣ୍ଡ ଗେମ୍'

ଭୁବନେଶ୍ୱର,୧୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମାଇଣ୍ଡ ଗେମ୍' ଅକ୍ଟୋବର ୬ରେ ମୁକ୍ତିଲାଭ କରିବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ସିନେ ପ୍ରଯୋଜକ ଶ୍ରୀଧର ମାର୍ଥା, ଅଭିନେତା ମନୋଜ ମିଶ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ପ୍ରମୋଶନାଲ ପାର୍ଟନର ପ୍ରଭୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଘଟିଥିବା ଏକ ଚାଞ୍ଚଲ୍ୟକର ପାର୍ସଲ ବୋମା ଘଟଣା ଆଜି ପର୍ଯ୍ୟନ୍ତ କାହା ମନରୁ ପାସୋରିଯାଇନାହିଁ। ସେହି ଚର୍ଚ୍ଚିତ ଘଟଣାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଯୋଜକ ମାର୍ଥା ଦୀର୍ଘ ୫ବର୍ଷ ହେଲା ପ୍ରୟାସ କରି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ମାଇଣ୍ଡ ଗେମ୍ ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନେତା ମନୋଜ ମିଶ୍ର ଅଭିନୟ କରିଛନ୍ତି। ସେହିପରି ବଲିଉଡ୍ ଓ ଟଲିଉଡ୍‌ର ଅତୁଲ କୁଲକର୍ନି, ଯଶପାଲ୍ ଶର୍ମା, ତନକିଲ୍ଲା ଭର୍ମି, ଅପ୍‌ସରା ରାଣୀ, ଓଲିଉଡ୍‌ର ଅନୁ ଚୌଧୁରୀ ଏବଂ ଚିନ୍ମୟ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ତେଲୁଗୁ ସିନେମାର ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ରାଜେଶ ଟଚରିଭର ଏହି ବ୍ୟୟବହୁଳ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। କିଛି ମାସ ତଳେ ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହୋଇଥିଲା, ଯାହା ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଛି। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ରହିଛନ୍ତି।

# ପୂଜା ପାଇଲେ ଗଛ ଗଣେଶ

ଭୁବନେଶ୍ୱର,୧୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

### ବୃକ୍ଷ ସହ ମଣିଷର ସମ୍ପର୍କ ଉପରେ ଗୁରୁତ୍ୱ

ହାତୀମୁଣ୍ଡ ଓ ମଣିଷ ଶରୀର ଥିବା ଭଗବାନ ଗଣେଶ ସମସ୍ତ ସୃଷ୍ଟି, ପ୍ରାଣିଜଗତ ଓ ମାନବ ଜଗତର ମିଳନ ପାଇଁ ଏକ ଶକ୍ତିଶାଳୀ ପ୍ରତୀକ ହୋଇ ରହିଆସିଛନ୍ତି। ମଙ୍ଗଳବାର ଗଣେଶପୂଜା ଅବସରରେ ବକୁଳ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ଭାରତରେ ବୃକ୍ଷପୂଜାର ପ୍ରାଚୀନ ପ୍ରଥାରୁ ପ୍ରେରଣା ନେଇ ଏକ ବୃକ୍ଷକୁ ଶ୍ରୀଗଣେଶ ଭାବେ ସଜାଇ ପୂଜା କରିଛନ୍ତି। ଗତ ୫ବର୍ଷ ହେଲା ଫାଉଣ୍ଡେଶନ ପକ୍ଷରୁ ପରିବେଶ ଅନୁକୂଳ ସାମଗ୍ରୀରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କଳାକୃତିରେ ନିର୍ମିତ ବୃକ୍ଷକୁ ଭଗବାନ ଶ୍ରୀଗଣେଶ ଭାବେ ପୂଜା କରାଯାଇଆସୁଛି। ଚଳିତ ବର୍ଷ ବୃକ୍ଷଗଣେଶ ସହିତ ପାଖରେ ନଡ଼ିଆ ଉପରେ ସୁନ୍ଦର ଚିତ୍ରକଳାରେ ଏକ ମୂଷିକ ତିଆରି କରାଯାଇଛି, ଯାହାକି ଆକର୍ଷଣ ପାଲଟିଛି। ପ୍ରଭୁ ଗୋଲାପି ରଙ୍ଗର ବସ୍ତ୍ର ଓ ପଗଡ଼ି ପିନ୍ଧିଥିବାବେଳେ ହାତରେ ଧାନ ଧରିଥିଲେ। ସୋରିଷ ମଞ୍ଜି ଓ ଡାଲିରେ ତିଆରି ଆଖି ଏବଂ ଦୁଇଟି କୁଲାରେ ନିର୍ମିତ କାନ ଶୋଭା ପାଉଥିଲା। ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ଏକ ଗଛକୁ ପୂଜା ପାଇଁ ଚୟନ କରାଯାଇଥିଲା। ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ ମହାପାତ୍ର, ବକୁଳର ସ୍ୱେଚ୍ଛାସେବୀ, ପ୍ରାତଃ ଭ୍ରମଣକାରୀ ଏବଂ ଦର୍ଶନାର୍ଥୀମାନେ ପୂଜାରେ ଅଂଶଗ୍ରହଣ କରିଥିଲେ। ପିଲାଙ୍କୁ ସାମିଲ କରିବା ପ୍ରୟାସରେ ପାର୍କ ଲାଇବ୍ରେରିରେ କଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏନେଇ ପ୍ରତିଷ୍ଠାତା ମହାପାତ୍ର କହିଛନ୍ତି, ପ୍ରଗତି ପଥରେ ଗଛକୁ ଅନେକ ସମୟରେ ପ୍ରତିବନ୍ଧକ ଭାବେ ବିବେଚନା କରାଯିବା ବିଡ଼ମ୍ବନାର ବିଷୟ। ତେଣୁ ଗଛକୁ ସମସ୍ତ ବାଧାବିଘ୍ନ ଦୂର କରୁଥିବା ଭଗବାନ ଶ୍ରୀଗଣେଶ ରୂପରେ ପୂଜା କରି ଆମେ ସେହି ମାନସିକତାକୁ ବଦଳାଇବାକୁ ଚେଷ୍ଟା କରୁଛୁ। ଆମ ସମାଜର ସମସ୍ୟା ହେଉଛି ଗଛ ସହ ଆମର ସମ୍ପର୍କ ନଷ୍ଟ ହୋଇଯାଇଛି। ସେଥିପାଇଁ ଆମକୁ ପୁଣିଥରେ ଗଛକୁ ପୂଜା କରିବାର ଆବଶ୍ୟକତା ରହିଛି। ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି ଓ ଅନ୍ୟାନ୍ୟ ଶାଖା, ଡିଏଭି ଚନ୍ଦ୍ରଶେଖରପୁର, ଡିଏଭି ୟୁନିଟ୍-୮, ବ୍ଲୋସମ, କେଦାରଗୌରୀସ୍ଥିତ ସେଣ୍ଟ ଜାଭିୟର୍ସ ଏବଂ ଡିଏମ୍ ସ୍କୁଲର ଶତାଧିକ ପିଲା ଏଥିରେ ଅଂଶଗ୍ରହଣ କରି ସେମାନଙ୍କ ଫଟୋ ଏବଂ ଭିଡିଓ ଆମକୁ ପଠାଇଥିଲେ।

# ଗଣେଶ ପୂଜାରେ ଗୋଷ୍ଠୀ ସଂଘର୍ଷ

## ୨ ଯୁବକ ଗୁରୁତର, ୨ ଅଟକ

**କଟକ,୧୯।୯ (କାର୍ତ୍ତିକ ସାହୁ)**

ଗଣେଶ ପୂଜା ଆୟୋଜନକୁ ନେଇ ବିଡାନାସୀ ନୂଆସାହିରେ ଦୁଇଗୋଷ୍ଠୀ ମଧ୍ୟରେ ମଙ୍ଗଳବାର ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀର ଯୁବକମାନଙ୍କୁ ପୂଜାରେ ସାମିଲ କରା ନ ଯିବାରୁ ସେମାନେ ଏକ ପୂଜାମଣ୍ଡପରେ ପଶି ଭଙ୍ଗାରୁଜା କରିଛନ୍ତି। ଏହାକୁ ନେଇ ଆୟୋଜନକାରୀ ଓ ବିରୋଧୀଙ୍କ ମଧ୍ୟରେ ମାର୍‌ପିଟ୍ ଜୋରଦାର୍ ହୋଇଥିଲା। ଏପରି କି ଭଙ୍ଗା ମଦ ବୋତଲ ଆକ୍ରମଣରେ ୨ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ବିଡ଼ାନାସୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ସୂଚନା ଅନୁସାରେ, ବିଡ଼ାନାସୀ ନୂଆସାହି ଯୁବକ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଗଣେଶ ପୂଜା ପାଳନ ପାଇଁ ସ୍ଥାନୀୟ ସାହେବ ପଡ଼ିଆରେ ପ୍ରସ୍ତୁତି ହୋଇଥିଲା। ହେଲେ ସେହି ସାହିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକଙ୍କୁ ପୂଜାରେ ସାମିଲ କରାଯାଇନାହିଁ। ଗତବର୍ଷ ଗଣ୍ଡଗୋଳ କରି ବିଭ୍ରାଟ ସୃଷ୍ଟି କରିଥିବାରୁ ଏବର୍ଷ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ପୂଜାରେ ସାମିଲ ହୋଇ ନ ଥିବା ବିରୋଧୀ ଗୋଷ୍ଠୀର ବାପିନା ଓରଫ ସନ୍ତୋଷ ଜେନା(୨୪) ଓ ସଂଘର କେତେଜଣ କର୍ମକର୍ତ୍ତାଙ୍କ ଭିତରେ ଛକାପଞ୍ଝା ହୋଇଥିଲା। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବାପିନା ୪/୫ ସହଯୋଗୀଙ୍କୁ ନେଇ ପୂଜା ମଣ୍ଡପଠାରେ ଜୋର ଜବରଦସ୍ତ ବକ୍ସ ବଜାଇ ନାଚ କରିଥିଲେ। ଏହି ସମୟରେ ପୂଜା ଚାଲିଥିବାରୁ ସଂଘର କର୍ମକର୍ତ୍ତାମାନେ ଏହାକୁ ବାରଣ କରିଥିଲେ। ହେଲେ ସେମାନେ ଶୁଣି ନ ଥିଲେ। ଫଳରେ ଆୟୋଜକମାନେ ଘଟଣା ସଂକ୍ରାନ୍ତରେ ପୋଲିସକୁ ଜଣାଇଥିଲେ। ପୋଲିସ ପୂଜାସ୍ଥଳରେ ପହଞ୍ଚିବାରୁ ବାପିନାଙ୍କ ସମେତ ଯୁବକମାନେ ସେଠାରୁ ଦୌଡ଼ି ପଳାଇଥିଲେ। ହେଲେ ପୋଲିସ ଡକାଯିବାକୁ ନେଇ ସେମାନେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ପୋଲିସ ଯିବାର କିଛି ସମୟ ପରେ ବାପିନା ଓ ତାଙ୍କ ଗୋଷ୍ଠୀର ଯୁବକମାନେ ମଦ୍ୟପାନ କରି ପୁଣିଥରେ ମଣ୍ଡପଠାରେ ନାଚିଥିଲେ। ସେମାନେ କର୍ମକର୍ତ୍ତାଙ୍କୁ ଗାଳିଗୁଲଜ କରିବା ସହ ଜିନିଷପତ୍ର ଫିଙ୍ଗି ଥିଲେ। ଏପରି କି ସେମାନେ ସେମାନେ ଗଣେଶ ମୂର୍ତ୍ତି ଭାଙ୍ଗି ଦେଇଥିଲେ। ଏ ନେଇ ସଂଘର ଉପସ୍ଥିତ କର୍ମକର୍ତ୍ତା ଅନ୍ୟ କର୍ମକର୍ତ୍ତା ଖବର ଦେଇଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ଭୀଷଣ ଗଣ୍ଡଗୋଳ ହୋଇଥିଲା। ବାପିନା ଏକ ମଦ ବୋତଲ ଭାଙ୍ଗି ଆକ୍ରମଣ ଉଦ୍ୟମ କରୁଥିଲାବେଳେ ଠେଲାପେଲା ଭିତରେ ସେ ତଳେ ପଡ଼ିଯାଇଥିଲେ। ଯଦ୍ୱାରା ଭଙ୍ଗା କାଚ ବୋତଲରେ ସେ ନିଜେ ଆହତ ହୋଇଥିଲେ। ସେହିପରି ବିକାଶ ଦାସ ନାମକ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଏହାଦେଖି ଅନ୍ୟମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ବିଡ଼ାନାସୀ ପୋଲିସ ପହଞ୍ଚି ବାପିନା ଓ ବିକାଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସସିବି ମେଡିକାଲରେ ଭର୍ତ୍ତି କରିଛି। ଏହି ଘଟଣାରେ ପୋଲିସ ବାପିନା ଗୋଷ୍ଠୀର ୨ ଯୁବକଙ୍କୁ ଥାନାରେ ଅଟକ ରଖିଛି ।

## ସଂକ୍ଷେପରେ

### ୟୁନିଟ୍‌-୨ ମାର୍କେଟ ବିଲ୍ଡିଂରେ ଅଗ୍ନିକାଣ୍ଡ

#### ୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଗଲା



**ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା):**

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍‌-୨ ମାର୍କେଟ ବିଲ୍ଡିଂରେ ମଙ୍ଗଳବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ୪ରୁ ଅଧିକ ଦୋକାନରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଜୋତା, ତକିଆ ଓ ବେଡ୍‌ଶିଟ୍ ଆଦି ଦୋକାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ପାର୍ବଣରରୁ ଆରମ୍ଭ ହୋଇଯାଇଥିବାରୁ ଦୋକାନୀମାନେ ଲକ୍ଷାଧିକ ଟଙ୍କାର ଜିନିଷ ଆଣିଥିଲେ। ତେବେ ବିକ୍ରି କରିବା ପୂର୍ବରୁ ସବୁ ପୋଡ଼ି ନଷ୍ଟ ହୋଇଯାଇଥିବାରୁ ଦୋକାନୀମାନେ ପ୍ରଶାସନକୁ ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି।

### ପୋଖରୀରେ ବୁଡ଼ି ମହିଳା ମୃତ

**ବାରଙ୍ଗ,୧୯।୯(ଲିଙ୍ଗରାଜ ରାଉତ)**

ପୋଖରୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମ ପଞ୍ଚାୟତର ବୁଢଙ୍ଗ ଆଦିବାସୀ ସାହିର ଗୋବିନ୍ଦ ହେମ୍ବ୍ରମଙ୍କ ସ୍ତ୍ରୀ ସୁମୀ(୫୭)। ସୁମୀ ଗାଁ ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚନ୍ଦକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଏନେଇ ୫୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବୈଜ୍ଞାନିକ ଶେଷ କିଶାନଙ୍କୁ ଭାରତ ଗୌରବ ସମ୍ମାନ



ମନ୍ତ୍ରୀ ଓ ବିଧାୟକଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ଭାରତ ମସଲା କମ୍ପାନୀର ପ୍ରତିଷ୍ଠା ଦିବସ

**ମଙ୍ଗୁଳି-ଜଗତପୁର,୧୯।୯(ମାନସ ସାମଲ)**

ଗଣେଶ ପୂଜା ଅବସରରେ ଜଗତପୁରସ୍ଥିତ ଭାରତ ଷ୍ଟୁଡିଓ ପରିସରରେ ଭାରତ ମସଲା କମ୍ପାନୀ ୨୪ ତମ ବାର୍ଷିକ ଉତ୍ସବ ଓ ଭାରତ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହାକୁ ଉଦ୍‌ଘାଟନ କରି କହିଥିଲେ, ପଣସ, ମହୁଲ ଓ ମକାକୁ କୌଣସି କମ୍ପାନୀ ପ୍ରାଧାନ୍ୟ ଦେଉନାହାନ୍ତି। ଫଳରେ ଏସବୁ ଚାଷ ପାଇଁ ଚାଷୀମାନେ ମନ ବଳାଉନାହାନ୍ତି। କମ୍ପାନୀ ପକ୍ଷରୁ ଏହାକୁ ପ୍ରାଧାନ୍ୟ ଦିଆଯିବା ସହ ଚାଷୀଙ୍କ ନିକଟରୁ ଉକ୍ତ ସାମଗ୍ରୀ କିଣି ପ୍ୟାକେଟ୍ କରି ବଜାରରେ ବିକ୍ରି କରାଯାଉ। ଏହାଦ୍ୱାରା କମ୍ପାନୀ ଲାଭବାନ୍ ହେବା ସହ କମ୍ପାନୀ ଉପରେ ନିର୍ଭର କରୁଥିବା ୧୦,୦୦୦ ଶ୍ରମିକ ଜାଗାରେ ଆହୁରି ଶ୍ରମିକ କର୍ମନିଯୁକ୍ତି ପାଇପାରନ୍ତେ ବୋଲି ମନ୍ତ୍ରୀ ଦେବ କହିଥିଲେ। କମ୍ପାନୀର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ଅବସରରେ ଯୁବ ବୈଜ୍ଞାନିକ ଡ. ଶେଷ କିଶାନଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶିକ୍ଷା କ୍ଷେତ୍ର ପାଇଁ ହିମାଂଶୁ ପାତ୍ର, ମିତ୍ରବର ସିଂ, ସବ୍ୟସାଚୀ ପାତ୍ରଙ୍କୁ ବିଦ୍ୟା ଭାରତ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କୁ ସଂସ୍କୃତି ଭାରତ, କ୍ରିକେଟର ଶୁଭ୍ରାଂଶୁ ସେନାପତିଙ୍କୁ କ୍ରୀଡା ଭାରତ, ସଦ୍‌ଗୁରୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ମହାନ୍ତିଙ୍କୁ ସେବା ଭାରତ, ସୁନାମଧନ୍ୟ ଲେଖିକା ବନଜା ଦେବୀଙ୍କୁ କଥା ଭାରତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡାଇରେକ୍ଟର ଅରୁଣ କୁମାର ନାୟକ ବାର୍ଷିକ ବିବରଣୀ ପାଠ ଓ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ମା'ଚର୍ଚ୍ଚିକା କୃଷି ଉତ୍ପାଦକ କ୍ଲବ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

**ବାଙ୍କୀ,୧୯।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀରେ ମା'ଚର୍ଚ୍ଚିକା କୃଷି ଉତ୍ପାଦକ କମ୍ପାନୀର କୃଷି ପରାମର୍ଶ କେନ୍ଦ୍ର ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏ ସଂସ୍ଥାକୁ ଲାଇଭଲିହୁଡ୍ ଅଲ୍‌ଟରନେଟିଭ୍ ଭୁବନେଶ୍ୱରର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସମ୍ବିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହା କୃଷକମାନଙ୍କ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। ରୋଗ ପୋକ ଚିହ୍ନଟ ଓ ଏହାର ନିରାକରଣ ଉପରେ କୃଷି ବିଶେଷଜ୍ଞମାନଙ୍କର ସହାୟତା, ମାଟିର ନମୁନା ପରୀକ୍ଷା, ଡ୍ରୋନ୍ ସାହାଯ୍ୟରେ ଚାଷର ମାନ ନିରୂପଣ, ରାସାୟନିକ ସାର ପରିବର୍ତ୍ତେ ଜୈବିକ କୃଷିକୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦିଆଯାଇଥିଲା। ଚାଷୀମାନଙ୍କର ଉନ୍ନତି କରାଯିବା ସହ ବ୍ୟାଟେରିଚାଳିତ ସ୍ପ୍ରେୟାର ମେଶିନ୍, ଚାଷ ଉପଯୋଗୀ କୌଶଳ ଯୋଗାଇଦେବା କମ୍ପାନୀର ମୂଳ ଲକ୍ଷ୍ୟ ବୋଲି ଆଲୋଚନା କରାଯାଇଥିଲା। କୃଷି ଉତ୍ପାଦନ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଅଜୟ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅକ୍ଟୋବର ୬ରେ ରିଲିଜ୍ ହେବ 'ମାଇଣ୍ଡ ଗେମ୍'



ଖବରଦାତା ସମ୍ମିଳନୀରେ ପ୍ରଯୋଜକ ଶ୍ରୀଧର ମାର୍ଥା ଏବଂ ଅଭିନେତା ମନୋଜ ମିଶ୍ର ପୋଷ୍ଟର ରିଲିଜ କରୁଛନ୍ତି।

**ଭୁବନେଶ୍ୱର,୧୯।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ବହୁଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ମାଇଣ୍ଡ ଗେମ୍' ଅକ୍ଟୋବର ୬ରେ ମୁକ୍ତିଲାଭ କରିବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ସିନେ ପ୍ରଯୋଜକ ଶ୍ରୀଧର ମାର୍ଥା, ଅଭିନେତା ମନୋଜ ମିଶ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ପ୍ରମୋଶନାଲ ପାର୍ଟନର ପ୍ରଭୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଘଟିଥିବା ଏକ ଚାଞ୍ଚଲ୍ୟକର ପାର୍ସଲ ବୋମା ଘଟଣା ଆଜି ପର୍ଯ୍ୟନ୍ତ କାହା ମନରୁ ପାସୋରିଯାଇନାହିଁ। ସେହି ଚର୍ଚ୍ଚିତ ଘଟଣାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଯୋଜକ ମାର୍ଥା ଦୀର୍ଘ ୫ବର୍ଷ ହେଲା ପ୍ରୟାସ କରି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ମାଇଣ୍ଡ ଗେମ୍ ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନେତା ମନୋଜ ମିଶ୍ର ଅଭିନୟ କରିଛନ୍ତି। ସେହିପରି ବଲିଉଡ୍ ଓ ଟଲିଉଡ୍‌ର ଅତୁଲ କୁଲକର୍ନି, ଯଶପାଲ୍ ଶର୍ମା, ତନକିଲ୍ଲା ଭର୍ନି, ଅପ୍‌ସରା ରାଣୀ, ଓଲିଉଡ୍‌ର ଅନୁ ଚୌଧୁରୀ ଏବଂ ଚିନ୍ମୟ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ତେଲୁଗୁ ସିନେମାର ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ରାଜେଶ ଟଚରିଭର ଏହି ବ୍ୟୟବହୁଳ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି। କିଛି ମାସ ତଳେ ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହୋଇଥିଲା, ଯାହା ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଛି। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ରହିଛନ୍ତି।

# ଇରାନୀଙ୍କ ସ୍ୱାମୀଙ୍କୁ ରିମାଣ୍ଡରେ ଆଣିଲା ପୋଲିସ



**ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)**

ହନିଟ୍ରାପ୍ କୁଇନ୍ ଇରାନୀ ପାତ୍ରଙ୍କ ସ୍ୱାମୀ ନିଶାକାନ୍ତ ଓରଫ ବାପିଙ୍କୁ ମଙ୍ଗଳବାର ତମାଣ୍ଡୋ ପୋଲିସ ୨ଦିନିଆ ରିମାଣ୍ଡରେ ଆଣିଛି। ଏହି ମାମଲାରେ ବାପିଙ୍କୁ ପୋଲିସ ମାରାଥନ୍ ଜେରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ହନିଟ୍ରାପ୍ ମାୟାଜାଲରେ ଫସାଇ ବିପୁଳ ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲେ ବୋଲି ବାପି ପୋଲିସ ନିକଟରେ ମାନିଛନ୍ତି। ସେମାନେ ଏହି କାମ ନୂଆ କରି ଆରମ୍ଭ କରିଥିଲେ। ତେବେ ୪ଟି ମାମଲାରେ ପୋଲିସକୁ ଇରାନୀଙ୍କ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ମିଳିଛି। ବାପି ସବୁ ସତ ମାନିଯାଇଥିବା ବେଳେ ଇରାନୀଙ୍କୁ ଆଉ ରିମାଣ୍ଡରେ ଆଣିବା ଆବଶ୍ୟକତା ନାହିଁ ବୋଲି ପୋଲିସ ଭାବୁଛି। ଆବଶ୍ୟକ ହେଲେ ଇରାନୀଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇପାରେ। ଅପରପକ୍ଷରେ ଇରାନୀଙ୍କ ଠାରୁ ଜବତ ହୋଇଥିବା ଦୁଇଟି ମୋବାଇଲକୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇଥିଲା। ଏହାର ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ବାପିଙ୍କ ରିମାଣ୍ଡ ଅବଧି ଆଉ ଦିନଟିଏ ବାକି ରହିଥିବାରୁ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିବ। ପୋଲିସ ବୁଧବାର ସନ୍ଧ୍ୟାରେ ବାପିଙ୍କୁ କୋର୍ଟରେ ହାଜର କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜଣେ ଡାକ୍ତରଙ୍କୁ ହନିଟ୍ରାପ୍ କରି ଗୃହବନ୍ଦୀ କରିବା ପରେ ମାଡ଼ ମାରି ଲୁଟ୍ କରିବା ମାମଲାରେ ଇରାନୀଙ୍କ ସମେତ ସ୍ୱାମୀ ନିଶିକାନ୍ତ ଏବଂ ଅନ୍ୟ ୨ ସହଯୋଗୀ ସପ୍ତାହ ତଳେ ଗିରଫ ହୋଇଥିଲେ। ୨ଦିନ ତଳେ ଇରାନୀଙ୍କ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଦୀପ୍ତା



@ ଅନିଲ



@ ଶିବପ୍ରସାଦ



@ ଓମ୍



@ ସତ୍ୟନାରାୟଣ



@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଦଶହରା ଭସାଣି ପ୍ରସ୍ତୁତି ବୈଠକ

**କଟକ,୧୯।୯ (କାର୍ତ୍ତିକ ସାହୁ)**

ଚଳିତବର୍ଷ କଟକ ଦଶହରା ଭସାଣି ଶୋଭାଯାତ୍ରାରେ ଆସୁଥିବା ସମସ୍ତ ପୂଜା ମଣ୍ଡପର ମେଢ଼କୁ ଓଡ଼ିଶା ଉତ୍କଳ ବାହିନୀ ପକ୍ଷରୁ ଗୌରୀଶଙ୍କର ପାର୍କଠାରେ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶିଶୁଭବନ ସାଇବାବା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ଜେଠୀଙ୍କ ପାଇଁ ପ୍ରଥମେ ଶୋକ ପ୍ରାର୍ଥନା କରାଯାଇଥିଲା। ଆବାହକ ପୁଣ୍ୟଶ୍ଳୋକ ମହାନ୍ତିଙ୍କ ଆହ୍ୱାନକ୍ରମେ କାର୍ଯ୍ୟକାରିଣୀ ବୈଠକ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଞ୍ଜୀବ ମହାପାତ୍ରଙ୍କୁ ସଭାପତି, ସଞ୍ଜିବ ରାଜପୁତ୍ରଙ୍କୁ ଉପସଭାପତି, ବିଶ୍ୱନାଥ ଦାସଙ୍କୁ ସମ୍ପାଦକ, ନିଲମ ଦାସଙ୍କୁ ସହ ସମ୍ପାଦକ, ସୁଶାନ୍ତ ମହାନ୍ତିଙ୍କୁ କୋଷାଧ୍ୟକ୍ଷ, ଜ୍ଞାନରଞ୍ଜନ ଦାସଙ୍କୁ ସଂଯୋଜକ, ଦେବାଶିଷ ଦାସଙ୍କୁ ସହ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବୈକୁଣ୍ଠନାଥ ସେନାପତି, ରବୀନ୍ଦ୍ର ମହାରଣା, ସନ୍ତୋଷ ନାୟକ, ଦିଲ୍ଲୀପ ସେଠୀ, ମୁନ୍ନା ଦିବେଦୀ, ରଞ୍ଜନ ମହାରଣା, ଆକାଶ ମହାରଣା ପ୍ରମୁଖଙ୍କୁ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ଦିଆଯାଇଥିଲା। ଭସାଣି ଯାତ୍ରାରେ ଶାନ୍ତିଶୃଙ୍ଖଳାର ସହିତ ସବୁ ପୂଜା କମିଟିର ମୁରବୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯିବ ସହ ମା' ଦୁର୍ଗା ଓ ମହାଦେବଙ୍କ ନିମନ୍ତେ ମିଠା ହାଣ୍ଡି ଅର୍ପଣ କରାଯିବ। କଟକ ଦଶହରାକୁ ସୁଚାରୁ ରୂପେ ପରିଚାଳନା କରୁଥିବା ପୋଲିସ ପ୍ରଶାସନର ସମସ୍ତ ଅଧିକାରୀଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି ଆବାହକ ପୁଣ୍ୟଶ୍ଳୋକ ମହାନ୍ତି କହିଛନ୍ତି। ସଂଯୋଜକ ଜ୍ଞାନରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୯ମ ପ୍ରତିଷ୍ଠା ଦିବସ

**ମାଣିଆବନ୍ଧ, ୧୯।୯ (ଅଖିଳ କୁମାର ସାହୁ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ କିରିକିଚାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଅଚ୍ୟୁତାନନ୍ଦ ମହାଳିକ ପୌରୋହିତ୍ୟ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପଦ୍ମନାଭ ଶତପଥୀ, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଜଗସିଂ, ନିମନ୍ତ୍ରିତ ଅତିଥିଭାବେ ୩୦ନଂ. ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ସାହୁ, ସ୍ଥାନୀୟ ଜିଲା ପରିଷଦ ପ୍ରତିନିଧି ମଙ୍ଗୁଳି ସାହୁ, ସାମାଜିକ କର୍ମୀ ସୁଶାନ୍ତ ଜେନା, ସନ୍ତରାବାଳୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଛନ୍ତି। ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରି ଏହି ବିଦ୍ୟାଳୟର ଗୌରବ ବଢ଼ାଇବାକୁ ମୁଖ୍ୟ ଅତିଥି ମହାନ୍ତି ଆହ୍ୱାନ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ଶିକ୍ଷାବିତ ପ୍ରସନ୍ନ ଶତପଥୀ, ଘନଶ୍ୟାମ ମହାନ୍ତି ଏଥିରେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଇପ୍‌ସିତା ଚୌଧୁରୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ଅଜୟ କୁମାର ମହାରଣା ବେଦପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସେଠୀ, ମୋନାଲିସା ମହାପାତ୍ର, ସୁଜାତା ପଲେଇ, ନୟନୀ ରାଉତ, ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଖସୁନି ପାଣି, ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ନିରାକାରପୁର, ୧୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ହୀରାକୁଦର ୨୪ଟି ଗେଟ୍ ଖୋଲିବା ପରେ ମହାନଦୀ ଫୁଲୁଛି। ଏହାର ଶାଖା ନଦୀ ରାଜୁଆର ପଛୁଆଜଳ ଖୋର୍ଦ୍ଧା ବ୍ଲକର ଓରବରସିଂ ପଞ୍ଚାୟତରେ ପ୍ରବେଶ କରିବାରୁ ୧୦ଟି ଗ୍ରାମର ଚାଷଜମି ଜଳମଗ୍ନ ହୋଇଛି। ହିରିମୂଳ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ହିରିମୂଳ ରାସ୍ତାରେ ୫ଫୁଟ ଉଚ୍ଚର ପାଣି ଚାଲିଥିବା ବେଳେ ଚାଷଜମିରେ ୮ଫୁଟ ପାଣି ରହିଛି। ହିରିମୂଳ-ଡିହଖଳା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବନ୍ୟାଜଳରେ ସାପ, ହିଂସ୍ରଜନ୍ତୁ ଯାତାୟାତ କରୁଛନ୍ତି। ଫଳରେ ପ୍ରଶାସନ ପକ୍ଷରୁ ଡଙ୍ଗା ବ୍ୟବସ୍ଥା କରାଯାଇଛି। ତେବେ ଯାତାୟାତ ଲାଗି ପର୍ଯ୍ୟାପ୍ତ ହେଉ ନ ଥିବାରୁ ବାଧହୋଇ ଅଣ୍ଟାଏ ପାଣିରେ ପଶି ଯାତାୟାତ କରୁଛନ୍ତି ବିପନ୍ନ। ପାଣି ଟ୍ୟାଙ୍କର ଗାଁ ମୁଣ୍ଡକୁ ଆସିପାରୁନି। ଫଳରେ ପାଣିରେ ପଶି ଦୁଇ କିମି ଯାଇ ପିଇବା ପାଣି ପାଇଁ ସଂଘର୍ଷ କରୁଛନ୍ତି। ଏଥିଯୋଗୁ ବରିଷ୍ଠ ନାଗରିକ, ବୃଦ୍ଧାବୃଦ୍ଧ, ଗର୍ଭବତୀ, ଶିଶୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଖସୁ ନ ଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ମଙ୍ଗଳବାର ଶ୍ରୀଗଣେଶଙ୍କ ପୂଜା ଲାଗି ସବୁଠି ଉତ୍ସାହ ରହିଥିବା ବେଳେ ହିରିମୂଳରେ ନିରାଶଭାବ ରହିଥିଲା। ସେପଟେ ଚାଷୀ ଚାଷଜମିକୁ ଦେଖି ମୁଣ୍ଡରେ ହାତଦେଇ ବସିଛି। ଆଗକୁ କିପରି ପରିବାର ପ୍ରତିପୋଷଣ କରିବେ, ଚାଷ ପାଇଁ କରିଥିବା ଧାରକରଜ କିପରି ଶୁଝିବେ ସେଇ ଚିନ୍ତାରେ ଏବେ ଚାଷୀ ପଡ଼ିଛନ୍ତି। ବନ୍ୟାଜଳ ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର, ବଳପୁର, ଧବଳପୁର, ଓରମୀ, ଶରଧାପୁର ଆଦି ଗ୍ରାମବାସୀଙ୍କ ପାଇଁ ଦୁଃଖ ଆଣିଛି। ହିରିମୂଳ ଗ୍ରାମର ୩୫ ପରିବାରର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଅଧିବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସୋମବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ସ୍ଥିତି ନ ଟଳିବା ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡିଓ ସାହୁ କହିଛନ୍ତି। ପାଣି ବଢୁ ନ ଥିଲେ ମଧ୍ୟ ଗାଁ ଭିତରେ ପ୍ରାୟ ୩ ଫୁଟର ବନ୍ୟାଜଳ ଲହଡ଼ି ମାରୁଛି। ଗ୍ରାମବାସୀ ଭୟଭୀତ ନ ହେବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ ରାଟସିଂ, ସରପଞ୍ଚ ସାଗରିକା ରାଟସିଂ, ସମିତିସଭ୍ୟ ଦିନେଶ ପାଇକରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନଞ୍ଜୟ ଛୋଟରାୟ, ୱାର୍ଡସଭ୍ୟ ରଘୁନାଥ ବଳିୟାରସିଂ ପ୍ରମୁଖ ଉପସ୍ଥିତ ରହି ବିପନ୍ନଙ୍କୁ ସାହାଯ୍ୟ କରିଥିଲେ। ହିରିମୂଳ ଗ୍ରାମର ଜଣେ ବୃଦ୍ଧା କୁହନ୍ତି, ବୋହୂ ହୋଇ ଆସିବା ଦିନଠାରୁ ଏହି ସମସ୍ୟା ଲାଗି ରହିଛି। ଗୋରୁଗାଈ ଚରିବୁଲି ଯାଇପାରୁନାହାନ୍ତି। ଗୁହାଳେ ପାଣି ପଶିଛି। ଗୋରୁଙ୍କୁ କେଉଁଠିକି ନେବୁ ବୋଲି ସେ କହିଛନ୍ତି। ସେହିପରି କେତେଜଣ ଗ୍ରାମବାସୀ କହିଛନ୍ତି, ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ।


ଚାଷଜମିରେ ଜମିରହିଥିବା ବନ୍ୟାଜଳ।

## ସଂକ୍ଷେପରେ

### ଆନ୍ଦୋଳନରେ ସାମିଲ ହେବେ ବୋଲଗଡ଼ ଅଙ୍ଗନୱାଡି କର୍ମୀ, ସହାୟିକା

ବୋଲଗଡ଼,୧୯।୯(ଦେବବ୍ରତ ହୋତା)

ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ୧୦ ଦଫା ଦାବି ହାସଲ ପାଇଁ ଭାରତୀୟ ମଜଦୁର ସଂଘ ପକ୍ଷରୁ ଆୟୋଜିତ ଆନ୍ଦୋଳନରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଯୋଗଦାନ କରିବାକୁ ଥିବା ବେଳେ ଏହାର ବୋଲଗଡ଼ ଶାଖା ସଦସ୍ୟମାନେ ଏଥିରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବୋଲଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ଅନ୍ତର୍ଗତ ୧୯ ପଞ୍ଚାୟତ ଅଧୀନ ୧୦ଟି ସେକ୍ଟରର ୨୨୫ ଅଙ୍ଗନୱାଡି ଓ ୩ଟି ମିନି ଅଙ୍ଗନୱାଡି କେନ୍ଦ୍ରର ୪୫୪ କର୍ମୀ ଏବଂ ସହାୟିକା ଆନ୍ଦୋଳନରେ ସାମିଲ ହେବା ପାଇଁ ଉକ୍ତ ଦିନ ସଂଘ ମାଧ୍ୟମରେ ସମୂହ ଛୁଟି ଆବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବୋଲଗଡ଼ ଶାଖା ସଭାନେତ୍ରୀ ମେରିଆ ବେଗମ ଓ ସମ୍ପାଦିକା ନମିତା ପ୍ରଧାନ ବୋଲଗଡ଼ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କ୍ରିଷ୍ଣା ପ୍ରିୟା ପ୍ରଧାନଙ୍କୁ ଅବଗତ କରାଇଛନ୍ତି। ସିଡିପିଓ କହିଛନ୍ତି, ଶୁକ୍ରବାର ଆନ୍ଦୋଳନରେ ସାମିଲ ହେବା ପାଇଁ ଯିବେ ବୋଲି ଦରଖାସ୍ତ ଦେଇଛନ୍ତି। ତେଣୁ ଉକ୍ତ ଦିନ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ।

### ରେଳଧାରଣାରେ ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ

ବାରଙ୍ଗ,୧୯।୯(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନ ପଦାସାହି ଗାଁମୁଣ୍ଡ ରେଳ ଧାରଣାରେ ମଙ୍ଗଳବାର ରାତିରେ ଜଣେ ବୃଦ୍ଧା ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଛନ୍ତି। ବୃଦ୍ଧା ଜଣକ ହେଉଛନ୍ତି କଟକ ରାଣୀହାଟ ଗଉଡ଼ସାହିର ଅଞ୍ଜନା କର। କୋରିୟର ସଂସ୍ଥାରେ କାର୍ଯ୍ୟ କରୁଥିବା ତାଙ୍କ ପୁଅ ସରୋଜଙ୍କ ସହିତ ସେ କେନ୍ଦୁପାଟଣାରେ ଭଡ଼ା ଘରେ ରହୁଥିଲେ। ୩ ଦିନ ତଳେ ରାଶନ ଆଣିବାକୁ କଟକ ଯାଇ ସେଠାରେ ସ୍ୱାମୀଙ୍କ ସହ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବସ୍‌ରେ ପୁଅ ପାଖକୁ ଯାଇଥିଲେ। ସେଠାରୁ ଫେରି ରେଳଧାରଣାକୁ ଆସିଥିବା ଉଦ୍ଧାର କରିଥିବା ଲୋକ କହିଛନ୍ତି। ଏହାପରେ ସ୍ଥାନୀୟ ଲୋକେ ବୃଦ୍ଧାଙ୍କୁ ନନ୍ଦନକାନନ ପୋଲିସକୁ ହସ୍ତାନ୍ତର କରିଥିଲେ।

### ପୋଖରୀରେ ବୁଡ଼ି ମହିଳା ମୃତ

ବାରଙ୍ଗ,୧୯।୯(ଲିଙ୍ଗରାଜ ରାଉତ)

ପୋଖରୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମ ପଞ୍ଚାୟତର ବୃତଙ୍ଗ ଆଦିବାସୀ ସାହିର ଗୋବିନ୍ଦ ହେମ୍ବ୍ରମଙ୍କ ସ୍ତ୍ରୀ ସୁମୀ(୫୭)। ସୁମୀ ଗାଁ ନିକଟ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଚନ୍ଦକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଏନେଇ ୫୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଇରାନୀଙ୍କ ସ୍ୱାମୀଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

**ହନିଟ୍ରାପ୍ ମାମଲା**

ହନିଟ୍ରାପ୍ କୁଇନ୍ ଇରାନୀ ପାତ୍ରଙ୍କ ସ୍ୱାମୀ ନିଶାକାନ୍ତ ଓରଫ ବାପିଙ୍କୁ ମଙ୍ଗଳବାର ତମାଣ୍ଡୋ ପୋଲିସ ୨ଦିନିଆ ରିମାଣ୍ଡରେ ଆଣିଛି। ଏହି ମାମଲାରେ ବାପିଙ୍କୁ ପୋଲିସ ମାରାଥନ୍ ଜେରା କରି ବହୁ ତଥ୍ୟ ପାଇଥିବା ସୂଚନା ମିଳିଛି। ହନିଟ୍ରାପ୍ ମାୟାଜାଲରେ ଫସାଇ ବିପୁଳ ଟଙ୍କା ରୋଜଗାର କରିବାକୁ ଲକ୍ଷ୍ୟ ରଖିଥିଲେ ବୋଲି ବାପି ପୋଲିସ ନିକଟରେ ମାନିଛନ୍ତି। ସେମାନେ ଏହି କାମ ନୂଆ କରି ଆରମ୍ଭ କରିଥିଲେ। ତେବେ ୪ଟି ମାମଲାରେ ପୋଲିସକୁ ଇରାନୀଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ମିଳିଛି। ବାପି ସବୁ ସତ ମାନିଯାଇଥିବା ବେଳେ ଇରାନୀଙ୍କୁ ଆଉ ରିମାଣ୍ଡରେ ଆଣିବା ଆବଶ୍ୟକତା ନାହିଁ ବୋଲି ପୋଲିସ ଭାବୁଛି। ଆବଶ୍ୟକ ହେଲେ ଇରାନୀଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇପାରେ। ଅପରପକ୍ଷରେ ଇରାନୀଙ୍କ ଠାରୁ ଜବତ ହୋଇଥିବା ଦୁଇଟି ମୋବାଇଲକୁ ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇଥିଲା। ଏହାର ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ବାପିଙ୍କ ରିମାଣ୍ଡ ଅବଧି ଆଉ ଦିନଟିଏ ବାକି ରହିଥିବାରୁ ପୋଲିସ ତାଙ୍କୁ ଅଧିକ ପଚରାଉଚରା କରିବ। ପୋଲିସ ବୁଧବାର ସନ୍ଧ୍ୟାରେ ବାପିଙ୍କୁ କୋର୍ଟରେ ହାଜର କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଜଣେ ଡାକ୍ତରଙ୍କୁ ହନିଟ୍ରାପ୍ କରି ଗୃହବନ୍ଦୀ କରିବା ପରେ ମାଡ଼ ମାରି ଲୁଟ୍ କରିବା ମାମଲାରେ ଇରାନୀଙ୍କ ସମେତ ସ୍ୱାମୀ ନିଶିକାନ୍ତ ଏବଂ ଅନ୍ୟ ୨ ସହଯୋଗୀ ସପ୍ତାହ ତଳେ ଗିରଫ ହୋଇଥିଲେ। ୨ଦିନ ତଳେ ଇରାନୀଙ୍କ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିଲା।


ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଉଛି।

## ୨ ଲୁଟେରାଙ୍କୁ କାବୁକରି ନିସ୍ତୁକ ପିଟିଲେ ଲୋକେ

ଭୁବନେଶ୍ୱର,୧୯।୯ ସୂର୍ଯ୍ୟକାନ୍ତ ବେହେରା)

ଜନଗହଳିପୂର୍ଣ୍ଣ ସ୍ଥାନରୁ ଲୁଟ୍ କରିବା ୨ ଅଭିଯୁକ୍ତଙ୍କୁ ମହଙ୍ଗା ପଡ଼ିଛି। ଲୁଟ୍‌କରି ଫେରାର ହୋଇଯାଉ ଥିବାବେଳେ ୨ ଅଭିଯୁକ୍ତଙ୍କୁ କାବୁକରି ଲୋକେ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ବଡ଼ଗଡ଼ ଥାନା ଅନ୍ତର୍ଗତ କଳ୍ପନା ଛକରେ ଏଭଳି ଘଟଣା ଘଟିଛି। ଅଭିଯୁକ୍ତଦ୍ୱୟ ହେଲେ ସାଲିଆସାହିରେ ରହୁଥିବା ନୟାଗଡ଼ର ଅଜୟ କୁମାର ସେଠୀ ଓ ବିକାଶ କୁମାର ସେଠୀ। ସେମାନଙ୍କଠାରୁ ୩ଟି ମୋବାଇଲ ଓ ଚୋରିରେ ବ୍ୟବହୃତ ମୋଟରସାଇକେଲ ଜବତ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବିକାଶଙ୍କ ନାମରେ ଖଣ୍ଡଗିରି ଥାନାରେ ଗୋଟିଏ ଛିନ୍ତାଇ ମାମଲା ରହିଥିବା ବେଳେ ନୟାଗଡ଼ର ଇଟାମାଟି ଥାନାରେ ଏକ ଅସ୍ତ୍ରଶସ୍ତ୍ର ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବିଶ୍ୱନାଥ ମିଶ୍ରଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର,୧୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ବିଶ୍ୱନାଥ ମିଶ୍ରଙ୍କ ୯୦ତମ ଶ୍ରାଦ୍ଧଦିବସ ମଙ୍ଗଳବାର ରାଜଭବନ ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିବାବେଳେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରବୀର ମହାନ୍ତି, ପ୍ରଦ୍ୟୁମ୍ନ ଶତପଥୀ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ନରେନ ସାହୁ ଯୋଗଦେଇ ସ୍ୱର୍ଗତ ବିଶ୍ୱନାଥଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

## ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା)

**୧୫ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଗଲା**

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ମଙ୍ଗଳବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ୪ରୁ ଅଧିକ ଦୋକାନରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଜୋତା, ତକିଆ ଓ ବେଡ୍‌ଶିଟ୍ ଆଦି ଦୋକାନରେ ନିଆଁ ଲାଗିଥିବା ଜଣାପଡ଼ିଛି। ପାର୍ବଣରତୁ ଆରମ୍ଭ ହୋଇଯାଇଥିବାରୁ ଦୋକାନୀମାନେ ଲକ୍ଷାଧିକ ଟଙ୍କାର ଜିନିଷ ଆଣିଥିଲେ। ତେବେ ବିକ୍ରି କରିବା ପୂର୍ବରୁ ସବୁ ପୋଡ଼ି ନଷ୍ଟ ହୋଇଯାଇଥିବାରୁ ଦୋକାନୀମାନେ ପ୍ରଶାସନକୁ ସହାୟତା ପ୍ରଦାନ ପାଇଁ ନିବେଦନ କରିଛନ୍ତି।

## ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଘାଟିତ

ନିରାକାରପୁର,୧୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଗଣେଶ ପୂଜା ଉପଲକ୍ଷେ ଜଙ୍କିଆ ପଞ୍ଚାୟତରେ ଥିବା ଓଁଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆରେ ଅଙ୍ଗଳବାର ଦ୍ୱାଦଶତମ 'ଜଙ୍କିଆ ପଲ୍ଲୀ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ମୁଖ୍ୟ ବକ୍ତା ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସାମାଜିକ କର୍ମୀ ଫାରୁକ ମହମ୍ମଦ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ମାର୍ଥା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ଅତିଥିମାନେ ପୂଜା କମିଟିର ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନୂତନ ଗୃହକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କମଳେଶ ମହାରଣା ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସମାଜସେବୀ ବିଶ୍ୱଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଇ ଡ୍ୟାନ୍ସ ଗ୍ରୁପ୍ ନିରାକାରପୁର, କୁହୁଡ଼ିର ପାଇକ ଆଖଡ଼ା, ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପାଇକ ଆଖଡ଼ାରେ ଦର୍ଶକ ବିଭୋର ହୋଇପଡ଼ିଥିଲେ। ଡ୍ରାଗନ୍ ଟ୍ରେନ୍, ରାମଦୋଳି, ମୀନାବଜାର, ଖାଦ୍ୟଷ୍ଟଲ୍‌ରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା।


ଜଙ୍କିଆ ପଲ୍ଲୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁଦୀପ୍ତ


@ ଅନିଲ


@ ଶିବପ୍ରସାଦ


@ ଓମ୍


@ ସତ୍ୟନାରାୟଣ


@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଏକତରଫା ପ୍ରେମକରି ଯୁବକ ଗିରଫ

ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ)

ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ଏକତରଫା ପ୍ରେମକରି ବିଫଳ ହେବାରୁ ସମ୍ପୃକ୍ତ ଯୁବତୀଙ୍କୁ ବିଭିନ୍ନ ସ୍ଥାନରେ ହଇରାଣ କରିବା ସହ ବଳାତ୍କାର ଉଦ୍ୟମ କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଯଦୁନଗର ଅଞ୍ଚଳର ସ୍ୱୟଂପ୍ରକାଶ ଦିଗ୍‌ଦର୍ଶୀ (୩୦)। ସୂଚନା ମୁତାବକ, ସ୍ୱୟଂପ୍ରକାଶ ହଇରାଣ କରୁଥିବା ନେଇ ଯୁବତୀ ଜଣଙ୍କ ଗତ ଜୁନ୍ ୨୨ରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପରେ ଉଭୟ ପକ୍ଷର ସହମତିରେ ସମାଧାନ ହୋଇଥିଲା। ଗତମାସ ୬ ତାରିଖରେ ଯୁବତୀ ଜଣଙ୍କ ଟ୍ୟୁଶନରୁ ଫେରୁଥିବାବେଳେ ସ୍ୱୟଂପ୍ରକାଶ ତାଙ୍କୁ ଅଟକାଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ସେଠାରୁ ଯୁବତୀ ଜଣଙ୍କ ଖସିଯିବାରୁ ସ୍ୱୟଂପ୍ରକାଶ ତାଙ୍କୁ ଫୋନ୍‌ରେ ହତ୍ୟା ଧମକ ଦେଇଥିଲେ। ଏଥିସହ ତାଙ୍କୁ ବିବାହ କରାଇଦେବେନି ବୋଲି ଧମକ ଦେଇଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୫୪୧/୨୩) ରୁଜୁକରି ତଦନ୍ତ ଚଳାଇ ଥିଲା। ମଙ୍ଗଳବାର ଅଭିଯୁକ୍ତ ସ୍ୱୟଂପ୍ରକାଶଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ତାରିକ ଅହମ୍ମଦ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୯।୨୦୨୩

| | |
|---|---|
| ୪,୬୧,୦୦୯ ଟଙ୍କା | |
| ସୁନା | ୪୫୦ ମିଲିଗ୍ରାମ୍ |
| ରୁପା | -- |

# ଛାତ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ

ପୁରୀ ୧୯।୯( ଅଜିତ୍ ମହାନ୍ତି)

ପୁରୀରେ ଗଣେଶ ପୂଜାରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଯୁବକଙ୍କ ଆକ୍ରମଣରେ ଜଣେ ଛାତ୍ର ଆହତ ହୋଇଛନ୍ତି। ପୋଲିସ ଉଭୟ ଗୋଷ୍ଠୀର ୭ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ମଙ୍ଗଳବାର ଅପରାହ୍ନରେ ସାମନ୍ତ ଚନ୍ଦ୍ରଶେଖର କଲେଜର ୭ଜଣ ଛାତ୍ର କଲେଜ ମୁଖ୍ୟଫାଟକ ଅପରପାର୍ଶ୍ୱରେ ଥିବା ଏକ ବରଗଛ ନିକଟରେ ବସିଥିଲେ। ଏହି ସମୟରେ ତିନିଜଣ ଯୁବକ ସମୁଦ୍ରକୂଳ ପାର୍ଶ୍ୱରୁ ସେହି ରାସ୍ତାରେ ବାଇକ ଯୋଗେ ଯାଉଥିବାବେଳେ ଛାତ୍ରମାନଙ୍କ ମଧ୍ୟରୁ କେହି ଜଣେ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଉଭୟ ଗୋଷ୍ଠୀର ସଦସ୍ୟମାନେ ନିକଟରେ ଥିବା କ୍ୟାବିନରୁ ବାଉଁଶ ଏବଂ କାଠବାଡ଼ି ଆଣି ପରସ୍ପରକୁ ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଜଣେ ଯୁବକ ବାସୁଦେବ ଷଡ଼ଙ୍ଗୀଙ୍କୁ ଭଙ୍ଗା କଇଁଚିରେ ଆକ୍ରମଣ କରିଥିଲେ। ବାସୁଦେବଙ୍କ ପେଟରେ ଆଘାତ ଲାଗିଥିଲା। ପୋଲିସ ପାଟ୍ରୋଲିଂ ଗାଡ଼ି ସେଠାରେ ପହଞ୍ଚି ଆହତ ବାସୁଦେବଙ୍କୁ ଉଦ୍ଧାର କରିଥିଲା। ପିସିଆର ଭ୍ୟାନରେ ଥିବା ପୋଲିସ ଘଟଣାସ୍ଥଳରୁ ଦୁଇଜଣଙ୍କୁ କାବୁ କରିବା ସହ କଇଁଚିରେ ଆକ୍ରମଣ କରିଥିବା ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ନିକଟସ୍ଥ ବିଏସ୍ଏନ୍ଏଲ କାର୍ଯ୍ୟାଳୟ ପାଖରୁ ଧରିଥିଲା। ଅପରପକ୍ଷରେ ଖବରପାଇ ସିଟିଡିଏସ୍ପି ଏବଂ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ପୋଲିସ ଉଭୟ ଗୋଷ୍ଠୀର ୭ ଜଣଙ୍କୁ ଅଟକ ରଖିବା ସହ ଭଙ୍ଗା କଇଁଚି, ୩ଟି ମୋଟର ସାଇକେଲ ଜବତ କରି ତଦନ୍ତ ଜାରି ରଖିଛି ବୋଲି ସିଟି ଡିଏସ୍ପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଛାତ୍ର-ଯୁବକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ






ପଶ୍ଚିମଓଡ଼ିଶାର ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ଅକ୍ଟୋବର ୨୪ରୁ ୨୮ ମା' କୁଞ୍ଜେଶ୍ୱରୀ ଶାରଦୀୟ ମହୋତ୍ସବ

କଣାସ,୧୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ୧୮ତମ ଶାରଦୀୟ ମହୋତ୍ସବ ପାଇଁ ସୋମବାର କଣାସ ବଡ଼ମଠ ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାରଦୀୟ ମହୋତ୍ସବ ସଭାପତି ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୁକାନ୍ତ କିଶୋର ସାମନ୍ତରାୟ ପୂର୍ବ ଶାରଦୀୟ ମହୋତ୍ସବର ଆୟ, ବ୍ୟୟ ହିସାବ ପ୍ରଦାନ କରିଥିଲେ। ଚଳିତବର୍ଷ ଶାରଦୀୟ ମହୋତ୍ସବ ଅକ୍ଟୋବର ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଆୟୋଜିତ ହେବ। ମହୋତ୍ସବ କିପରି ସରସ, ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ହେବ ସେଥିପାଇଁ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟଯୋଷୀ, ନାରୀନେତ୍ରୀ ଶାନ୍ତିଲତା ସାହୁ, ବାଳକୃଷ୍ଣ ଶାହା, ବୃନ୍ଦାବନ ପଟ୍ଟନାୟକ, ରୋହିତ ସୁନ୍ଦରାୟ, ଦେବଦତ୍ତ ପରିଡ଼ା, ଶିକ୍ଷାବିତ୍ ଅକ୍ଷୟ ରାୟସିଂ, ନିରଞ୍ଜନ ପଶ୍ଚିମ କବାଟ, ଫକୀର ମୋହନ ଜାଲି, ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସର୍ବେଶ୍ୱର ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ନୀତି

ପୁରୀ,୧୯।୯( ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ମଙ୍ଗଳବାର ଶ୍ରୀଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଶ୍ରୀମନ୍ଦିର ଭିତର ବେଢ଼ା ପରିସରରେ ଥିବା ବଟ ଗଣେଶଙ୍କ ନିକଟରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଦେବୀ ସରସ୍ୱତୀ ଏବଂ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବେହେରଣ କରଣଙ୍କ ମାଦଳା ପାଞ୍ଜିକୁ ଭଦ୍ରାସନ ଉପରେ ବିଜେ କରାଯାଇ ପଟନି ଓ ପୁଷ୍ପମାଲ୍ୟ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ବେହେରଣ କରଣଙ୍କ ଦ୍ୱାରା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା।

### ଆଜି ମହାଲକ୍ଷ୍ମୀ ପାଳିବେ ଋଷି ପଞ୍ଚମୀ ବ୍ରତ

ପୁରୀ,୧୯।୯(ଅଜିତ୍ ମହାନ୍ତି)

ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ବୁଧବାର ଅବସରରେ ଋଷି ପଞ୍ଚମୀ ନୀତି ଅନୁଷ୍ଠିତ ହେବ। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷି ପଞ୍ଚମୀ ବ୍ରତ ପାଳନ କରିବେ। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତ ପାହାଚଠାରେ ଥିବା ପାଲିଙ୍କିରେ ବିଜେ ହୋଇ ବିମାନବଡୁ ସେବାୟତଙ୍କ ସହ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀ ମାର୍କଣ୍ଡ ମନ୍ଦିର ଅଭିମୁଖେ ଯାତ୍ରା କରିବେ। ଠାକୁରାଣୀ ମାର୍କଣ୍ଡେୟ ମନ୍ଦିରରେ ପହଞ୍ଚିବା ପରେ ଭିତର ଗମ୍ଭୀରାରେ ବିଜେ କରିବେ। ସେଠାରେ ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷି ପଞ୍ଚମୀ ବ୍ରତ କଥା ପାଠ କରିବେ। ଏହାପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ହେବ। ନୀତି ସମ୍ପନ୍ନ ହେବାପରେ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

### ଆକ୍ରମଣ କରି ଯୁବକ ଗିରଫ

ପୁରୀ,୧୯।୯( ଅଜିତ୍ ମହାନ୍ତି):

ଗତ ୧୬ ତାରିଖ ରାତିରେ ତାରିଣୀ ବସ୍ତିର ବୈକୁଣ୍ଠ ନାୟକଙ୍କୁ ଆକ୍ରମଣ ଏବଂ ଅଜୟ ଦାସଙ୍କୁ ଗାଳିଗୁଲଜ କରିବା ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ରାକା ଓରଫ ରାଜେଶ ମହାରଣାକୁ (୨୪)। ତାଙ୍କଠାରୁ ଗୋଟିଏ ଖଣ୍ଡା, ୪ଟି ବୋମା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୩୬/୨୩) ରୁଜୁ ହୋଇଛି। ରାକା ବସ୍ତି ଲୋକଙ୍କୁ ଭୟଭୀତ କରିବା ପାଇଁ ବୋମା ବିସ୍ଫୋରଣ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା ।

## ବିଧାୟକଙ୍କ ଶ୍ରୀଗୁଣ୍ଡିଚା ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡ଼ା,୧୯।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକଠାରେ ଥିବା ଏକାନ୍ତ ଆଶ୍ରମ ପରିସରରେ ଏକ ନୂତନ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମାଣ ନିମନ୍ତେ ବିଧାୟକ ସମୀର ରଞ୍ଜନ ଦାଶ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭାବେ ମନ୍ଦିର ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁଚରଣ ବେହେରା, ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, ସାମାଜିକ କର୍ମୀ ସଞ୍ଜୟ ନାୟକ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବ୍ୟବସାୟୀ ସଂଘ ସଭାପତି ମହେନ୍ଦ୍ର ନାୟକ, ରମାରବଣଦେବ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମନ୍ଦିର କମିଟି ଆୟୋଜକ କହିଛନ୍ତି। ସମାରୋହରେ ବହୁ ଜଗନ୍ନାଥ ପ୍ରେମୀ, ଧର୍ମପରାୟଣ ବ୍ୟକ୍ତି, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଦାଶ ଚାରିଛକ ଅଞ୍ଚଳରେ ପ୍ରଭୁ ଶ୍ରୀଗଣେଶଙ୍କ ବିଭିନ୍ନ ପୂଜା ମଣ୍ଡପ ବୁଲି ଦେଖିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ବିଧାୟକ ସମୀର ରଞ୍ଜନ ଦାଶ ଓ ଅତିଥି ବୃନ୍ଦ।

## ୨ ଲକ୍ଷ ୬୦ ହଜାର ଟଙ୍କାର ବ୍ରାଉନସୁଗାର ଜବତ: ବ୍ୟବସାୟୀ ଗିରଫ

ନିମାପଡ଼ା,୧୯।୯(ବିଚିତ୍ରାନନ୍ଦ ସାହୁ)

ଚାରିଛକ ଥାନା ପୋଲିସ ସୋମବାର ରାତିରେ ଥାନା ନିକଟ ମେଡିକାଲ ଛକଠାରେ ଅଚାନକ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ତୁଳସୀପୁର ପଞ୍ଚାୟତର ଛବାଟିଆ ଗ୍ରାମର ଅଶୋକ ଦାସ। ପୋଲିସ ବ୍ୟବସାୟୀଙ୍କଠାରୁ ୨୬ ଗ୍ରାମ ୬୦ ମିଲି ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ପୋଲିସ କହିଛନ୍ତି। ଏଥିସହ ଏକ ବାଇକ୍(ଓଡ଼ି୦୪ଏଫ୍୧୮୨୯) ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଏନେଇ ଏନ୍‌ଡିପିଏସ୍ ଦଫାରେ ୯୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଲ୍ଲେଖ୍ୟଯୋଗ୍ୟ, ଗିରଫ ବ୍ୟବସାୟୀ ପଞ୍ଚାୟତର କଣ୍ଟ୍ରୋଲ ଡିଲର। ପୁରୀ ଏସ୍‌ପି ଡ. କନୱାର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେଏହି ଚଢ଼ାଉ କରାଯାଇଥିଲା। ଏଥିରେ ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ସଦଳବଳ ସାମିଲ ହୋଇଥିଲେ।

## ବକ୍ସିଂରେ ଡେଲାଙ୍ଗଙ୍କୁ ୪ ପଦକ

ଡେଲାଙ୍ଗ,୧୯।୯(ରଶ୍ମିରଞ୍ଜନ ପ୍ରଧାନ)

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବକ୍ସିଂ ଚାମ୍ପିୟନଶିପ୍‌ରେ ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀଛାତ୍ର ୪ ପଦକ ହାସଲ କରିଛନ୍ତି। ଗତ ୧୬, ୧୭ ଓ ୧୮ ତାରିଖରେ ପୁରୀ ଜିଲା ଇଣ୍ଡୋର ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଜିମ୍ନାଷ୍ଟିକ୍, ରେସଲିଂ ଓ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ନଟବର ସେଠୀଙ୍କ ତତ୍ତ୍ୱାବଧାନରେ ୭ ଜଣ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବକ୍ସିଂରେ ଗାୟତ୍ରୀ ପରିଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ସୋନାଲିକା ବରାଳ, ଅଙ୍କିତା ଭୋଇ, ରୁଦ୍ର ମହାରଣା ପ୍ରମୁଖ ରୌପ୍ୟ ପଦକ ହାସଲ କରିଥିଲେ। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ, ବ୍ଲକ ଶିକ୍ଷାଧିକାରୀ ବିନୋଦ ପରମାଣିକ୍, ପ୍ରଭାତ କ୍ଲବ ସମ୍ପାଦକ ପଦ୍ମନାଭ ବରାଳ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ବିଶ୍ୱାଳ, ବ୍ଲକ କ୍ରୀଡ଼ା ସମ୍ପାଦକ ସୂର୍ଯ୍ୟନାରାୟଣ ଜେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୋଇ, ଅଭିଭାବକ ସୌଭାଗ୍ୟ ରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ପ୍ରଭାତ ଜେନା, ବକ୍ସିଂ କ୍ରୀଡ଼ା ସଂଘ ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଖେଳାଳିଙ୍କୁ ଆଶିଷ ପ୍ରଦାନ କରିଥିଲେ।



ପୁରୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଦୀପ୍ତ



@ ଅନିଲ



@ ଶିବପ୍ରସାଦ



@ ଓମ୍



@ ସତ୍ୟନାରାୟଣ



@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଗାଁ ଦାଣ୍ଡରେ ବନ୍ୟାଜଳ ସ୍ରୋତ

କଣାସ,୧୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ପ୍ରବାହିତ ଦୟା, ମକରା, ରାଜୁଆ, କାଣିଆ, ଲୁଣାନଦୀରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଇ ଦୋକନ୍ଦା, ବଡ଼ାସ, କଦଳିଦଣ୍ଡା, ବାଲିପାଟଣା, ବୈଦ୍ୟନାଥପାଟଣା ଗାଁ ଦାଣ୍ଡରେ ବନ୍ୟାଜଳର ସ୍ରୋତ ବଢ଼ିବାରେ ଲାଗିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମିମି ଥିବାବେଳେ ମଙ୍ଗଳବାର ଅପରାହ୍ନରେ ୫.୦୦ମିମି ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାପଡିଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡ଼ବଳଭଦ୍ରପୁର, ସବଳଙ୍ଗ ଗ୍ରାମ ଜମିରେ ୧୦ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ବନ୍ଧବାଡ଼ର ସୁରକ୍ଷା ପାଇଁ କଣାସ ଜଳସେଚନ ବିଭାଗ ପକ୍ଷରୁ କର୍ମଚାରୀ ବନ୍ଧରେ ପ୍ରହରା ଦେଉଥିବାବେଳେ ବିଭିନ୍ନ ସ୍ଥାନରେ ବାଲିବସ୍ତା, ବହଳା ଗଛିତ ରଖିଥିବା କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କହିଛନ୍ତି। କିନ୍ତୁ ଖୋର୍ଦ୍ଧା ଜଳସେଚନ ବିଭାଗ ପକ୍ଷରୁ ବନ୍ଧବାଡ଼ର ସୁରକ୍ଷା ଦିଗରେ କୌଣସି ଦୃଷ୍ଟି ଦିଆଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଗତ ବନ୍ୟାରେ ଖୋର୍ଦ୍ଧା ଜଳସେଚନ ବିଭାଗର ଅବହେଳା ଯୋଗୁ ମକରା, ଦୟା ଓ ରାଜୁଆ ନଦୀର ଡ଼ାହାଣ ପାର୍ଶ୍ୱ ବନ୍ଧ ବିଭିନ୍ନ ସ୍ଥାନରେ ଭାଙ୍ଗିଥିଲା। ଫଳରେ ହଜାର ହଜାର ଲୋକ ବନ୍ୟା ଘେରରେ ରହି ଛଟପଟ ହେଉଥିଲେ। ତୁରନ୍ତ ଖୋର୍ଦ୍ଧା ଜଳସେଚନ ବିଭାଗ ପକ୍ଷରୁ ବନ୍ଧବାଡ଼ର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।



# ଶ୍ରୀକ୍ଷେତ୍ରରେ ବିଘ୍ନବିନାଶନ ଗଣପତିଙ୍କ ଆରାଧନା

ପୁରୀ, ୧୯।୯( ଅଜିତ୍ ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ମଙ୍ଗଳବାର ପୁରୀ ସହରର ବିଭିନ୍ନ ବିଦ୍ୟାଳୟ ସହ ଅନୁଷ୍ଠାନ, ସମିତି, କ୍ଲବଗୁଡ଼ିକରେ ଅଗ୍ରପୂଜ୍ୟ ବିଘ୍ନବିନାଶନ ଶ୍ରୀଗଣେଶଙ୍କ ପୂଜନଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଗଜାନନଙ୍କ ପୂଜନ ଉପଲକ୍ଷେ ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା ଏହି ପରିପେକ୍ଷୀରେ ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରୀଶ୍ରୀ ଗଜାନନଙ୍କ ପୂଜା ପାରମ୍ପରିକ ରୀତିରେ ପାଳିତ ହୋଇଛି । ପୂଜା ମଣ୍ଡପକୁ ଅତି ସୁନ୍ଦର ଭାବେ ପୁଷ୍ପପତ୍ର , ରଙ୍ଗୀନ କାଗଜ ଓ ଆଲୋକମାଳାରେ ସଜାଯାଇଥିଲା। ଛାତ୍ରୀଛାତ୍ରମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଶ୍ରଦ୍ଧା ଓ ଭକ୍ତି ସହକାରେ ପୂଜା ଅର୍ଚ୍ଚନା କରିଥିଲେ। ଚିତ୍ରକର ସାହି ସ୍ଥିତ ସରସ୍ୱତୀ ଜ୍ଞାନ ମନ୍ଦିର + ୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଭକ୍ତି ଭାବାବେଗ ପରିବେଶରେ ଅଗ୍ରପୂଜ୍ୟ ବିଘ୍ନ ବିନାଶନ ଗଣେଶ ଭଗବାନଙ୍କ ପୂଜନ ଉତ୍ସବ ପାଳିତ ହୋଇଛି । ସେହିପରି ପୁରୀ ଦଣ୍ଡତୋଟାସ୍ଥିତ ଉତ୍କଳ ବଚପନ୍ ସ୍କୁଲ, ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନବକଳେବର ରୋଡ ସଂଲଗ୍ନ ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିର, ଆଚାର୍ଯ୍ୟ ହରିହର ବିଦ୍ୟାନିକେତନ, ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନ, ମିଶ୍ର ସାହିସ୍ଥିତ ରୋଜାଲିନ ଷ୍ଟଡି କେୟାର, ବିଶ୍ୱମ୍ଭର ବିଦ୍ୟାପୀଠ, ଜିଲା ସ୍କୁଲ, ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ , ଭୋଳାନାଥ ବିଦ୍ୟାପୀଠ ସମେତ ସହରର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଘ୍ନବିନାଶନ ଗଜାନନଙ୍କ ପୂଜୋତ୍ସବ ପାଳିତ ହୋଇଛି।

# ବଡ଼ଗଡ଼ ଗଣେଶ ମହୋତ୍ସବ ଉଦ୍‌ଘାଟିତ


ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିମାନେ।

**ପୁରୁଣା ଭୁବନେଶ୍ୱର,୧୯।୯**
**(ସୁବାସ ଚନ୍ଦ୍ର ପ୍ରଧାନ)**

ଗଣେଶ ଚତୁର୍ଥୀ ଅବସରରେ ମଙ୍ଗଳବାର ବଡ଼ଗଡ଼ ଗ୍ରାମର ଗଣେଶ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ପ୍ରଥମେ ରାଜ୍ୟପାଳ ବଡଗଡ଼ ଗ୍ରାମରେ ପହଞ୍ଚିବା ପରେ ଶହୀଦ ପଦ୍ମନାଭ ଛୋଟରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ରାଜ୍ୟପାଳଙ୍କ ଜନ୍ମଦିନ ଉଦ୍ଦେଶ୍ୟରେ ୮୨ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ବଡ଼ଗଡ଼ ଗଣେଶ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ୫୫ଫୁଟର ଶ୍ରୀଗଣେଶଙ୍କୁ ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ। ଜର୍ମାନ ହାଙ୍ଗର ସେଡ ମଣ୍ଡପକୁ ରାଜ୍ୟପାଳ ଯିବା ସହିତ ସଙ୍ଗୀତ ମହାକୁମ୍ଭ ଆରମ୍ଭ ଅବସରରେ ରାଜ୍ୟପାଳ କେକ୍ କାଟିଥିଲେ। ୫୫ଫୁଟର ଶ୍ରୀଗଣେଶଙ୍କ ମୂର୍ତ୍ତି ପାଇଁ ବ୍ରାଇଟ ଷ୍ଟାର ୟୁଥ ଆସୋସିଏଶନ ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ସହ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ଖଦୀ ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଯୋଗଦେଇଥିଲେ। ସଭାରେ ଅମିତାଭ ମହାନ୍ତି ସଭାପତିତ୍ୱ କରିଥିଲେ। ବଡଗଡ଼ ଗ୍ରାମର ମୁରବୀ ଦିଲୀପ ହାଲି, ଆଡଭୋକଟ ଶରତ କୁମାର ଗଜେନ୍ଦ୍ର, ସମ୍ପାଦକ ସଂଗ୍ରାମ ମାର୍ଥା, ଉମା ଶଙ୍କର ପଟ୍ଟନାୟକ, ରାଣା ପ୍ରତାପ ପାତ୍ର, ଗଣେଶ ମହୋତ୍ସବର ସଭ୍ୟ କୁମାରେଶ ବେଉରା, ବାପି ବେଉରା, ସୌମ୍ୟ ରଞ୍ଜନ ସେଠୀ. ଦେବାଶିଷ ନାୟକ ଦେବରାଜ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଦିତ୍ୟ ଗଜେନ୍ଦ୍ର ଧନ୍ୟବାଦ ଦେଇଥିଲେ। ଏହାପରେ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ ଗ୍ରୁପ ମେଲୋଡି ପରିବେଷଣ କରିଥିଲେ। ସେହିପରି ବଢେଇବାଙ୍କ ଛକ ନିକଟ ଏକାମ୍ର ରାଜା ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଡପରେ ଆଳତି କରିବା ସହ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ କୁନି କୁନି ସେବାୟତଙ୍କ ଗହଣରେ ରାଜ୍ୟପାଳଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କମିଟି ସଭାପତି ଅମୀୟ ଦାଶ ଏବଂ ବହୁ କର୍ପୋରେଟର ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ରୟାଲ କ୍ଲବ, ରାମମନ୍ଦିର ଛକ

## ସବୁଠି ଅଗ୍ରପୂଜ୍ୟଙ୍କ ଆବାହନ


ଶହୀଦନଗର ୱିନର ଆସୋସିଏଶନ


ଆର୍‌ସିସି କ୍ଲବ



କଳିଙ୍ଗନଗର ୟୁଥ ଆସୋସିଏଶନ


ଶ୍ରୀ ଶ୍ରୀ ସିଦ୍ଧିବିନାୟକ ୟୁଥ ଆସୋସିଏଶନ, ଆଦିବାସୀ ପଡ଼ିଆ ନିକଟ



ବଢ଼େଇବାଙ୍କଛକ, ଓଲ୍ଡ ଟାଉନ


ଭୀମେଶ୍ୱର ଯୁବ ପରିଷଦ, ଭୀମଟାଙ୍ଗୀ


ବାପୁଜୀନଗର ଯୁବ ମହାସଂଘ


ବଡ଼ଗଡ଼ ବ୍ରାଇଟ୍‌ଷ୍ଟାର କ୍ଲବ


ଶୈଳଶ୍ରୀବିହାର ତଳପଡ଼ିଆ ଗଣେଶ ପୂଜା କମିଟି


ଶହୀଦନଗର ଶହୀଦ କ୍ଲବ


ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର


ଭୁବନେଶ୍ୱର ନ୍ୟୁଜପେପର ସପ୍ଲାୟର୍ସ ଆସୋସିଏଶନ, ମାଷ୍ଟରକ୍ୟାଣ୍ଟିନ୍


ଭୁବନେଶ୍ୱର ଖବରକାଗଜ ବିକ୍ରେତା ସମନ୍ୱୟ ସଂଘ, ୟୁନିଟ୍-୮

# ସବୁଠି ଅଗ୍ରପୂଜ୍ୟଙ୍କୁ ଆବାହନ


ଖୋର୍ଦ୍ଧା ନବୀନବାଗ ବକ୍ସି ଜଗବନ୍ଧୁ କ୍ଲବ।


ଜଟଣୀ ବଡ଼ବଜାର ବ୍ୟବସାୟୀ ସଂଘ ପୂଜା କମିଟି।


ବାଲୁଗାଁ ପାଟଣାସାହି କଣ୍ଢେଇ କ୍ଲବ।


ଜଟଣୀ ରାଜାବଜାର ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ଜଟଣୀ ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟି।


ବୋଲଗଡ ଗଡ଼ଭିତର ରାମଚଣ୍ଡୀ ସାହି।


ଜଟଣୀ ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ନିରାକାରପୁର।


କୃଷ୍ଣପ୍ରସାଦ: ମାଲୁଦ ରାଜାବଜାର ବ୍ୟବସାୟୀ ସଂଘ।


ଖୋର୍ଦ୍ଧା ଗୁରୁଜଙ୍ଗ ସୂର୍ଯ୍ୟନଗର ସିଦ୍ଧି ବିନାୟକ ପୂଜା କମିଟି।


ଟାଙ୍ଗୀ ବିଶ୍ୱେଶ୍ୱର ଓ୍ୱାରିୟର ପୂଜା କମିଟି।

# ବିଘ୍ନବିନାଶନଙ୍କୁ ଆରାଧନା



ନିଶ୍ଚିନ୍ତକୋଇଲି ମହାବୀର କ୍ଲବ୍ ପକ୍ଷରୁ ପୂଜା ପାଉଥିବା ୨୫ ଫୁଟର ବାଲାଜୀ ଗଣେଶ ମୂର୍ତ୍ତି।



କଟକ ଖାନନଗର ତ୍ରିରଙ୍ଗା କ୍ଲବ୍।



ସିଡିଏ ସେକ୍ଟର-୯ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।



ନୂଆପଡ଼ା ପ୍ରେସ୍ କଲୋନୀସ୍ଥିତ ଜିନିୟାଲ୍ ଫ୍ରେଣ୍ଡସ୍ କ୍ଲବ୍।



ଚୌଧୁରୀ ବଜାରସ୍ଥିତ ମଠସାହି ବାପୁଜୀ କ୍ଲବ୍।



ପୋତାପୋଖରୀ ସଂଗ୍ରାମ କ୍ଲବ୍।



ଯୋବ୍ରା ମଝି ସାହି ସ୍ମାଇଲ୍ କ୍ଲବ୍।



କାଳୀଗଳି ହାଇକୋର୍ଟ କଲୋନୀ।



ବଡ଼ମ୍ବା ଡେଭିସ୍ କ୍ଲବ୍।



ଚୌଦ୍ୱାର ଓଟିଏମ୍ ଦୁର୍ଗା ବଜାର।



ନୂଆପଡ଼ା ପ୍ରେସ୍ କଲୋନୀ ଦିବ୍ୟଜ୍ୟୋତି କ୍ଲବ୍।



ଯୋବ୍ରା ଜୟ ହନୁମାନ କ୍ଲବ।



ରାଣୀହାଟ ଶିରିଡିସାଇ କ୍ଲବ୍।



ଖୁଣ୍ଟୁଣୀ



ସାଲେପୁର ତେନ୍ତୋଳ ଗ୍ରାମରେ ଧାନରେ ନିର୍ମିତ ମୂର୍ତ୍ତି।



ଟାଙ୍ଗୀ ଡ୍ରିମ୍ସ କଲେଜ।




ଆଠଗଡ଼ ପଦ୍ମ ସାହି।



ବାଙ୍କୀ ସିଂହନାଥ ଦେବ ପୀଠରେ ଗଣେଶ ପୂଜା।

# ଅଗ୍ରପୂଜ୍ୟଙ୍କ ଆରାଧନା


ପୁରୀ ମରୀଚିକୋଟ ଛକସ୍ଥିତ ଅଶୋକ ଗଣପତି ସଂଘ ପକ୍ଷରୁ ଆୟୋଜିତ ଗଣେଶ ପୂଜା ।


ବିଶ୍ୱରୂପ ପଟ୍ଟନାୟକଙ୍କ ଦ୍ୱାରା ହଳଦୀରେ ପ୍ରସ୍ତୁତ ଗଣେଶ ।


ପୁରୀ ଦୀନବନ୍ଧୁ ବଜାରସ୍ଥିତ ବିନାୟକ ସଂଘ ।


ଅଠରନଳା ଭଗବତୀ ବିଦ୍ୟାନିକେତନ ପରିସରରେ ଆୟୋଜିତ ପୂଜାରେ ଉପସ୍ଥିତ ଛାତ୍ରୀଛାତ୍ର ।


ପେଣ୍ଠକଟାସ୍ଥିତ ମଙ୍ଗଳମୁଖୀ ମହାବୀର ସଂଘ ।


ବୀରପୁରୁଷୋତ୍ତମପୁର ୟୁଥ କ୍ଲବ ।


ପୁରୀ ମାର୍କେଟଛକସ୍ଥିତ ନୀଳଗିରି ଚାର ଗଣେଶ ଗୁରୁଜ ସଂଘ ।


ପିପିଲି ମହାରାଜା ଯୁବକ ସଂଘ ।


ପୁରୀ ମୋତିଚାନ୍ଦ ବଜାର ଗଣପତି ସମିତି ।


ପୁରୀ ସାଗରିକା ଘାଟ ବିଚ୍ ଫଟୋଗ୍ରାଫର ସଂଘ ।


କାକଟପୁର ଗଣେଶ ବଜାର ପୂଜା କମିଟି ।


ତେଲାଙ୍ଗ ବଜାର ବିନାୟକ ସଂଘ ପୂଜା କମିଟି ।


ପୁରୀ ପେଣ୍ଠକଟା ବଜାର ସଂଘ ।


କୋଣାର୍କ ବସ୍ଷ୍ଟାଣ୍ଡ ଗଣେଶ କମିଟି ।

# ବଡ଼ପରଦାକୁ ଆସିଲା 'ପୁଷ୍କରା'

## ୩ ବର୍ଷ ପରେ ସବ୍ୟସାଚୀଙ୍କ କମ୍‌ବ୍ୟାକ୍

ଭୁବନେଶ୍ୱର,୧୯।୯
(ଶର୍ମିଷ୍ଠା ପାଣିଗ୍ରାହୀ)



ଗଣେଶ ପୂଜାରେ ମଙ୍ଗଳବାର ମୁକ୍ତିଲାଭ କରିଛି ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'। ପ୍ରଥମ ଦିନରେ ହାଉସ୍‌ଫୁଲ୍ ସହ ଏହା ସଫଳତାର ଯାତ୍ରା ଆରମ୍ଭ କରିଛି। ମୌଳିକ କାହାଣୀକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରରେ ଅଭିନେତା ସବ୍ୟସାଚୀଙ୍କୁ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଛି। ଏପରିକି ପ୍ରଥମ ଦିନରେ ସବ୍ୟସାଚୀ ଓ ତାଙ୍କ ଟିମ୍‌କୁ ହଲ୍‌ରେ ସିଟ୍ ମିଳି ନ ଥିଲା। 'ପୁଷ୍କରା'ରେ ସବ୍ୟସାଚୀଙ୍କ ସହ ପ୍ରଥମ ଥର ପାଇଁ ସୁପ୍ରିୟା ଅଭିନୟ କରିଥିବାବେଳେ ଚୌଧୁରୀ ବିକାଶ ଦାସ ଓ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତରଙ୍ଗ ସିନେ ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର କଥାବସ୍ତୁ ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ଏହାର କାହାଣୀ ମୃତ୍ୟୁ ପରେ ପୁଷ୍କର ଛଡ଼ାଇବା ପରମ୍ପରା ଉପରେ ପର୍ଯ୍ୟବସିତ। ଦେବୀଦତ୍ତ ମହାନ୍ତି 'ପୁଷ୍କରା'ର ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି। ସିନେମାଟୋଗ୍ରାଫର୍ ଶୁଭ୍ରାଂଶୁ ଦାଶ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ରମେଶ ବାରିକ ଏହାର ନିର୍ମାତା ଓ ବିଭୂତି ଭୂଷଣ ଗଡ଼ନାୟକ ସଙ୍ଗୀତକାର। ୩ବର୍ଷ ପରେ ଏହି ଚଳଚ୍ଚିତ୍ର ମାଧ୍ୟମରେ ସବ୍ୟସାଚୀ କମବ୍ୟାକ୍ କରିଛନ୍ତି। 'ପୁଷ୍କରା' ତାଙ୍କ କ୍ୟାରିଅରକୁ ନୂଆ ମୋଡ଼ ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ସ୍କୁଲରେ ଫିକା ପଡ଼ିଲା ଗଣେଶପୂଜା

## ଧାରଣାସ୍ଥଳରେ ପୂଜାର୍ଚ୍ଚନା

ଭୁବନେଶ୍ୱର, ୧୯।୯(ଅସମାପିକା ସାହୁ)

ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ମଙ୍ଗଳବାର ସ୍କୁଲଗୁଡ଼ିକରେ ଗଣେଶପୂଜା ଫିକା ପଡ଼ିଛି। କେତେକ ସ୍କୁଲରେ କେବଳ ଗଜାନନଙ୍କ ଫଟୋ ରଖି ପୂଜାର୍ଚ୍ଚନା କରାଯାଇଥିବା ବେଳେ ଅଧିକାଂଶ ସ୍କୁଲରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ତେଣୁ ଛାତ୍ରୀଛାତ୍ର ନିରାଶ ହୋଇ ଘରକୁ ଫେରିଥିଲେ। ସେପଟେ ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ନ ଯାଇ ଆନ୍ଦୋଳନସ୍ଥଳରେ ଗଣେଶଙ୍କୁ ଆରାଧନା କରିଥିଲେ। ଜିଦ୍‌ରେ ଅଟଳ ଥିବା ଶିକ୍ଷକମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ମଙ୍ଗଳବାର ୧୨ଦିନରେ ପହଞ୍ଚିଛି। ସୋମବାର ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଶିକ୍ଷକଙ୍କ ଦାବି ସମ୍ପର୍କରେ ଆଲୋଚନା କରାଯାଇ ଆନ୍ଦୋଳନରୁ ଓହରିଯିବା ପାଇଁ ସରକାର ଅନୁରୋଧ କରିଥିଲେ। ଏହାପରେ ଦୁଇଟି ସଂଘ ଆନ୍ଦୋଳନରୁ ଓହରିଯାଇଥିଲେ ମଧ୍ୟ ବାକି ୮ଟି ସଂଘ ଏବେ ବି ଆନ୍ଦୋଳନ ଜାରି ରଖିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକମାନେ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। ଯେପର୍ଯ୍ୟନ୍ତ ସରକାର ଶିକ୍ଷକ ସଂଘର ଦାବିଗୁଡ଼ିକୁ ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଆନ୍ଦୋଳନ ବନ୍ଦ ହେବନାହିଁ ବୋଲି ଚେତାବନୀ ଦିଆଯାଇଛି।

# ଯୁବକଙ୍କୁ ଆକ୍ରମଣ କରି ଲୁଟ୍, ୨ ଗିରଫ

**ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା):** ଗାଡ଼ି ଧକ୍କାକୁ କେନ୍ଦ୍ର କରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହ ଗାଡ଼ି ଛଡାଇ ନେବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଢୁମୁଢୁମା ଅଞ୍ଚଳର ସୋମନାଥ ବାରିକ ଓ ଲକ୍ଷ୍ମୀ ନାରାୟଣ ସାହୁ। ତାଙ୍କଠାରୁ ଉକ୍ତ ବାଇକ ଓ ଗୋଟିଏ ସ୍କୁଟି ଜବତ ହୋଇଛି।












































See Career Appointment on every Wednesday & Saturday




Your classified advertisement published in Dharitri will be listed free in Dharitri online edition : www.dharitri.com









## ପ୍ରଥମ ପୃଷ୍ଠାରୁ...

### ମହାନଦୀ ମୁହାଣରେ ...

ସିଆଇଏସ୍ଏଫ୍, ଅଗ୍ନିଶମ ବିଭାଗ, କୋଷ୍ଟଗାର୍ଡ ହେଲିକପ୍ଟର, ମେରାଇନ ପୋଲିସ ପହଞ୍ଚି ଖୋଜାଖୋଜି ଜାରି ରଖିଛି । ରାତି ହୋଇଥିବାରୁ ତଲାସୀ କରିବାରେ ଅସୁବିଧା ହୋଇଛି। ଉକ୍ତ ବୋଟରେ ୫ ଦିନ ତଳେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ଲଘୁଚାପ ସୃଷ୍ଟି ଯୋଗୁଁ ଅପରାହ୍ନରେ ମାଛଧରା ବନ୍ଦର ପୋତାଶ୍ରୟକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସମୁଦ୍ର ଅଶାନ୍ତ ରହିବା କାରଣରୁ ମୁହାଣ ଅଞ୍ଚଳରେ ଅତ୍ୟଧିକ କରେଣ୍ଟ (ଅନ୍ତଃସ୍ରୋତ) ରହିଛି। ଏଥିଯୋଗୁ ବୋଟ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଲା ବୋଲି ବୋଟ୍ ଚାଳକ ଚକ୍ରଧର କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବୋଟ୍ ଚାଳକଙ୍କ ବ୍ୟତୀତ ଅନ୍ୟ କୌଣସି ମତ୍ସ୍ୟଜୀବଙ୍କ ପରିଚୟ ମିଳିପାରି ନାହିଁ।

### ପରିବାରର ସଞ୍ଚୟ ୫ ...

ଭଣ୍ଡାରୀ କହିଛନ୍ତି, ଗ୍ରାମାଞ୍ଚଳରେ ଲୋକଙ୍କ ମଜୁରି ହ୍ରାସ ପାଇଥିବା ବେଳେ ଅସ୍ଥାୟୀ ସାମଗ୍ରୀ ସକାଶେ ହେଉଥିବା ଖର୍ଚ୍ଚ ମଧ୍ୟ କମିଯାଇଛି। ଅଶୋଧିତ ତୈଳର ମୂଲ୍ୟ ବଢ଼ି ବ୍ୟାରେଲ ପିଛା ୯୫ ଡଲାର ହୋଇଯାଇଥିବାରୁ ତାହା ଖାଉଟି ପଦାର୍ଥକୁ ପ୍ରଭାବିତ କରିଚାଲିଛି। ଏଥିସହିତ କୃଷିଜାତ ସାମଗ୍ରୀ ପରିମାଣ ହ୍ରାସ ଗ୍ରାମାଞ୍ଚଳ ଚାହିଦା ଉପରେ ପ୍ରଭାବ ପକାଇବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

### ଗଣେଶ ପୂଜାରେ ...

ଦିଆଯାଇଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସେହିପରି ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତୋଟାଗୁମୁଡା ଗ୍ରାମରେ ସୋମବାର ସନ୍ଧ୍ୟାରେ ଗଣେଶ ପୂଜା ପେଣ୍ଡାଲରେ ମାଇକ ସଜାଡୁ ଥିବାବେଳେ ବିଦ୍ୟୁତ ଆଘାତରେ ଜେ. ଖଗେଶ (୨୮)ଙ୍କ ମୃତ୍ୟୁ ଘଟିଛି। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସଆଇ ବଳରାମ ବେହେରା, ଏଏସ୍ଆଇ ରବଣା ଏବଂ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

# ମୂର୍ତ୍ତି ବିସର୍ଜନ ବେଳେ କୁଆଖାଇରେ ଭାସିଗଲେ ଯୁବକ

ଭୁବନେଶ୍ୱର,୧୯।୯ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ସୋମବାର ରାତିରେ ଅଘଟଣ ଘଟିଛି। ବିଶ୍ୱକର୍ମା ମୂର୍ତ୍ତି ବିସର୍ଜନ ବେଳେ କୁଆଖାଇ ନଦୀରେ ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ସମ୍ପୃକ୍ତ ଯୁବକ ହେଲେ ଭୁବନେଶ୍ୱର ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା କେନ୍ଦ୍ରାପଡ଼ାର ପ୍ରଫୁଲ୍ଲ ବିଶ୍ୱାଳ। ମଞ୍ଚେଶ୍ୱର, ବାଲିଅନ୍ତା ଓ ପାହାଳ ଅଗ୍ନିଶମ ବାହିନୀ ନଦୀରେ ପଶି ଖୋଜାଖୋଜି କରିଥିଲେ ବି ୨୪ ଘଣ୍ଟା ପରେ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ । ସୂଚନାନୁଯାୟୀ, ପ୍ରଫୁଲ୍ଲ ଓ ତାଙ୍କର କେତେଜଣ ସାଙ୍ଗ ସୋମବାର ସନ୍ଧ୍ୟାରେ ମୂର୍ତ୍ତି ବିସର୍ଜନ କରିବା ପାଇଁ କୁଆଖାଇ ନଦୀକୁ ଯାଇଥିଲେ। ସେଠାରେ ମୂର୍ତ୍ତି ବିସର୍ଜନ ବେଳେ ହଠାତ ଅସାବଧାନତାବଶତଃ ପ୍ରଫୁଲ୍ଲ ନଦୀରେ ଭାସିଯାଇଥିଲେ। ଉପସ୍ଥିତ ଥିବା ସାଙ୍ଗମାନେ ଚିତ୍କାର କରି ଡାକିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡ଼ିଯିବା ସହ ଅଗ୍ନିଶମ ଟିମ୍‌କୁ ଖବର ଦେଇଥିଲେ। ଅଗ୍ନିଶମ ଟିମ୍ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ରାତି ଯୋଗୁ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲା। ଏପରକି ଅଗ୍ନିଶମ ଟିମ୍ ମଙ୍ଗଳବାର ନଦୀ ସାରା ପଇଁତରା ମାରି ଖୋଜାଖୋଜି କରିଥିଲେ ମଧ୍ୟ ପ୍ରଫୁଲ୍ଲଙ୍କୁ ଠାବ କରିବା ସମ୍ଭବ ହୋଇ ନ ଥିଲା।




















See Career
Appointment
on every
Wednesday & Saturday












# ଚୟନ ଟ୍ରାଏଲ୍‌ରୁ ଜିମ୍ନାଷ୍ଟ ରିତିକା ବଞ୍ଚିତ



ଖବରଦାତା ସମ୍ମିଳନୀରେ ରିତିକା ଦାସଙ୍କ ପରିବାରବର୍ଗ ଓ ଅନ୍ୟମାନେ।

- ଅଭିଯୋଗ ଆଣିଲେ ପରିବାରବର୍ଗ
- ଜାତୀୟ ସ୍ତରର ଖେଳାଳିଙ୍କୁ ଅଣଦେଖା

**ଭୁବନେଶ୍ୱର (ତପନ ସ୍ୱାଇଁ), କଟକ (ସୁପ୍ରିୟା ପ୍ରିୟଦର୍ଶିନୀ), ୧୯।୯**

କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କରିବାରେ ଦେଶରେ ଏକ ନମ୍ବର ରାଜ୍ୟ ପାଲଟିଛି ଓଡ଼ିଶା। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହେଉ କିମ୍ବା ବଡ଼ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ପାଇଁ ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଏହି ରାଜ୍ୟ। ମାତ୍ର ଏଠାରେ ଜଣେ ଜାତୀୟ ସ୍ତରର ଜିମ୍ନାଷ୍ଟ ପ୍ରତିଭାଙ୍କ ପ୍ରତି ଅଣଦେଖା କରାଯାଇଥିବା ନଜରକୁ ଆସିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ରାଜ୍ୟ ଚୟନ ଟ୍ରାଏଲ ପୁରୀରେ ୧୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଦିଲ୍ଲୀ ପବ୍ଲିକ୍ ସ୍କୁଲ ଏକାଦଶ ଷ୍ଟାଣ୍ଡାର୍ଡର ଛାତ୍ରୀ ତଥା ରାଜ୍ୟର ଅନ୍ୟତମ ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ରିତିକା ଦାସଙ୍କୁ ଏଥିରେ ଅଂଶଗ୍ରହଣର ସୁଯୋଗ ଦିଆଯାଇନାହିଁ। ଫଳରେ ସେ ଆଗାମୀ ଜାତୀୟ ପ୍ରତିଯୋଗିତାରେ ଭାଗନେବାରୁ ବଞ୍ଚିତ ହୋଇଛନ୍ତି ବୋଲି ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ଅଣାଯାଇଛି। ରିତିକାଙ୍କ ମା’ ତଥା ଜାତୀୟ ସ୍ତରୀୟ ଜିମ୍ନାଷ୍ଟିକ୍ ଜଜ୍ ମୀରାରାଣୀ ଦାସଙ୍କ ଅଭିଯୋଗ ଅନୁସାରେ ଗତ ୩ବର୍ଷ ହେଲା ତାଙ୍କ ଝିଅ କଟକ ଜିଲା ତରଫରୁ ସ୍କୁଲ ଗେମ୍ ଅଫ୍ ଫେଡେରେଶନ ଦ୍ୱାରା ଆୟୋଜିତ ଜିମ୍ନାଷ୍ଟିକ ଖେଳରେ ଜାତୀୟ ସ୍ତରରେ ଭାଗ ନେଇ ଆସୁଛନ୍ତି। ମାତ୍ର ଚଳିତ ବର୍ଷ ତାଙ୍କୁ ରାଜ୍ୟସ୍ତରୀୟ ଟ୍ରାଏଲରୁ ବଞ୍ଚିତ କରାଯାଇଛି। ଯେଉଁଥିପାଇଁ ଜାତୀୟ ସ୍ତରର ମନୋନୟନ ପ୍ରକ୍ରିୟାରୁ ରିତିକା ବାଦ୍ ପଡ଼ିଛନ୍ତି। ରିତିକା ୨୦୨୧-୨୨ରେ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିୟନ। ଏବେ ସେ କଳିଙ୍ଗ ଷ୍ଟାଡିୟମରେ ଥିବା ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସ ଜାରି ରଖିଛନ୍ତି। ସ୍କୁଲ ତରଫରୁ ସିବିଏସ୍‌ଇ ଗେମ୍‌ରେ ବି ଜାତୀୟ ସ୍ତରରେ ଭାଗ ନେଇ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଓପନ ନ୍ୟାଶନାଲ ୬ ଥର ଖେଳି ସାରିଛନ୍ତି। ମାତ୍ର ଚଳିତ ବର୍ଷ ଖେଳରୁ ବଞ୍ଚିତ କରାଯିବା କାରଣରୁ ତାଙ୍କ ଖେଳ ଭବିଷ୍ୟତ ଅନ୍ଧକାର ହେବା ନେଇ ଆଶଙ୍କା ଦେଖାଦେଇଛି। ଏହା ଯୋଗୁ ସେ ଅବସାଦ ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳ ଓ ଖେଳାଳିଙ୍କୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ଏବେ କ୍ରୀଡ଼ା ହବ୍ ପାଲଟିଛି। ଏଠାରେ ଉପଲବ୍ଧ ସୁବିଧା ସୁଯୋଗର ପ୍ରଶଂସାରେ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଶତମୁଖ। ମାତ୍ର କିଛି ଅଧିକାରୀଙ୍କ ଉଦାସୀନତା ଯୋଗୁ ଏପଟେ ରାଜ୍ୟର ଜଣେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ବଞ୍ଚିତ କରାଯିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିବା ପ୍ରଣତି ନାୟକ ନିକଟରେ ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ ମିଟ୍‌ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ରାକେଶ ପାତ୍ର ଚତୁର୍ଥ ସ୍ଥାନରେ ରହିଥିଲେ। ସେହି ସମାନ ସେଣ୍ଟରରେ ଅଭ୍ୟାସ କରୁଥିବା ରିତିକାଙ୍କ ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ ତାଙ୍କୁ କଟକ ଜିଲା ତରଫରୁ ସ୍କୁଲ ଗେମ୍ ଅଫ୍ ଫେଡେରେଶନ ଦ୍ୱାରା ଆୟୋଜିତ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରୁ ବଞ୍ଚିତ କରାଯାଇଛି। ପରିବାର ଓ ସ୍କୁଲ ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏଥିପ୍ରତି କର୍ଣ୍ଣପାତ କରାଯାଇନାହିଁ। ସ୍କୁଲ ତରଫରୁ ମଧ୍ୟ ରିତିକାଙ୍କୁ ସୁଯୋଗ ଦେବାକୁ କଟକ ଡିଇଓ ଏବଂ ଆଇପିଇଙ୍କୁ ବାରମ୍ବାର ଅନୁରୋଧ କରାଯିବା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କିଛି ଫଳ ହୋଇ ନ ଥିଲା। ରିତିକାଙ୍କୁ ଖେଳିବାରୁ ବଞ୍ଚିତ କରାଯିବା ପଛର କାରଣ କ’ଣ ପରିବାରବର୍ଗ ତା’ର ତଦନ୍ତ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରିତିକାଙ୍କ ବାପା ଯଶୋବନ୍ତ ଦାସ, ଦିଲ୍ଲୀ ପବ୍ଲିକ ସ୍କୁଲ ପିଇଟି ସମୀର ଜେନା, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଓ ଜିମ୍ନାଷ୍ଟିକ କୋଚ୍ ମହାଦେବ ସା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କଟକ ଡିଇଓ କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି, ରାଜ୍ୟରେ ୩୨ଟି ଗେମ୍ ଥିଲେ ହେଁ କଟକ ଜିଲାରେ ୧୯ଟି ଗେମ୍ ଅଛି। ଏହା ମଧ୍ୟରେ ଜିମ୍ନାଷ୍ଟିକ୍ସ ନାହିଁ। ତେଣୁ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ପିଲାମାନେ ଭାଗ ନେବା ପରେ ଆମେ ୨ଟି ଖେଳ ରେସଲିଂ ଓ ବକ୍ସିଂ ପାଇଁ ପ୍ରତିଯୋଗୀ ପଠାଇଥିଲୁ।

# ୧୯୯୬: ଶ୍ରୀଲଙ୍କାକୁ ଟାଇଟଲ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ଆଉ ଏକ ଏସୀୟ ରାଷ୍ଟ୍ର। ୧୯୮୧ରେ ପ୍ରଥମ କରି ଟେଷ୍ଟ ଖେଳୁଥିବା ରାଷ୍ଟ୍ରର ମାନ୍ୟତା ପାଇଥିବା ଶ୍ରୀଲଙ୍କା ଅର୍ଜୁନ ରଣତୁଙ୍ଗାଙ୍କ ନେତୃତ୍ୱରେ ସଫଳତାର ଶିଡି ଚଢିବା ସହିତ ଚାମ୍ପିୟନ ହୋଇଥିଲା। ଗୋଟିଏ ପଟେ ଦେଶ ମଧ୍ୟରେ ଗୃହଯୁଦ୍ଧ ଜାରି ରହିଥିବା ବେଳେ ପ୍ରଥମ ଆଇସିସି ଟ୍ରଫି ଜିତି ଶ୍ରୀଲଙ୍କା ଇତିହାସ ରଚିଥିଲା। ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ପ୍ରଥମ ଥର ପାଇଁ ୧୨ ଦଳ ଅଂଶଗ୍ରହଣ କରିଥିଲେ। ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୭ ମ୍ୟାଚ୍ ଖେଳାଯାଇଥିଲା। ସଚିନ ତେନ୍ଦୁଲକର ୫୨୩ ରନ୍ ସହିତ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ରହିଥିବା ବେଳେ ୧୫ ଉଇକେଟ ନେଇ

**ଦିନିକିଆ ବିଶ୍ୱକପ**





**ଆଉ ୧୫ ଦିନ**

ଅନିଲ କୁମ୍ବଲେ ହାଇଏଷ୍ଟ ଉଇକେଟ ଟେକର ବୋଲର ରହିଥିଲେ। ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ହରାଇଥିଲା ଶ୍ରୀଲଙ୍କା। ଅରବିନ୍ଦ ଡି ସିଲ୍‌ଭା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ସନଥ ଜୟସୂରିୟା ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଏହି ବିଶ୍ୱକପ୍ ସମୟରେ ଏଲ୍‌ଟିଟିଇ ଆତଙ୍କ କାରଣରୁ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ଶ୍ରୀଲଙ୍କା ଯିବାକୁ ମନା କରିଥିଲେ। ଫଳରେ ଉଭୟ ମ୍ୟାଚରେ ଶ୍ରୀଲଙ୍କାକୁ ୱାକଓଭର ମିଳିଥିଲା। ଗୋଟିଏ ବି ମ୍ୟାଚ୍ ଖେଳିବା ପୂର୍ବରୁ ରଣତୁଙ୍ଗାଙ୍କ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଥର ପାଇଁ ୯ ଟେଷ୍ଟ ଖେଳୁଥିବା ରାଷ୍ଟ୍ରଙ୍କ ସହିତ କେନିଆ, ନେଦରଲାଣ୍ଡ ଓ ୟୁଏଇ ମଧ୍ୟ ବିଶ୍ୱକପ୍‌ରେ ସାମିଲ ହୋଇଥିଲେ। ଗ୍ରୁପ୍ ଏ’ରୁ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଭାରତ ଓ ୱେଷ୍ଟଇଣ୍ଡିଜ୍ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଗ୍ରୁପ୍ ବି’ରୁ ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିଥିବା ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ୭ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୨୪୧ ରନ୍ କରିଥିଲା। ଅରବିନ୍ଦ ଡି ସିଲ୍‌ଭା(୧୦୭* ରନ୍, ୩ ଉଇକେଟ ଓ ୨ କ୍ୟାଚ)ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଶ୍ରୀଲଙ୍କା ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।












# ଚାଇନାଠାରୁ ଭାରତ ପରାସ୍ତ

**ହାଙ୍ଗଝୋ, ୧୯।୯**

ଚାଇନାର ହାଙ୍ଗଝୋଠାରେ ଏସିଆନ ଗେମ୍ସର ଉଦ୍‌ଘାଟନୀ ପୂର୍ବରୁ ମଙ୍ଗଳବାର ଆରମ୍ଭ ହୋଇଛି ପୁରୁଷ ଫୁଟବଲ ପ୍ରତିଯୋଗିତା। ଏଥିରେ ଭାରତର ଆରମ୍ଭ ଭଲ ହୋଇନାହିଁ। ପରାଜୟରୁ ଆରମ୍ଭ ହୋଇଛି ଭାରତର ଅଭିଯାନ। ନିଜର ପ୍ରଥମ ମ୍ୟାଚରେ ଚାଇନାଠାରୁ ଦଳ ୧-୫ ଗୋଲରେ ପରାଜିତ ହୋଇଛି। ମ୍ୟାଚର ୧୭ତମ ମିନିଟରେ ଚାଇନା ଅଗ୍ରଣୀ ହାସଲ କରିଥିଲା। କପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୧ ମିନିଟରେ ଭାରତର ରାହୁଲ କେ.ପି. ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୨୦୧୦ ନଭେମ୍ବର ୧୧ପରେ ଏସିଆନ ଗେମ୍ସରେ ଭାରତର ଏହା ପ୍ରଥମ ଗୋଲ ଥିଲା।

# ନିଶ୍ଚଲଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଯୁବ ଭାରତୀୟ ଶୁଟର ନିଶ୍ଚଲ ରିଓ ଡି’ ଜେନିରୋଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ମହିଳା ୫୦ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋମବାର ଥିଲା ଟୁର୍ନାମେଣ୍ଟର ଅନ୍ତିମ ଦିବସ। ଭାରତ ପାଇଁ ସେ ଦ୍ୱିତୀୟ ପଦକ ଆଣିଦେଇଥିଲେ। ଏହା ତାଙ୍କର ପ୍ରଥମ ସିନିୟର ବିଶ୍ୱକପ୍ ହୋଇଥିବାରୁ ଏହି ସଫଳତା ନେଇ ନିଶ୍ଚଲ ଖୁସି ଅଛନ୍ତି। ପ୍ରତିଯୋଗିତାର ଫାଇନାଲରେ ସେ ୪୫୮.୦ ସ୍କୋର ସହ ନରୱେର ଅଗ୍ରଣୀ ରାଇଫଲ ଶୁଟର ଜିନେଟ ହେଗ୍ ଡ୍ୟୁଷ୍ଟାଡଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଡ୍ୟୁଷ୍ଟାଡ ହେଉଛନ୍ତି ବର୍ତ୍ତମାନର ଏୟାର ରାଇଫଲ ୟୁରୋପିଆନ ଚାମ୍ପିୟନ ଏବଂ ୩୦୦ମିଟର ୩ପି ବିଶ୍ୱ ଚାମ୍ପିୟନ। ସେ ଆହୁରି ମଧ୍ୟ ୧୧ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ୫ ସ୍ୱର୍ଣ୍ଣ ସାମିଲ। ଟୋକିଓ ଅଲିମ୍ପିକ୍ସରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ